R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

30th ANNIVERSARY

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୨
ତିଥି: ଚତୁର୍ଦ୍ଦଶୀ
୨୫ ଅକ୍ଟୋବର ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

25 October 2026, Sunday

ରଙ୍ଗିନ ତରଙ୍ଗ ଟାବଲଏଡ ସହ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

## ୧୪୦ ବେଗରେ ମାଡ଼ ହେବ ଭୀଷଣ ବାତ୍ୟା

ଭୁବନେଶ୍ୱର, ୨୪ ।୧୦ (ସବ୍ୟୁ): ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଥିବା ଲଘୁଚାପ

**ଆଜି ଗଭୀର ଅବପାତ, ୨୬ରେ ବାତ୍ୟା**

**୨୮ରେ ବିଶାଖାପଟନମ-ବାପଟଲା ସ୍ଥଳଭାଗ ଛୁଇଁବ**

**କେନ୍ଦ୍ରୀୟ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଯିବ**

**୨୭ରୁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷିବ**



ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି । ୨୫ ତାରିଖରେ ଗଭୀର ଅବପାତ, ୨୬ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ । ଏହା ଆହୁରି ଶକ୍ତିଶାଳୀ ହେବା ସହିତ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଭୀଷଣ ବାତ୍ୟା ରୂପ ନେବ । ୨୮ ତାରିଖ ପୂର୍ବାହ୍ଣରେ ଏହାପରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର ଆନ୍ଧ୍ର ଉପକୂଳକୁ ସ୍ଥଳଭାଗ ଅତିକ୍ରମ କରିବ ବାତ୍ୟା ଅତିଭୀଷଣ ବାତ୍ୟା । ଆନ୍ଧ୍ର ଉପକୂଳର ବିଶାଖାପାଟନାମ ଏବଂ ବାପଟଲା ମଧ୍ୟରେ ଅତି ଭୀଷଣ ବାତ୍ୟା ଭାବେ ଅତିକ୍ରମ ସମ୍ଭାବନା ଅଛି । ସ୍ଥଳଭାଗ ଅତିକ୍ରମ ସମୟରେ ସର୍ବାଧିକ ସ୍ଥାୟୀ ପବନର ବେଗ ୧୧୫ରୁ ୧୨୫କିମି ଝଟକା ୧୪୦କିମି ରହିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ସ୍ପଷ୍ଟ କରିଛି ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଉପଗ୍ରହ ଓ ସ୍କାଟେରୋମିଟର ତଥ୍ୟରୁ ବାୟୁ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରକୁ ଘେରି ଘୂରୁଥିବା ଜଣାପଡ଼ିଛି । ପବନର ବେଗ ଘଣ୍ଟାକୁ ପ୍ରାୟ ୩୦-୫୦ (୯ ପୃଷ୍ଠାରେ)

## ବାତ୍ୟା ମୁକାବିଲା ଲାଗି ସରକାର ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪ ।୧୦ (ସବ୍ୟୁ): ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ ଛୁଇଁବ । ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ । ପ୍ରାୟ ୮୦ରୁ ୯୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାର




- ୫ ଜିଲ୍ଲାରେ ୨୮-୨୯ ତାରିଖ ସ୍କୁଲ କଲେଜ ଛୁଟି
- ୬୦ ଓଡ୍ରାଫ୍, ୧୭ ଏନ୍‌ଡିଆର୍‌ଏଫ୍, ୨୨୫ ଅଗ୍ନିଶମ ଦଳ ପ୍ରସ୍ତୁତ
- ବାକି ଜିଲ୍ଲାରେ ନିଷ୍ପତ୍ତି ନେବେ ଜିଲ୍ଲାପାଳ
- ଏଥର ବି ଜିରୋ କାଜୁଆଲଟି ହାସଲ କରିବୁ

ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବୋହିବ । ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଜିରୋ କାଜୁଆଲଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ।

ଶନିବାର ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରି (୯ ପୃଷ୍ଠାରେ)

## ଆଜି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ, ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର, ୨୪ ।୧୦ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (ରବିବାର) ଓଡ଼ିଶା ଆସିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ରାଜ୍ୟ ସରକାର ଏବଂ ଓଡ଼ିଶା ପୁଲିସର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏଥି ପାଇଁ ଭୁବନେଶ୍ୱର କମିସନରେଟ୍ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୋଦୀଙ୍କ ସୁରକ୍ଷା ପାଇଁ ରାଜଧାନୀରେ ୭୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ। ସୁରକ୍ଷା ଦାୟିତ୍ୱରେ ୨୨୩ ଜଣ ଏସ୍‌ଆଇ ଓ ଏଏସ୍‌ଆଇଙ୍କ ସହ ୭୧ ଜଣ ଆଇଆଇସି ରହିବେ । ଏହାସହ ୩୭ ଜଣ ଏଏସ୍‌ପି ଓ ଡିଏସ୍‌ପି, ୨୦ ଜଣ ଅତିରିକ୍ତ ଏସ୍ପି ଓ ଡିସିପି ପାହ୍ୟାର ଅଧିକାରୀ ମଧ୍ୟ ସୁରକ୍ଷା ଦାୟିତ୍ୱ ତୁଲାଇବେ।



ସେହିପରି ୧୦ ଜଣ ଏସ୍‌ପି, ଡିସିପି ଓ କମାଣ୍ଡାଣ୍ଟ ପାହ୍ୟାର ଅଧିକାରୀଙ୍କ ସହ ୩ ଜଣ ଡିଆଇଜି ପାହ୍ୟାର ଅଧିକାରୀ ନିୟୋଜିତ ହେବେ। ଜଣେ ଆଇଜି ପାହ୍ୟାର ଅଧିକାରୀ ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ଭୁବନେଶ୍ୱରରୁ ଜଟଣୀ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପ୍ରଧାନମନ୍ତ୍ରୀ ମୋଦୀ ଜଟଣୀର ଇନଫୋ ଭ୍ୟାଲି-୨୦ାରେ ନବନିର୍ମିତ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ 'ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର ସିକ୍ୟୁରିଟି ଟ୍ରେନିଂ ଇନଷ୍ଟିଚ୍ୟୁଟ୍'ର ଉଦ୍‌ଘାଟନ କରିବେ। ଗସ୍ତ ସୂଚୀ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ୨୫ ତାରିଖ ଅପରାହ୍ନରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଅସ୍ଥାୟୀ ହେଲିପ୍ୟାଡ୍ରେ ପହଞ୍ଚିବେ। ଏଥିପାଇଁ ୩ଟି ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ତୀବ୍ର କରିଦିଆଯାଇଛି।

## ଅରୁଣାଚଳ ସୀମାନ୍ତର ଦୁଇଟି ସେକ୍ଟର ସ୍ଥିତି ଅତି ସମ୍ବେଦନଶୀଳ

ନୂଆଦିଲ୍ଲୀ, ୨୪ ।୧୦ : ଅରୁଣାଚଳ ପ୍ରଦେଶର ବିଭିନ୍ନ ସୀମାନ୍ତ ଅଞ୍ଚଳରେ ଭାରତ ଓ ଚାଇନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବା ଜଣାପଡ଼ିଥିବା ପରେ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସୀମାନ୍ତ ଅସଫିଲା ଓ ଲଙ୍ଗଜୁ ସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସମ୍ବେଦନଶୀଳ ରହିଛି ।ବାସ୍ତବ ନିୟନ୍ତ୍ରଣ ରେଖା(ଏଲଏସି)କୁ ନେଇ ଭାରତ ଓ ଚାଇନା ମଧ୍ୟରେ ଭାବନା ଭିନ୍ନଭିନ୍ନ ରହିଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି । କିନ୍ତୁ ତୃଣମୂଳ ସ୍ତରରେ ସ୍ଥିତି ସ୍ଥିର ଓ ନିୟନ୍ତ୍ରଣ ମଧ୍ୟରେ ରହିଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ଅରୁଣାଚଳ ପ୍ରଦେଶର ତାକସିଙ୍ଗ ସର୍କଲ ମଧ୍ୟରେ



ଏହି ଦୁଇ ଅଞ୍ଚଳ ରହିଛି। ଏଠାରେ ଭାରତ ଓ ଚାଇନା ସୈନ୍ୟମାନେ ପ୍ୟାଟ୍ରୋଲିଂ ଅପରେସନ ବେଳେ ମୁହାଁମୁହିଁ ହେଉଥିବାରୁ ପର୍ଯ୍ୟାୟକ୍ରମେ ଉତ୍ତେଜନା ଦେଖିବାକୁ ମିଳୁଛି ।ଏହି ମୁହାଁମୁହିଁ ସ୍ଥିତି ଯୋଗୁ ଉକ୍ତ ଦୁଇ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଉପରେ ନିୟମିତ ନଜର ରଖିବାକୁ ପଡୁଛି। ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲେ ହେଁ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇନାହିଁ। ସେଠାରେ ନିୟୋଜିତ କମାଣ୍ଡର ସଂଯମତା ରକ୍ଷା କରି ସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିବା କୁହାଯାଇଛି ।ପ୍ରତିରକ୍ଷା ସୂତ୍ରରେ ଆହୁରି କୁହାଯାଇଛି ଯେ ମୁହାଁମୁହିଁ ସ୍ଥିତିକୁ ଦୂରେଇ ରଖିବା ପାଇଁ ଦୁଇ ଦେଶ ପକ୍ଷରୁ ସାମରିକ ବ୍ୟବସ୍ଥା ମାଧ୍ୟମ ଦ୍ୱାରା ଯୋଗାଯୋଗ କରାଯାଉଛି। ଫ୍ଲାଗ ମିଟିଂ ଠାରୁ ଆରମ୍ଭ କରି ହଟଲାଇନ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ସ୍ଥିତିର ମୁକାବିଲା କରାଯାଉଛି ସ୍ଥାନୀୟ ଉତ୍ତେଜନାକୁ ହ୍ରାସ କରିବା ଓ ସ୍ଥିତିକୁ ଅଧିକ ବିଗାଡ଼ିବାକୁ (୯ ପୃଷ୍ଠାରେ)

## ଦୁଇ ବିମାନ ମଧ୍ୟରେ ଧକ୍କା, ୪ ପାଇଲଟ ମୃତ

ନୂଆଦିଲ୍ଲୀ, ୨୪ ।୧୦ : ମଝି ଆକାଶରେ ବଡ଼ ଅଘଟଣ। ସେନା ବାହିନୀର ଦୁଇଟି ବିମାନ ପରସ୍ପର ସହ ମଝି ଆକାଶରେ ପିଟି ହୋଇଯାଇଛନ୍ତି। ଫିଲିପାଇନ୍ସର ଗୋଟିଏ ଏୟାରବେସ୍ରେ ଟ୍ରେନିଂ ଚାଲିଥିବା ବେଳେ ଏପରି ଘଟଣା ଘଟିଛି। ଏହି ମଝି ଆକାଶ ଅଘଟଣରେ ଦୁଇଟି ଯାକ ବିମାନରେ ଥିବା ୪ ପାଇଲଟଙ୍କ ମୃତ୍ୟୁ ଘଟିଛି। ସେହିପରି ଦୁଇଟି ଯାକ ବିମାନ ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାର ଭିଡିଓ ବି ସାମ୍ନାକୁ ଆସିଛି। ଫିଲିପାଇନ୍ସ ବାୟୁସେନାର ସୂଚନା ଅନୁସାରେ, ଦକ୍ଷଣ ମାନିଲାରେ ଥିବା ଫର୍ଣ୍ଣାଣ୍ଡୋ ଏୟାରବେସ୍‌ରେ ଗୋଟିଏ ଟ୍ରେନିଂ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ୨ଟି ଏଫଏଫ-୨୬୦ ସିଙ୍ଗଲ ପ୍ରୋପଲର ବିମାନ ସମେତ ଏକାଧିକ ବିମାନ ଭାଗ ନେଇଥିଲେ। ହେଲେ ଟ୍ରେନିଂ ସମୟରେ ହଠାତ୍ ଦୁଇଟି ବିମାନ ମଝି ଆକାଶରେ ଥିବା ବେଳେ ଘଟିଥିଲା ଅଘଟଣ।

ନିୟନ୍ତ୍ରଣ ହରାଇ ଦୁଇ ବିମାନ ମଧ୍ୟରେ ହୋଇଥିଲା ଧକ୍କା । ଆଉ ଏହାପରେ ଦୁଇଟି ଯାକ ବିମାନ ସ୍ଥଳ ଭାଗରେ ଖସିପଡ଼ିଥିଲା । ଏଥିଯୋଗୁ ଦୁଇ ବିମାନରେ ଥିବା ୪ ପାଇଲଟଙ୍କ ମୃତ୍ୟୁ ଘଟିଛି। ଏହା ଛଡ଼ା ଆଉ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରକୃତରେ କ'ଣ ପାଇଁ ଏତେ ବଡ଼ ଘଟଣା ଘଟିଲା, ସେକଥା ଜାଣିବା ପାଇଁ ଏବେ ବାୟୁସେନା ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ସେହିପରି ବାୟୁସେନାରେ ସେବା ଯୋଗାଉଥିବା ସମସ୍ତ ଏସଏଫ ୨୬୦ ବିମାନର ଉଡ଼ାଣକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି।

## ଇରାନ ଟାର୍ଗେଟରେ ଆମେରିକୀୟ କୂଟନୀତିଜ୍ଞ

ୱାସିଂଟନ, ୨୪ ।୧୦ : ଏକ ନୂତନ ଆମେରିକୀୟ ଗୁଇନ୍ଦା ରିପୋର୍ଟ ପ୍ରକାଶ କରିଛି ଯେ ମଧ୍ୟପ୍ରାଚ୍ୟରେ ଆମେରିକୀୟ କୂଟନୀତିଜ୍ଞ ଏବଂ ଅଧିକାରୀମାନଙ୍କୁ ଇରାନ ଟାର୍ଗେଟ କରୁଛି । ଆମେରିକୀୟ କୂଟନୀତିଜ୍ଞଙ୍କ ବିରୋଧରେ ଷଡ଼ଯନ୍ତ୍ର ଆଗେଇବାରେ ଲାଗିଛି। ଆକ୍ସିଓସ୍ ଆହୁରି ରିପୋର୍ଟ କରିଛି ଯେ ଏହି ଗୁଇନ୍ଦା ମେମୋ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ପାଖକୁ ପଠାଯାଇଛି।

ଆମେରିକୀୟ ଅଧିକାରୀମାନେ ଏହା ମଧ୍ୟ ଭୟ କରୁଛନ୍ତି ଯେ, ୟେମେନରେ ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରବ ସହିତ ଅନ୍ୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିପାରନ୍ତି। ପୂର୍ବରୁ



ଆମେରିକୀୟ ବୈଦେଶିକ ବିଭାଗ କହିଥିଲା ଯେ, ସାଉଦି ଆରବରେ ଥିବା ଅଣ-ଜରୁରୀକାଳୀନ କର୍ମଚାରୀ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଥିବା ନିଜର ଅନେକ ଦୂତାବାସରୁ କର୍ମଚାରୀମାନଙ୍କୁ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଫେରିବାକୁ ନିର୍ଦ୍ଦେଶ ଜାରି ହୋଇଛି।

ଆମେରିକାର ଷ୍ଟେଟ ଡିପାର୍ଟମେଣ୍ଟ ମୁଖପାତ୍ର ଟମି ପିଗଟ୍ ସ୍ପଷ୍ଟ ଭାବରେ ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏହି ସୂଚନା (୯ ପୃଷ୍ଠାରେ)

## ୯୨ ଲକ୍ଷ ଠକେଇ, ସାଇବର ଠକ ଗିରଫ

ଭୁବନେଶ୍ୱର, ୨୪ ।୧୦ (ସବ୍ୟୁ) : ଦିଗୁଣ ଲାଭ ପ୍ରତିଶ୍ରୁତି ଦେଇ ୯୨ ଲକ୍ଷ ଠକି ନେଇଥିବା ଜଣେ ସାଇବର ଠକ ପ୍ରୀତମ ନାୟକ ଓରଫ ବାବୁଲା (୨୯) କୁ ସାଇବର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଗିରଫ ପ୍ରୀତମ୍ ଚାଇନିଜ୍ ସାଇବର ଠକକୁ ବ୍ୟାଙ୍କ ଆକାଉଣ୍ଟ ଯୋଗାଉଥିଲା । ଭଦ୍ରକ ନେଟୱାର୍କର ମୁଖ୍ୟ ଏଜେଣ୍ଟ ଭାବେ ସେ କାମ କରୁଥିବା ପୋଲିସ କହିଛି ।

ଗତ ଜୁଲାଇ ୧ ତାରିଖରେ ଫେସ୍‌ବୁକ୍ ଓ ପରେ ଫିନ୍‌ସଲ ଇନ୍‌ସାଇଡ୍ସ ଏକ୍ସଚେଞ୍ଜ୍ ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଅଭିଯୋଗକାରୀଙ୍କୁ ଦ୍ୱିଗୁଣ ଲାଭ ଲୋଭ ଦେଖାଇଥିଲେ ସାଇବର ଠକ । ଠକମାନଙ୍କ କଥାରେ ପଡି ସେ ନିଜ ବ୍ୟାଙ୍କ ଆକାଉଣ୍ଟରୁ ୯୨ ଲକ୍ଷ ଟଙ୍କା ନିବେଶ କରିଥିଲେ । ଟଙ୍କା ପଠାଇବା ପରେ ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଥିଲା । ଠକେଇର ଶିକାର ହୋଇଥିବା ସେ ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା ।

ଠକେଇ ହୋଇଥିବା ଟଙ୍କା ଶୈଳେଶ୍ରୀ ବିହାର ସ୍ଥିତ ଏକ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ତଦନ୍ତରୁ ଜଣାପଡିଥିଲା । ଯାଞ୍ଚ କରିବାରୁ ଭଦ୍ରକରୁ ଅପରେଟ୍ ହୋଇଥିବା ଏକ ବିରାଟ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ନେଟୱାର୍କର ପର୍ଦ୍ଦାଫାସ ହୋଇଥିଲା। ସାଧାରଣ ଲୋକଙ୍କୁ କମିଶନ ଦେଇ ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ରାଜ୍ୟ ବାହାରର (୯ ପୃଷ୍ଠାରେ)

### ଉନବିଂଶତମ ଅର୍ବାନ ମୋବିଲିଟି ଇଣ୍ଡିଆ ସମ୍ମିଳନୀ

## ସାର୍ବଜନୀନ ପରିବହନର ପ୍ରୋତ୍ସାହନ ଲାଗି ଗଣଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୪ ।୧୦ (ସବ୍ୟୁ) : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଆଜି ଭୁବନେଶ୍ୱରରେ ଚାଲିଥିବା ଉନବିଂଶତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ (ୟୁଏମଆଇ) ସମ୍ମିଳନୀ-୨୦୨୬ର ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଧ୍ୟକ୍ଷତା କରିଛନ୍ତି । "ଆଚରଣଗତ ପରିବର୍ତ୍ତନ ଏବଂ ଗଣଯୋଗାଯୋଗ-ଜନସଚେତନତା ମାଧ୍ୟମରେ ପରିବହନ ସାଧନରେ ପରିବର୍ତ୍ତନକୁ ପ୍ରୋତ୍ସାହନ" ବିଷୟବସ୍ତୁ ଉପରେ ଏହି ଅଧିବେଶନ ଆୟୋଜନ କରାଯାଇଥିଲା।




ଏଡିଜି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ସାଧାରଣ ଯାତ୍ରୀମାନଙ୍କର ଘରୋଇ ବାହନ ଉପରେ ନିର୍ଭରଶୀଳତା କମ୍ କରିବା ଏବଂ ଦୀର୍ଘସ୍ଥାୟୀ ସାର୍ବଜନୀନ ପରିବହନ ପ୍ରଣାଳୀର ଅଧିକରୁ ଅଧିକ ବ୍ୟବହାର ନିମନ୍ତେ ସେମାନଙ୍କୁ ସଚେତନ କରିବା ଲାଗି ରଣନୀତିକ ଗଣଯୋଗାଯୋଗ ଏବଂ ନିରନ୍ତର ଆଚରଣଗତ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଜରୁରୀ । ଏହି ପରିବର୍ତ୍ତନ ଲାଗି ଜନସାଧାରଣଙ୍କୁ ନିରନ୍ତର ଭାବେ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ବହୁ ବିଶେଷଜ୍ଞ ସାମିଲ ହୋଇଥିଲେ। ସେମାନଙ୍କୁ ସମ୍ବୋଧିତ କରି ଶ୍ରୀ (୯ ପୃଷ୍ଠାରେ)

## ବାତ୍ୟା ଆଶଙ୍କାରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଘୁଞ୍ଚିଲା

ଭୁବନେଶ୍ୱର, ୨୪ ।୧୦ (ଚଳିତ ମାସ ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କର ପ୍ରସ୍ତାବିତ ଦୁଇ ଦିନିଆ ଓଡ଼ିଶା ଗସ୍ତ ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମକୁ ବଦଳାଯାଇଛି। ସାମ୍ଭାବ୍ୟ ବାତ୍ୟାକୁ ନେଇ ୨୮ ଓ ୨୯ ଅକ୍ଟୋବର ପରିବର୍ତ୍ତେ ଆସନ୍ତା ନଭେମ୍ବର ୪ ଓ ୫ ତାରିଖ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସରକାରୀ ଭାବେ କୁହାଯାଇଛି। ଏନେଇ ବିଧିବଦ୍ଧ ଭାବେ ସୂଚନା ଜାରି କରାଯାଇଛି। ରାଷ୍ଟ୍ରପତି ଭବନରୁ ଚିଠି ଆସିଥିବା ଜଣାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ଅକ୍ଟୋବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ, ମହତାବ ଭବନ ଓ ସଞ୍ଜୀବ ନେତ୍ରାଳୟରେ ବହୁ ବିଶେଷଜ୍ଞ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହେବାକୁ ଥିବା ଶିବିର ଆସନ୍ତା ୧ ରୁ ୪ ନଭେମ୍ବର ପର୍ଯ୍ୟନ୍ତ ହେବ ବୋଲି ସୂଚନା ମିଳିଛି।

## ନଭେମ୍ବର ୭ ଯାଏଁ କୃଷି ଅଧିକାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୪ ।୧୦ (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ଉପରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନଜର ରଖାଯାଇଛି ଏବଂ ଆବଶ୍ୟକୀୟ ପ୍ରସ୍ତୁତି ମଧ୍ୟ ଜାରି ରହିଛି । ସମସ୍ତ କୃଷି ଅଧିକାରୀଙ୍କୁ ଜିଲ୍ଲା ମୁଖ୍ୟାଳୟ ଛାଡ଼ି ନଯିବାକୁ ପରାମର୍ଶ ଦିଆଯିବା ସହ ସେମାନଙ୍କ ଛୁଟି ଆସନ୍ତା ୨୫ ଅକ୍ଟୋବର ଠାରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି ।

ସମ୍ଭାବ୍ୟ ବାତ୍ୟା ଓ ଅବପାତ ଜନିତ ମାତ୍ରାଧିକ ବୃଷ୍ଟିପାତର ପରିଚାଳନା ସମୀକ୍ଷା ଆଜି କୃଷି ଭବନ ସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ଉପସ୍ଥିତ ରହି ଏହି ଦୁର୍ଦ୍ଦିନରେ ଚାଷୀଭାଇମାନଙ୍କ ପାଖରେ ଠିଆ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଏବେ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ଭୟଭୀତ ନ ହୋଇ ନିକଟସ୍ଥ କୃଷି ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତୁ ଏବଂ ନିଜ ଫସଲର ସୁରକ୍ଷା କରନ୍ତୁ ।

ଏହି ସମୀକ୍ଷା ବୈଠକରେ କୃଷି

**ଆଜିଠୁ କୃଷି ବିଭାଗ କଣ୍ଟ୍ରୋଲ ରୁମ୍ ଖୋଲା**

**ଟୋଲ ଫ୍ରି ନମ୍ବର ୧୫୫୩୩୩ ଜାରି**

**ଚାଷୀମାନେ ଭୟଭୀତ ନହୋଇ କୃଷି ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ**

ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧଭ, ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ଭାରତୀୟ ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାନ୍ତି, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଯୋଗଦେଇଥିଲେ । ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ମୃତ୍ତିକା ସଂରକ୍ଷଣ ଅଧିକାରୀ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ ।

ପରିସ୍ଥିତି ଉପରେ କଡ଼ା ନଜର ରଖିବା ଏବଂ ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନ ଓ ସମସ୍ୟାର ସମାଧାନ ପାଇଁ କୃଷି ବିଭାଗ ତରଫରୁ ଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଓ ଟୋଲ୍ ଫ୍ରି ନମ୍ବର ୧୫୫୩୩୩ ବ୍ୟବସ୍ଥା କରାଯାଇଛି । ଏହି ନମ୍ବର ଆସନ୍ତାକାଲି (ରବିବାର) ଠାରୁ କାର୍ଯ୍ୟକ୍ଷମ ରହିବ। ଚାଷୀ ଭାଇଭଉଣୀମାନେ (୯ ପୃଷ୍ଠାରେ)

## ଇତିହାସ

୧୨୯୬ - ମହାନ ସନ୍ଥ ଜ୍ଞାନେଶ୍ୱର ବାବା ସମାଧିରେ ଲୀନ ।
୧୮୮୧ - ସ୍ପେନ୍‌ର ମହାନ ଚିତ୍ରକର ପାବ୍ଲୋ ପିକାସୋଙ୍କର ଜନ୍ମ ।
୧୯୫୦ - ଚୀନର କୋରିଆ ଯୁଦ୍ଧରେ ଉତ୍ତର କୋରିଆକୁ ସମର୍ଥନ ।
୧୯୪୬ - ଭାରତର ପ୍ରଥମ ସ୍ୱଦେଶୀ ଟ୍ୟାଙ୍କ ବିଜୟନ୍ତର ବିକାଶ କରାଗଲା ।
୧୯୮୦ - ଉର୍ଦ୍ଦୁର ପ୍ରସିଦ୍ଧ ଶାୟର ସାହିର ଲୁଧିୟାନବୀଙ୍କ ଦେହାନ୍ତ ।
୧୯୮୩ - ଆମେରିକା ସେନାର ଗ୍ରେନାଡା ଦ୍ୱୀପ ଉପରେ କବଜା ।
୧୯୯୦ - ମେଘାଳୟର ସଂସ୍ଥାପକ ଓ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ୱିଲିୟମସନ୍ ଅପାଙ୍ଗ ସଙ୍ଗମାଙ୍କର ନିଧନ ।
୨୦୦୧ - ମାଇକ୍ରୋସଫ୍ଟର ନୂଆ ଅପରେଟିଂ ସିଷ୍ଟମ ୱିଣ୍ଡୋଜ୍ ଏକ୍ସପିର ଲଞ୍ଚ୍ ।
୨୦୦୫ - ହିନ୍ଦୀ ଲେଖକ ନିର୍ମଲ ବର୍ମାଙ୍କର ନିଧନ ।

## କୁମାର ପୂର୍ଣ୍ଣିମା

କୁମାର ପୂର୍ଣ୍ଣିମା ଓଡ଼ିଶାର ଏକ ବିଶେଷ ପର୍ବ । ଏହା କୁମାରୋତ୍ସବ ନାମରେ ମଧ ଜଣାଶୁଣା । ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ପୂର୍ଣ୍ଣିମା ଶରତ ଋତୁରେ ପଡୁଥିବାରୁ କେତେକ ସ୍ଥାନରେ ଏହାକୁ ଶରତ ପୂର୍ଣ୍ଣିମା ମଧ କୁହାଯାଏ । ଏହି ଦିନ ଠାରୁ ମାଆ ଗଜଲକ୍ଷ୍ମୀଙ୍କର ପୂଜା ମଧ ଆରମ୍ଭ ହୋଇଥାଏ । ଓଡ଼ିଶାରେ ଘରେଘରେ ସମସ୍ତେ ନୂଆ ପିନ୍ଧିବା ସହିତ ଝିଅମାନେ ଆଞ୍ଜୁଳି ଟେକି ଚନ୍ଦ୍ରଙ୍କର ପୂଜା କରିଥାଆନ୍ତି । ଏହି ଦିନ ଗାଁରେ ଉତ୍ସବ ପରିବେଶ ଦେଖିବାକୁ ମିଳିଥାଏ । ଝିଅବୋହୂମାନେ ଏକାଠି ହୋଇ ନୂଆ ପୋଷାକ ପିନ୍ଧି ପୁଚି ଖେଳ, ତାସ ଖେଳ ଭଳି ବିଭିନ୍ନ ଖେଳର ମଜା ନେଇଥାଆନ୍ତି । ସମସ୍ତେ ଏକାଠି ହୋଇ ଏହାକୁ ଖୁବ ଧୁମ ଧାମରେ ପାଳନ କରିଥାଆନ୍ତି । ଏହି ଦିନ କୁମାରୀ ଝିଅମାନେ ଚନ୍ଦ୍ରଙ୍କୁ ପୂଜା କରିବା ସହିତ ସୁନ୍ଦର ବର ପାଇବା ପାଇଁ ଓଷା କରିଥାଆନ୍ତି । ଏହି ଦିନ ଚଉରା ଆଗରେ ପିଢ଼ାରେ ଗୁଆ ରଖି ତା' ଉପରେ ଦୁବ ଘାସ, ଫୁଲ, ବରକୋଳି ପତ୍ର ଦେଇ ସଜାଯାଇଥାଏ । ଚଉରା ପାଖରେ ସ୍ଥାପନ କରାଯାଇଥିବା କଳସରେ ମଧ ଆମ୍ବଡାଳ, ଗୁଆ, ସିନ୍ଦୁର, ଚନ୍ଦନ ଇତ୍ୟାଦି ଦେଇ ଅନୁରୂପ ଭାବେ ସଜାଯାଇଥାଏ । ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର, କାକୁଡ଼ି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜା ମୁଗ, ସେଓ, ଚିନି ଇତ୍ୟାଦି ପଡ଼ି ଏକ ଚକଟା ପ୍ରସ୍ତୁତ କରାଯାଇଥାଏ । ଏହି ଚକଟାକୁ ଚାନ୍ଦ ଚକଟା କୁହାଯାଏ ।





## ସନ୍ତରଣରେ ନୂଆ ରେକର୍ଡ଼

୩୩ ବର୍ଷୀୟା ଆମେରିକୀୟ ମହିଳା ସନ୍ତରଣକାରୀ କ୍ୟାଥରିନ୍ ବ୍ରିଡ୍ କାଲିଫର୍ନିଆର ସମୁଦ୍ର କୂଳେ କୂଳେ ଏକ ଅସମ୍ଭବ କାମ କରି ଦେଖାଇଛନ୍ତି । ଯେଉଁଥିରେ ସେ ଶାର୍କ, ପ୍ରବଳ ଝଡ଼ ଏବଂ ଶକ୍ତିଶାଳୀ ଢେଉର ସାମ୍ନା କରି ମୋଟ ୧,୪୪୮ କିଲୋମିଟର ପଥ ସମୁଦ୍ରରେ ସନ୍ତରଣ କରି ଅତିକ୍ରମ କରିଛନ୍ତି ଗତ ଜୁଲାଇ ୧ ତାରିଖରେ ଓରେଗନ୍ ସୀମାନ୍ତରୁ ନିଜର ଏହି ସାହସିକ ଯାତ୍ରା ଆରମ୍ଭ କରିଥିବା କ୍ୟାଥରିନ୍ ପ୍ରତିଦିନ ପ୍ରାୟ ୧୬ ରୁ ୨୪ କିଲୋମିଟର ପର୍ଯ୍ୟନ୍ତ ପହଁରି ଅକ୍ଟୋବର ୧୯ ତାରିଖରେ ସାନ ଡିଏଗୋଠାରେ ପହଞ୍ଚିଥିଲେ । ଏହି ମୋଟ ୧୧୧ ଦିନର ଯାତ୍ରା ସମୟରେ ସେ ପ୍ରତିଦିନ ପ୍ରାୟ ପାଞ୍ଚ ଘଣ୍ଟା ଧରି ପାଣିରେ ବିତାଇଥିଲେ । ତାଙ୍କ ସହିତ ଏକ ୫୨ ଫୁଟ୍ ଲମ୍ବା ସହଯୋଗୀ ଡଙ୍ଗା ଓ ତାଙ୍କର ସମ୍ପୂର୍ଣ୍ଣ ଟିମ୍ ମଧ ରହିଥିଲା । ପୂର୍ବରୁ ଇଂଲିଶ ଚ୍ୟାନେଲ୍ ଏବଂ ନର୍ଥ ଚ୍ୟାନେଲ୍ ପାର୍ କରିସାରିଥିବା କ୍ୟାଥରିନ୍ ଏହି ଯାତ୍ରା ସମୟରେ ଜଳରେ ପ୍ଲାଷ୍ଟିକ ଆର୍ବଜନା ଓ ବହୁସଂଖ୍ୟାରେ ଭାସମାନ ବେଲୁନ୍ ଦେଖିବାକୁ ପାଇଥିଲେ । ଲୋକମାନେ ସାଧାରଣତଃ ଶାର୍କକୁ ଭୟ କରୁଥିବା ବେଳେ ପ୍ରକୃତରେ ମାନବ କାର୍ଯ୍ୟକଳାପ ହିଁ ସାମୁଦ୍ରିକ ପରିବେଶ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ସେ ମତ ଦେଇଛନ୍ତି । ତାଙ୍କର ଏହି ସଫଳତା ସମୁଦ୍ର ସଫା ରଖିବା ପାଇଁ ଅଧିକରୁ ଅଧିକ ଲୋକଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## ମଣିଷ ଶବରୁ ପ୍ରସ୍ତୁତ ହେବ ଖତ



ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ରାଜ୍ୟରେ ମୃତ୍ୟୁ ପରେ ମଣିଷ ଶରୀରକୁ ପୋଡିବା କିମ୍ବା ପାରମ୍ପରିକ ଭାବେ କବର ଦେବା ବଦଳରେ ତାହାକୁ କମ୍ପୋଷ୍ଟ ଖତରେ ପରିଣତ କରାଯାଉଛି । ଅର୍ଥାତ୍ ମୃତ ଶରୀରକୁ ଉର୍ବର ମାଟିରେ ପରିଣତ କରିବାର ଏକ ଅଭୂତ ଆଇନ ଏଠାରେ ପାସ୍ ହୋଇଛି । 'ହ୍ୟୁମାନ୍ କମ୍ପୋଷ୍ଟିଂ' ଭାବେ ଜଣାଶୁଣା ଏହି ସ୍ୱତନ୍ତ୍ର ପ୍ରକ୍ରିୟାରେ ମୃତଦେହକୁ ଏକ ସ୍ୱତନ୍ତ୍ର କଣ୍ଟେନର ଭିତରେ ନଡ଼ା ଏବଂ ଶୁଖିଲା ଘାସ ଆଦି ସାମଗ୍ରୀ ସହିତ ଯତ୍ନର ସହ ରଖାଯାଇଥାଏ । ଏହି କଣ୍ଟେନରଟି ଭିତରେ ବାୟୁଚଳାଚଳ କରିବାର ସୁବିଧା ରହିଥାଏ । ଯାହା ପ୍ରାକୃତିକ ଭାବେ ମାଇକ୍ରୋଅର୍ଗାନିଜମ୍ ବା ଅଣଜୀବମାନଙ୍କୁ ସକ୍ରିୟ କରି ଶରୀରକୁ ପ୍ରାକୃତିକ ଉପାୟରେ ଭାଙ୍ଗି ମାଟିରେ ପରିଣତ କରିବାରେ ସାହାଯ୍ୟ କରିଥାଏ । ଶରୀରର ଏହି ବିଘଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପାଇଁ ପ୍ରାୟ ୩୦ ଦିନ ସମୟ ଲାଗିଥାଏ । ଏଥିରୁ ବାହାରୁଥିବା ସାମଗ୍ରୀକୁ ବ୍ୟବହାରୋପଯୋଗୀ କରିବା ପୂର୍ବରୁ ଆଉ ୩୦ ଦିନ ପର୍ଯ୍ୟନ୍ତ ସେହି ଅବସ୍ଥାରେ ଛାଡ଼ିଦିଆଯାଇଥାଏ । ସବୁଠାରୁ ବଡ଼ କଥା ହେଲା, ଏହି ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହେଉଥିବା ମାଟିକୁ ଗଛ ଏବଂ ବୃକ୍ଷ ରୋପଣ କରିବାରେ ବ୍ୟବହାର କରାଯାଇପାରିବ । ଯାହା ଭବିଷ୍ୟତରେ କବରସ୍ଥାନ ପାଇଁ ଆବଶ୍ୟକ ହେଉଥିବା ଜମିର ପରିମାଣକୁ ବହୁ ପରିମାଣରେ କମାଇବା ସହିତ ପାରମ୍ପରିକ ଶବଦାହ ସମୟରେ ହେଉଥିବା ପ୍ରଦୂଷଣକୁ ମଧ ସମ୍ପୂର୍ଣ୍ଣ ରୂପେ ଏଡ଼ାଇବାରେ ସହାୟକ ହେବବୋଲି ପ୍ରଶାସନ ଯୁକ୍ତି ବାଢ଼ିଛି । ତେବେ ଏହି ଆଇନକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ନିୟମକାନୁନ୍ ଗୁଡ଼ିକୁ ତର୍ଜମା ଏବଂ ପ୍ରସ୍ତୁତ କରିବା ନିମନ୍ତେ ନ୍ୟୁ ସାଉଥ୍ ୱେଲ୍ସ ସରକାରଙ୍କୁ ପ୍ରାୟ ୧୮ ମାସ ପର୍ଯ୍ୟନ୍ତ ସମୟ ଲାଗିପାରେ ବୋଲି ଜଣାପଡ଼ିଛି ।

## ସୋସିଆଲ କୋଟ୍ସ



ସୁଶାନ୍ତ ସିଂ ରାଜପୁତଙ୍କର ଡିପ୍ରେସନର ଚିକିତ୍ସା ଚାଲିଥିଲା । ରିଆ ଚକ୍ରବର୍ତ୍ତୀ ମୋତେ କହିଥିଲେ କି ସୁଶାନ୍ତଙ୍କ ଦେହ ପୁଣି ଖରାପ ହେଉଛି, ତାଙ୍କୁ ଚିକିତ୍ସାର ଆବଶ୍ୟକତା ରହିଛି ।

ସ୍ମିତା ଜୟକର, ଅଭିନେତ୍ରୀ



ଏବେ ନିଜ ପାଇଁ ସମୟ କାଢୁଛି । ବର୍ତ୍ତମାନ ଆହୁରି ବିଶ୍ରାମ ନେବା ପାଇଁ ସମୟ ଦରକାର ଅଛି । ଧୀରେଧୀରେ ପରିବେଶ ସହିତ ଖାପ ଖୁଆଉଛି ।

ଅମିତାଭ ବଚ୍ଚନ, ଅଭିନେତା



ମୋତେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଧମକ ମିଳିନାହିଁ । ସେ ବିଷୟରେ ଯେତେବେଳେ ମୁଁ ଜାଣିବି ନିଶ୍ଚିନ୍ତ ଆପଣମାନଙ୍କୁ ଜଣାଇବି ।

ଅଦା ଶର୍ମା, ଅଭିନେତ୍ରୀ



## ସୁଟିଂକୁ ଫେରିବେ ଦୀପିକା

ଖୁବଶୀଘ୍ର ସୁଟିଂକୁ ଫେରିବେ ଦୀପିକା ପାଦୁକୋନ । ସୂଚନା ଅନୁସାରେ ଦୀପିକା ପାଦୁକୋନ ନିଜର ଦ୍ୱିତୀୟ କନ୍ୟା ସନ୍ତାନକୁ ଜନ୍ମ ଦେବାର ମାତ୍ର ୩୬ ଦିନ ପରେ ପୁଣି ଥରେ କାମକୁ ଫେରୁଛନ୍ତି । ଅକ୍ଟୋବର ୨୬ ରୁ ମୁମ୍ବାଇଠାରେ ଶାହରୁଖ ଖାନ୍‌ଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'କିଙ୍ଗ୍'ର ଏକ ଗୀତ ସୁଟିଂ ଦୀପିକା କରିବେବୋଲି ଜଣାପଡିଛି । ରିପୋର୍ଟ ଅନୁଯାୟୀ, ବୈଭବୀ ମର୍ଚ୍ଚାଣ୍ଟଙ୍କ ଦ୍ୱାରା କୋରିଓଗ୍ରାଫ୍ ହେବାକୁ ଥିବା ଏହି ଗୀତରେ ଏକାଧିକ କଳାକାର ନଜର ଆସିବେ । ସେହିଭଳି ଏହି ଫିଲ୍ମଟି 'ଓମ୍ ଶାନ୍ତି ଓମ୍', 'ଚେନ୍ନାଇ ଏକ୍ସପ୍ରେସ୍', 'ହାପି ନ୍ୟୁ ଇଅର୍', 'ପଠାନ୍' ଏବଂ 'ଜବାନ୍' ପରେ ଶାହରୁଖ ଓ ଦୀପିକାଙ୍କର ଏକାଠି ଷଷ୍ଠ ସିନେମା । ଗତ ସେପ୍ଟେମ୍ବର ୧୯ ରେ ଦୀପିକା ଏବଂ ରଣବୀର ସିଂହ ସେମାନଙ୍କର ଦ୍ୱିତୀୟ କନ୍ୟା 'ଦେବୀ 'ଙ୍କୁ ସ୍ୱାଗତ କରିଥିବା ବେଳେ, ସେମାନଙ୍କର ପ୍ରଥମ କନ୍ୟା 'ଦୁଆ' ସେପ୍ଟେମ୍ବର ୨୦୨୪ ରେ ଜନ୍ମଗ୍ରହଣ କରିଥିଲେ । ପ୍ରାୟ ୪୫୦ କୋଟି ଆକଳିତ ବଜେଟ୍‌ରେ ନିର୍ମିତ ହେଉଥିବା ଏହି ଆକ୍ସନ୍ ଥ୍ରୀଲର୍‌ରେ ସୁହାନା ଖାନ୍, ଅଭିଷେକ ବଚ୍ଚନ, ରାନୀ ମୁଖାର୍ଜୀ, ଅଭୟ ବର୍ମା, ଅର୍ଶଦ ୱାର୍ସି ଏବଂ କରିନା କପୁର ଖାନ୍‌ଙ୍କ ପରି ଅଭିନେତାମାନେ ମୁଖ୍ୟ ଭୂମିକାରେ ଅଛନ୍ତି । ଏହି ଚଳଚ୍ଚିତ୍ରଟି ଆସନ୍ତା ଡିସେମ୍ବର ୨୪ରେ ରିଲିଜ ହେବାକୁ ସ୍ଥିର ହୋଇଛି ।

## ସତରଶହ ବର୍ଷ ପୁରୁଣା କବର

ୟୁରୋପୀୟ ଦେଶ ବୁଲଗାରିଆର ଏକ ସହରରେ ଗୋଟିଏ ଆପାର୍ଟମେଣ୍ଟ ଏବଂ ପାର୍କିଂ ପାଇଁ ଜମି ଖୋଳାଯାଉଥିବା ସମୟରେ ପ୍ରାୟ ୧୭୫୦ ବର୍ଷ ପୁରୁଣା ଏକ ଶିଶୁର କବର ମିଳିଛି । ତେବେ ଏହି କବରରୁ 'ଅନ୍ୟ ଏକ ଦୁନିଆର ଟିକେଟ୍' ବୋଲି କୁହାଯାଉଥିବା ସୁନା କାନଫୁଲ ଓ ବ୍ରୋଞ୍ଜ ମୁଦ୍ରା ମଧ ମିଳିଛି । ଏହି ସ୍ଥାନରୁ ପ୍ରାୟ ୩୦୦ ବର୍ଷ ଧରି ବ୍ୟବହୃତ ହେଉଥିବା ଏକ କବରସ୍ଥାନର ସନ୍ଧାନ ମଧ ମିଳିଛି, ଯେଉଁଥିରେ ମୋଟ ୧୩୫ଟି କବର ରହିଛି । କବରରୁ ମିଳିଥିବା ବ୍ରୋଞ୍ଜ ମୁଦ୍ରା ଖ୍ରୀଷ୍ଟାବ୍ଦ ୨୭୪ କିମ୍ବା ୨୭୫ ମସିହାର ବୋଲି ଜଣାପଡ଼ିଛି । ପ୍ରାଚୀନ ଗ୍ରୀକ୍ ଏବଂ ରୋମାନ୍ ବିଶ୍ୱାସ ଅନୁଯାୟୀ 'ଚାରୋନ୍' ନାମକ ନାବିକ ମୃତକଙ୍କ ଆତ୍ମାକୁ ପରଲୋକ ବା ଅନ୍ୟ ଦୁନିଆକୁ ନେବା ପାଇଁ ଭଡା ସ୍ୱରୂପ ଏହି ମୁଦ୍ରାକୁ ମୃତକଙ୍କ ସହ କବର ଦିଆଯାଉଥିଲା । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଅନୁମାନ ଅନୁଯାୟୀ, ଶିଶୁଟିର ମୃତ୍ୟୁ ମଧ ସେହି ସମୟରେ ହୋଇଥିବ ଏବଂ କବରରେ ରଖାଯାଇଥିବା ଏହି ମୁଦ୍ରା ସେହି ପ୍ରାଚୀନ ପରମ୍ପରାର ହିଁ ଏକ ଅଂଶ ହୋଇପାରେ ।





**ମେଷ:** ସୁସମ୍ପର୍କ ରହିବ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦ୍ରବ୍ୟ ଲାଭ, ପାରିବାରିକ ସାହାଯ୍ୟ, ଶତ୍ରୁ ସମସ୍ୟା, ସମ୍ପତ୍ତି ଲାଭ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳାଠ, ସଂଖ୍ୟା-୭, ଆରାଧନା- ପ୍ରଭୁ ଗଣେଶ ।

**ବୃଷ:** ଖୁସି ଖବର, ବିବାଦ ସମାଧାନ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟ ଖୁସି, ଦୂର ଯାତ୍ରା, ଅର୍ଥ ଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଦେବକାର୍ଯ୍ୟରେ ଖୁସି, ଅଳ୍ପ ଲାଭ, ପାରିବାରିକ ଶାନ୍ତି, ଶତ୍ରୁ ପରାଜିତ, ଶୁଭ ସମାଚାର, କର୍ମକ୍ଷେତ୍ରରେ ଶାନ୍ତି, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳତା । ଆର୍ଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:** ଅଯଥା ଖର୍ଚ୍ଚ, ମାନସିକ ଶାନ୍ତି, ବ୍ୟବସାୟରେ ସଫଳ, ଦୂର ଯାତ୍ରାରେ ଖୁସି, ବନ୍ଧୁ ଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ସନ୍ତାନ ଖୁସି । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ସିଂହ:** ସହଯୋଗ ମିଳିବ, ଅର୍ଥ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଗୃହେ ଶୁଭ ଆଲୋଚନା, ସ୍ୱଜନ ବିବାଦ, କର୍ମେ ପରିଶ୍ରମ, ଗୃହେ ଉତ୍ସବ, ବନ୍ଧୁ ଲାଭ, ଦାମ୍ପତ୍ୟ ଖୁସି । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ସମ୍ମାନ ମିଳିବ, ଶତ୍ରୁ ପରାଜିତ, କର୍ମକ୍ଷେତ୍ରରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ସୁମିଷ୍ଟ ଭୋଜନ, ଅର୍ଥ ଲାଭ, ବିଦ୍ୟାରେ ସଫଳତା, ଗୃହେ ଅତିଥି ଚର୍ଚ୍ଚା । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୬, ଆରାଧନା- ଲୋକନାଥ ମହାପ୍ରଭୁ ।

**ତୁଳା:** ଗବେଷଣାରେ ସଫଳ, ବନ୍ଧୁ ସହାୟତା, କିଛି କାର୍ଯ୍ୟରେ ଅଶାନ୍ତି, ପାରିବାରିକ ସହଯୋଗ, ସନ୍ତାନ ଖୁସି, କଳହ ସମାଧାନ, ନୂତନ ଖବର, ଶତ୍ରୁ ସମସ୍ୟା, ଅଳ୍ପ ଲାଭ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବିଛା:** ବନ୍ଧୁ ମନାନ୍ତର, କର୍ମକ୍ଷେତ୍ରରେ ଅଶାନ୍ତି, ଶରୀର ସୁସ୍ଥ, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଗାଡ଼ି ଚାଳନାରେ ସତର୍କ, ପେଟ ସମସ୍ୟା । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଅର୍ଥ ଲାଭ, ଶୁଭ ଖବର, ମାନସିକ ଶାନ୍ତି, କର୍ମକ୍ଷେତ୍ରରେ ପ୍ରଶଂସା, କଳହ ସମାଧାନ, ଶାରୀରିକ ସୁସ୍ଥ, ନୂତନ ବାଣିଜ୍ୟ ଆରମ୍ଭ, ଶତ୍ରୁ ପରାଜିତ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମକର:** ମାନସିକ ଉଦବେଗ, ଶରୀର ସୁସ୍ଥ, ହେବା କାର୍ଯ୍ୟରେ ବିଳମ୍ବ, ଲୋକସମ୍ପର୍କ ବୃଦ୍ଧି, ଅଯଥା ଖର୍ଚ୍ଚ, ଦ୍ରବ୍ୟ ନଷ୍ଟ, ଦାମ୍ପତ୍ୟ କଳହ, ସନ୍ତାନ ଚିନ୍ତା, ବହୁ ପରିଶ୍ରମ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ଖୁସିର ଦିନ, ମାନସିକ ଶାନ୍ତି, ଶୁଭ ଖବର, ଅର୍ଥ ଲାଭ, ସମ୍ପର୍କରେ ଉନ୍ନତି , ବନ୍ଧୁ ସହଯୋଗ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି ।
ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ ।

**ମୀନ:** ଶରୀର ଅସୁସ୍ଥ, ମାନସିକ କଷ୍ଟ, ବନ୍ଧୁ ଲାଭ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ପାରିବାରିକ ସହଯୋଗ, ଦୂର ଯାତ୍ରାରେ କଷ୍ଟ, ସନ୍ତାନ ଖୁସି, ଅଯଥା ଖର୍ଚ୍ଚ, ଶୁଭ ଖବର, ସୁମିଷ୍ଟ ଭୋଜନ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ମା' ଉଗ୍ରତାରା ।

ଆଶ୍ୱିନ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ
୨୫.୧୦.୨୦୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





# ପ୍ରେମିକାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

କଟକ: (ସବ୍ୟୁ ): ପ୍ରେମ ସମ୍ପର୍କରେ ତିକ୍ତତାରୁ ଜଣେ ମହିଳାଙ୍କୁ ହତ୍ୟା ଘଟଣାରେ ତାଙ୍କ ସ୍ୱାମୀ ଅଭିନାଶ ସେଠୀ ଜେଲ୍‌ରେ ଥିବାବେଳେ ମହିଳାଙ୍କ ପ୍ରେମିକ ଜଳନ୍ଧରଙ୍କୁ ପୁଲିସ ଗିରଫ କରିଛି। ଦୀର୍ଘଦିନ ଧରି ଚାଲିଥିବା ଏହି ଘଟଣାର ତଦନ୍ତରୁ ପୁଲିସକୁ ଅନେକ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଅଭିଯୁକ୍ତ ଜଳନ୍ଧର ପୂର୍ବରୁ ପଞ୍ଜାବର ଜଳନ୍ଧର ଅଞ୍ଚଳରୁ ଭବାନୀପାଟଣା ଯାଇ ରାଜମିସ୍ତ୍ରି କାମ କରୁଥିଲେ। ସେଠାରେ ତାଙ୍କର ଗୌରୀଙ୍କ ସହ ପରିଚୟ ହୋଇଥିଲା। କିଛି ଦିନର ପରିଚୟ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ଦୁହେଁ ସେଠାରୁ ପଳାଇ ଆସିବାକୁ ନିଷ୍ପତ୍ତି ନେଇଥିଲେ। ଗତ ସେପ୍ଟେମ୍ବର ୮ ତାରିଖରେ ଉଭୟ ଭବାନୀପାଟଣାରୁ ବସ୍ ଯୋଗେ ଜଗତସିଂହପୁରର ନାଉଗାଁ ଆସିଥିଲେ। ସେଠାରେ ରହି ରାଜମିସ୍ତ୍ରି କାମ କରୁଥିଲେ। ତେବେ କିଛି ଦିନ ମଧ୍ୟରେ ସେମାନଙ୍କ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଜଳନ୍ଧର ବାରମ୍ବାର ଗୌରୀଙ୍କୁ ମାରପିଟ୍ କରୁଥିଲେ। ଏପରିକି ଗୌରୀ ରାଗିଯାଇ ୧୧୨କୁ ଫୋନ୍ କରି ପୁଲିସକୁ ଡାକିଥିବା ମଧ୍ୟ ଜଣାପଡ଼ିଛି। ପୁଲିସ ଆସି ଉଭୟଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଜଳନ୍ଧରଙ୍କ ମାରପିଟ୍ ବନ୍ଦ ହୋଇନଥିଲା। ଗତ ଅକ୍ଟୋବର ୬ ତାରିଖ ମଙ୍ଗଳବାର ଦିନ ଜଳନ୍ଧର ରାଗିଯାଇ ଏକ ଶାବଳରେ ଗୌରୀଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ନାଉଗାଁ ହସ୍ପିଟାଲକୁ ନିଆଯାଇଥିଲା। ଆଘାତ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ଅକ୍ଟୋବର ୭ ତାରିଖ ବୁଧବାର ସକାଳେ ଜଳନ୍ଧର ଆହତ ଗୌରୀଙ୍କୁ ବସ୍ ଯୋଗେ କଟକ ଆଣିଥିଲେ। ତେବେ ମେଡିକାଲ ନେବା ପୂର୍ବରୁ ସେ ତାଙ୍କୁ କାଠଯୋଡ଼ି ନଦୀକୂଳକୁ ନେଇଯାଇଥିଲେ। ମୁଣ୍ଡରେ ଅଧିକ



ଯନ୍ତ୍ରଣା ହେଉଥିବା କହି ଗୌରୀ ତାଙ୍କ ମୁଣ୍ଡରେ ଲାଗିଥିବା ଚୁଟିଗୁଡ଼ିକ କାଟିଦେବାକୁ କହିଥିଲେ। ଏହାପରେ ଜଳନ୍ଧର ଏକ କଇଁଚି ଆଣି ତାଙ୍କ ଚୁଟି କାଟିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଜଳନ୍ଧର ରାଗିଯାଇ ଏକ ଇଟାରେ ଗୌରୀଙ୍କ ମୁହଁ ଓ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ତାଙ୍କୁ ସେଠାରେ ଛାଡ଼ି ପଳାଇଯାଇଥିଲେ।

ପୁଲିସ ତଦନ୍ତ ଆରମ୍ଭ କରି ମୃତ ଗୌରୀଙ୍କ ହାତରେ 'ଅଭିନାଶ-ଗୌରୀ' ଲେଖାଥିବା ଟାଟୁ ଦେଖିଥିଲା। ଏହାକୁ ଆଧାର କରି ପୁଲିସ ଟିମ୍ ଫେସ୍‌ବୁକ୍‌ରେ ଖୋଜାଖୋଜି କରିଥିଲା। ଏଥିରୁ ଗୌରୀଙ୍କ ଘର କଳାହାଣ୍ଡି ଜିଲ୍ଲାର ନର୍ଲା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଥିଲା। ସ୍ଥାନୀୟ ପୁଲିସର ସହାୟତାରେ ମୃତ ଗୌରୀଙ୍କ ଭାଇଙ୍କୁ ଚିହ୍ନଟ କରାଯାଇଥିଲା। ଏହାପରେ ପୁଲିସ ଜେଲ୍‌ରେ ଥିବା ଗୌରୀଙ୍କ ସ୍ୱାମୀ ଅଭିନାଶଙ୍କ ପାଖରେ ପହଞ୍ଚିଥିଲା। ତାଙ୍କଠାରୁ ଜଳନ୍ଧର ସମ୍ପର୍କରେ ପୁଲିସକୁ କିଛି ସୂଚନା ମିଳିଥିଲା। ଏହାକୁ ଆଧାର କରି ପୁଲିସ ଜଳନ୍ଧରଙ୍କୁ ଖୋଜିବା ଆରମ୍ଭ କରିଥିଲା। ମୋବାଇଲ୍ ଫୋନ୍ ବନ୍ଦ କରି ସେ ପ୍ରଥମେ ନିଜ ପୈତୃକ ଘର କୋମନାକୁ ପଳାଇଥିଲେ। ସେଠାରୁ ତେଲେଙ୍ଗାନା ରାଜ୍ୟର କମାରେଡ୍ଡି ଜିଲ୍ଲାକୁ ଯାଇ କିଛି ଦିନ ରହିବା ପରେ ନିକଟ ତିରୁପତି ଜିଲ୍ଲାର ପୁତ୍ତୁର ଅଞ୍ଚଳରେ ଘର ତିଆରି କାମରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ଶେଷରେ ଦୁଇ ଦିନ ପୂର୍ବରୁ ତେଲେଙ୍ଗାନା ପୁଲିସର ସହାୟତାରେ କଟକ ପୁଲିସ ଟିମ୍ ତିରୁପତିରେ ପହଞ୍ଚି ଅଭିଯୁକ୍ତ ଜଳନ୍ଧରଙ୍କୁ ଗିରଫ କରି କଟକ ଆଣିଥିଲା। କଟକ ଡିସିପି ଖିଲାରୀ ଋଷିକେଶ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ୫୦ତମ କ୍ୟାବିନେଟ୍ ଏଥର ଭୁବନେଶ୍ୱର ବାହାରେ

ଭୁବନେଶ୍ୱର, (ତଥ୍ୟ) ଲୋକଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବାପାଇଁ ରାଜ୍ୟ ସରକାର ଆଗାମୀ ନଭେମ୍ବର ମାସରେ ହେବାକୁ ଥିବା ତାଙ୍କର ୫୦ତମ କ୍ୟାବିନେଟ୍ ବୈଠକକୁ ଭୁବନେଶ୍ୱର ବାହାରେ କରିବାକୁ ବିଚାରୁଛନ୍ତି। ସରକାର ପ୍ରଥମଥର ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥାଏ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ଭୁବନେଶ୍ୱରରେ ହୋଇଥାଏ। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଶାସନକୁ ଲୋକଙ୍କ ନିକଟକୁ ନେବାପାଇଁ ପ୍ରଥମଥର ସକାଶେ ତାଙ୍କର ଅଭିଯୋଗ ଶୁଣାଣିକୁ ସମ୍ବଲପୁର ଠାରେ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସରକାରୀ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଅନୁରୂପ ଢାଞ୍ଚାରେ କ୍ୟାବିନେଟ୍ ବୈଠକ ପାଇଁ ବିଚାର ଆଲୋଚନା ଚାଲିଛି। ତେବେ ୫୦ତମ ରାଜ୍ୟ କ୍ୟାବିନେଟ୍ ବୈଠକକୁ ଭୁବନେଶ୍ୱର ବାହାରେ ବିଶେଷକରି ଦୂର ଦୂରାନ୍ତ ଜିଲ୍ଲାରେ କରିବାପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଚୂଡ଼ାନ୍ତ ନିଷ୍ପତ୍ତି ପରେ ପ୍ରଥମଥର ପାଇଁ ଭୁବନେଶ୍ୱର ବାହାରେ ଏହା ଅନୁଷ୍ଠିତ ହେବ। ପ୍ରଶାସନକୁ ଲୋକଙ୍କ ପାଖକୁ ନେବାପାଇଁ ଓଡିଶା ସରକାର ଏଭଳି ପଦକ୍ଷେପ ଗ୍ରହଣ କରିବେ ବୋଲି କୁହାଯାଉଛି। ପ୍ରଶାସନକୁ ଲୋକଙ୍କ ନିକଟତର କରିବାପାଇଁ ଇତି ମଧ୍ୟରେ ଉତ୍ତରାଖଣ୍ଡ,




ମଣିପୁର ଓ ଅରୁଣାଚଳପ୍ରଦେଶ ସରକାର ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିସବୁ ରାଜ୍ୟ ସରକାର କ୍ୟାବିନେଟ୍ ବୈଠକକୁ ରାଜ୍ୟ ମୁଖ୍ୟାଳୟ ଠାରୁ ଦୂରରେ ବିଶେଷକରି ଧାର୍ମିକ ଓ ପର୍ଯ୍ୟଟନ ଗୁରୁତ୍ୱ ବହନ କରୁଥିବା ସ୍ଥାନଗୁଡିକରେ କରୁଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଯେଉଁଠାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ ସେହି ସ୍ଥାନର ଗୁରୁତ୍ୱ ବୃଦ୍ଧିପାଇବ। ସେଠାକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ରାଜ୍ୟ ପ୍ରଶାସନର ପଦାଧିକାରୀମାନେ ଗସ୍ତ କରିବେ। ଫଳରେ ଉକ୍ତ ଜିଲ୍ଲା ସମେତ ଆଖପାଖ ଜିଲ୍ଲାର ପ୍ରଶାସନ ଚଳଚଞ୍ଚଳ ହେବା ସହିତ ପ୍ରଶାସନ ଲୋକଙ୍କ ନିକଟତର ହେବ। ସ୍ଥାନୀୟ ଲୋକେ ବି ନିଜ ନିଜର ଆପତ୍ତି ଅଭିଯୋଗକୁ ସହଜରେ ସରକାରଙ୍କ ନିକଟରେ ଉପସ୍ଥାପନ କରିପାରିବେ।

ବର୍ତ୍ତମାନ ରାଜ୍ୟର ୧୨ଟି ସୀମାନ୍ତବର୍ତ୍ତୀ ଜିଲ୍ଲା ସୀମା ବିବାଦ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ପଡୋଶୀ ରାଜ୍ୟ ସହିତ କୋଟିଆ ଓ ମହାନଦୀ ବିବାଦ ବି ଜାରି ରହିଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର ତାଙ୍କର ୫୦ତମ କ୍ୟାବିନେଟ୍ ବୈଠକ କେଉଁଠାରେ ଆୟୋଜନ କରିବେ ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଏକାଧିକ ସ୍ଥାନରେ ରାଜ୍ୟ କ୍ୟାବିନେଟ୍ ବୈଠକ ବସିବ ବୋଲି ସୂଚନା ମିଳୁଛି।

# ସତ୍ୟବାଦୀ ବ୍ଲକ ଭଙ୍ଗାରୁଜା ଘଟଣାରେ ୨ ଗିରଫ

ସାକ୍ଷୀଗୋପାଳ,(ସବ୍ୟୁ): ଗତ ୧୪ ତାରିଖ ପୂର୍ବାହ୍ନରେ ୧୦୦ରୁ ୧୫୦ ଜଣଙ୍କ ଏକ ଗୋଷ୍ଠୀ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ କେତେକ ବ୍ୟକ୍ତି ବ୍ଲକ ଅଧକ୍ଷଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ସହ ସରକାରୀ ରେକର୍ଡ ଓ କାଗଜପତ୍ର ନଷ୍ଟ କରିଥିଲେ । ଏ ସମ୍ପର୍କରେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକଙ୍କ ଅଭିଯୋଗକ୍ରମେ ସତ୍ୟବାଦୀ ଥାନାରେ କେସ ନଂ ୪୦୭/୨୬ ମାମଲା ରୁଜୁ ହୋଇଥିଲା । ଆଜି ସତ୍ୟବାଦୀ ପୁଲିସ ନିରଞ୍ଜନ ଦୀକ୍ଷିତ ଓ ପ୍ରହ୍ଲାଦ ମଲ୍ଲିକଙ୍କୁ ଗିରଫ କରି ପୁରୀ ଜେ ଏମ ଏଫ ସି ଅଦାଲତରେ ହାଜର କରିଥିଲେ । ଉଭୟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରା ଯାଇଅଛି ବୋଲି ଜଣା ପଡ଼ିଛି ।

# ମୋ ମା ଯୋଗମାୟା ଉନ୍ମୋଚିତ

ବାରଙ୍ଗ,(ସବ୍ୟୁ) :ବହୁ ପ୍ରତୀକ୍ଷିତ ଭକ୍ତି ଅଡିଓ ଗୀତ ମୋ ମା ଯୋଗମାୟା ଉନ୍ମୋଚିତ ହୋଇଛି ।ସତ୍ୟସନ୍ଧାନ ଓ୍ୱେବ ଚାନେଲ ଓ ମା ଯୋଗମାୟା ଟ୍ରାଭେଲ୍ସଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ଏହି ଗୀତକୁ ମୁଖ୍ୟ ଅତିଥି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉନ୍ମେଚିତ କରିଥିଲେ ।ଏହି ଭବ୍ୟ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭାଜପା ବରିଷ୍ଠ ନେତା ଗୋଲଖ ମହାପାତ୍ର , ପ୍ରତାପ ରାଉତ ଏବଂ ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ । ଅନ୍ୟତମ ଅତିଥିମାନେ ପ୍ରଯୋଜକ ସତ୍ୟସନ୍ଧାନ ଓ୍ୱେବ ଚାନେଲ ଓ ମା ଯୋଗମାୟା ଟ୍ରାଭେଲ୍ସର ଏହି ଉଦ୍ୟମକୁ ପ୍ରଶଂସା କରି ଗୀତଟିର ବ୍ୟାପକ ସଫଳତା କାମନା କରିଥିଲେ ।

## ଚିକେନ୍ ସେଣ୍ଟରରୁ ୧୬୨ ଗ୍ରାମ୍ ହେରୋଇନ୍ ଜବତ୍, ମାଲିକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କେନାଲ ରୋଡରେ ଥିବା ଚିକେନ୍ ସେଣ୍ଟର ଉପରେ ଅବକାରୀ ଟିମ୍ ଚଢାଉ କରି ୧୬୨ ଗ୍ରାମ ହେରୋଇନ୍ ଜବତ କରିଛି । ଚିକେନ୍ ସେଣ୍ଟର ମାଲିକ ଏସ କେ ମାଜିଦ୍‌କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଟିମ୍ କହିଛି । ମାଜିଦ୍ ଘର ଝାରପଡା ମୁସଲିମ୍ ସାହିରେ । ବ୍ରାଉନସୁଗର କାରବାରରେ ସେ ବ୍ୟବହାର କରୁଥିବା ପଲସର ବାଇକ୍ ମଧ୍ୟ ଜବତ ହୋଇଥିବା ଖବର ମିଳିଛି । ହେରୋଇନ୍ କେଉଁଠୁ ଆଣି ଚିକେନ୍ ସେଣ୍ଟରରେ ବିକ୍ରୀ କରୁଥିଲା ତାହା ଅବକାରୀ ତଦନ୍ତକାରୀ ଟିମ୍ କହିନାହିଁ । ମିଳିଥିବା ଖବର ଅନୁଯାୟୀ ସେ ନାମକୁମାତ୍ର ଚିକେନ୍ ସେଣ୍ଟର ଖୋଲି ସେଠାରେ ହେରୋଇନ୍ ବିକ୍ରୀ କରେ । ଏ ସମ୍ପର୍କରେ ଅବକାରୀ ଥାନା ଖବର ପାଇବା ପରେ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରି ମାଜିଦ୍‌କୁ ଗିରଫ କରିବାରେ ସମର୍ଥ ହୋଇଛି ।

# ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ, ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇନଫୋସିଟି ଥାନା ଅଞ୍ଚଳ ବାରମାଣ ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ହୋଇଥିଲା । ସେ ସମ୍ପର୍କରେ ଉଭୟ



ପକ୍ଷ ପୋଲିସ ଏତଲା କରିବା ପରେ ୫ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି । ୧୭ ତାରିଖ ରାତି ୧୧ ଟା ବେଳେ ଭାଗିରଥୀ କାଣ୍ଡି ଏବଂ ସୁନିତା ଦେହୁରୀଙ୍କ ପରିବାର ମଧ୍ୟରେ ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ସଂଘର୍ଷରେ ଉଭୟ ପକ୍ଷରୁ ୪ ଜଣ ସାମାନ୍ୟ ଆହାତ ହୋଇଥିଲେ । ଭାଗୀରଥୀ କାଣ୍ଡିଙ୍କ ମୁଣ୍ଡ ପାଟିଯାଇଥିବା ବେଳେ ମହିଳାମାନଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଥିଲା । ଘର ଆଜବେଷ୍ଟ ଭାଙ୍ଗିବା ସହ ଦୋକାନରୁ ଟଙ୍କା ଓ ଜିନିଷପତ୍ର ଲୁଟପାଟ୍ ହୋଇଥିଲା । ଏହି ଘଟଣା ମୁଖ୍ୟ ଅଭିଯୁକ୍ତ ବାପି, ବବୁଲ ଏବଂ ଅର୍ଜୁନ ଦେହୁରୀଙ୍କୁ ଶନିବାର ଅଢେଇଟା ବେଳେ ବାରମାଣ ସ୍କୁଲ ପଡିଆ ନିକଟରୁ ଗିରଫ କରାଯାଇଥିବା ପୋଲିସ କହିଛି । ଅନ୍ୟ ପକ୍ଷରେ ସୁନିତା ଦେହୁରୀଙ୍କ ଅଭିଯୋଗ ଅନୁଯାୟୀ ଭାଗିରଥୀ କାଣ୍ଡି ଏବଂ ସତ୍ୟଶିବ କାଣ୍ଡି ଜୋର ଜବରଦସ୍ତ ଘରେ ପଶି ତାଙ୍କ ସାନ ପୁଅକୁ ମାଡ ମାରିଥିଲେ । ବଡ ପୁଅ ବାପି ଦେହୁରୀଙ୍କୁ ଏକ ଛୁରୀରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ । ପୋଲିସ ଏହି ଘଟଣାରେ ଶନିବାର ସକାଳ ସାଢେ ୮ ଟା ବେଳେ ଭାଗିରଥୀ ଓ ସତ୍ୟଶିବକୁ ଗିରଫ କରିଛି । ତଦନ୍ତ ଜାରି ରହିଥିବା ବେଳେ ଗିରଫ ଅଭିଯୁକ୍ତ ବାପି ଦେହୁରୀ (୨୮), ବବୁଲ ଦେହୁରୀ (୨୪), ଅର୍ଜୁନ ଦେହୁରୀ (୨୦) ଓ ଅପରପକ୍ଷର ଭାଗିରଥୀ କାଣ୍ଡି (୫୨), ସତ୍ୟଶିବ କାଣ୍ଡି (୨୧)ଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତ ପଠାଇଦିଆଯାଇଛି ।

## ଚଳିତ ମାସ ୨୬ ରୁ କାର୍ତ୍ତିକ ବ୍ରତ ଆରମ୍ଭ

# ଜିଲ୍ଲାପାଳ ପରିଦର୍ଶନ କରି ତଦାରଖ କଲେ ୩ କେନ୍ଦ୍ର

ପୁରୀ, (ସବ୍ୟୁ) : ଚଳିତ ବର୍ଷର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ ତାରିଖ



ଠାରୁ ଆରମ୍ଭ ହେବ। ଏହି ବ୍ରତ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷ୍ୟାଳୀ ମା ମାନଙ୍କୁ ପୂର୍ବରୁ ସେମାନଙ୍କ ହବିଷ୍ୟାଳୀ କେନ୍ଦ୍ର ସମ୍ପର୍କରେ ଅବଗତ କରାଯାଇଛି ।ସେହି ଅନୁସାରେ ସେମାନେ ନିର୍ଦ୍ଧାରିତ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ପଞ୍ଜିକରଣ କରାଇ ନିଜ ନିଜ ରୁମକୁ ଯିବେ ।ସେଥିପାଇଁ ପ୍ରଶିକ୍ଷିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ।ସେମାନଙ୍କୁ ସାହାଯ୍ୟ ପାଇଁ ସ୍ୱେଚ୍ଛାସେବୀ ମାନେ ନିୟୋଜିତ ହୋଇଛନ୍ତି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଶନିବାର ଅପରାହ୍ନରେ ସମସ୍ତ ତିନୋଟି କେନ୍ଦ୍ର ଯଥା ରେଲୱେ ଟୁରିଷ୍ଟ କମପ୍ଲେକ୍ସ ବୃନ୍ଦାବତୀ ନିବାସ ଓ ମୋଚି ସାହି କଲ୍ୟାଣ ମଣ୍ଡପ କେନ୍ଦ୍ର ପରିଦର୍ଶନ କରିଥିଲେ ।ପଞ୍ଜିକରଣ ପ୍ରକ୍ରିୟା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କୁ ଜିଲ୍ଲାପାଳ ଅନୁଧ୍ୟାନ କରି ଦାୟିତ୍ୱ ରେ ଥିବା ଅଧିକାରୀ ମାନଙ୍କୁ ବିବିଧ ପରାମର୍ଶ ଦେଇଥିଲେ ।ଯେପରି କୌଣସି କ୍ଷେତ୍ରରେ ହବିଷ୍ୟାଳୀ ମା ମାନଙ୍କ ର ଅସୁବିଧା ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ତଦାରଖ ସମୟରେ ଜିଲ୍ଲାପାଳଙ୍କ ସହ ପିଏମଶ୍ରୀ କମିଶନର ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପିଏମଶ୍ରୀ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ସଦର ବିଡ଼ିଓ ସମ୍ବିତ ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ସହରର ବିଭିନ୍ନ ସ୍ଥାନରେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ମିଳିତ ଯାଞ୍ଚ ଅଭିଯାନ

ପୁରୀ, (ସବ୍ୟୁ): ପୋଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସହରର ବିଭିନ୍ନ ଛକ ଓ ଯାଞ୍ଚ ପୋଷ୍ଟରେ ମିଳିତ ଯାଞ୍ଚ ଅଭିଯାନ କରାଯାଇଥିଲା। ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ସହରର ସମସ୍ତ ଥାନାର ଆଇଆଇସି ଓ ପୋଲିସ ଅଧିକାରୀମାନେ ବିଭିନ୍ନ ଚେକିଂ ପଏଣ୍ଟରେ ନିୟୋଜିତ ହୋଇଥିଲେ। ଏହି ଅଭିଯାନରେ ସହରର ସମସ୍ତ ଥାନାର ପୋଲିସ ଅଧିକାରୀ ଓ ଆରଟିଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଯାଞ୍ଚ ସମୟରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ପ୍ରକୃତ ପରିଚୟ ଓ ଅପରାଧିକ ପୃଷ୍ଠଭୂମି (CA) ଯାଞ୍ଚ କରିବା ପାଇଁ Face Recognition System (FRS) ର ବ୍ୟବହାର କରାଯାଇଥିଲା। ଏଥିସହ ଯାନବାହନ ଯାଞ୍ଚ ମାଧ୍ୟମରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।




## ନ୍ୟାସନାଲ୍ ଅର୍ବାନ୍ କନକ୍ଲେଭ୍

# ଓଡ଼ିଶାରେ ଅତ୍ୟାଧୁନିକ ସହରୀ ଭିତ୍ତିଭୂମିର ବିକାଶ କରାଯାଉଛି : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ସବ୍ୟୁ) : ୨୦୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ସଂସ୍ଥାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଭୁବନେଶ୍ୱରଠାରେ ଆୟୋଜିତ ନ୍ୟାସନାଲ୍ ଅର୍ବାନ୍ କନକ୍ଲେଭ୍୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଚାଲିବାର ଅଧିକାରଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ ଅଟେ । ରାଜ୍ୟର କ୍ରୁଟ ନେଟୱାର୍କ ୨୦୧୮ରେ ୨୦୦ଟି ବସରୁ ଆରମ୍ଭ ହୋଇ ଆଜି ୭୭୦ଟି ବସ୍ ସହ ୧୩୮ଟି ରୁଟ୍ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ଭିଜନ୍ ଓ ପୂର୍ବୋଦୟ ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି । ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତି ବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧାସୁଯୋଗରେ ସମୃଦ୍ଧ କରିବା । ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି । କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ ପ୍ରତିଷ୍ଠା କରାଯାଉଛି । ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଆଜି ପିଏମ ଇ-ବସ୍ ସେବା ଅଧୀନରେ ୨୬ଟି ଇ-ବସ୍ ସେବାର ଆରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ି ହେବ । ବର୍ତ୍ତମାନ କ୍ରୁଟ ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି । ନୂଆ ଇ-ବସ୍ ଆସିବା ପରେ ଆଉ ୯ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ । ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ ।

- ୨୬ ପିଏମ୍ ଇ-ବସ୍ ସେବା ଯୋଜନା ଆରମ୍ଭ
- ଆମ ବସ୍ ସେବାରେ ଯୋଡ଼ି ହେବ ଆଉ ୯ ସହର
- ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ ରୂପାନ୍ତରଣ
- ଅର୍ବାନ୍ ମୋବିଲିଟି, ନଗର ବିକାଶ ଉପରେ ଗୁରୁତ୍ୱ

## ଡ଼ଃ କୃପାନିଧି ବିଶ୍ୱାଳଙ୍କୁ ସମ୍ମାନସୂଚକ 'ଡକ୍ଟର ଅଫ୍ ସୋସିଆଲ୍ ସାଇନ୍ସ ଉପାଧି ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସମାଜସେବା, ମାନବକଲ୍ୟାଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡଃ କୃପାନିଧି ବିଶ୍ୱାଳଙ୍କୁ ସମ୍ମାନସୂଚକ 'ଡକ୍ଟର ଅଫ୍ ସୋସିଆଲ୍ ସାଇନ୍ସ (ହୋନୋରିସ୍ କଜା) ଉପାଧି ପ୍ରଦାନ କରାଯାଇଛି । ଆମେରିକାନ୍ ଗ୍ଲୋବାଲ୍ ଡିଜିଟାଲ୍ ୟୁନିଭର୍ସିଟି ଓ ୱାର୍ଲ୍ଡ ହ୍ୟୁମାନ୍ ରାଇଟ୍ସ ପ୍ରୋଟେକ୍ସନ୍ ଅର୍ଗାନାଇଜେସନ୍ର ମିଳିତ ଉଦ୍ୟମରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ୨୦୨୬ ଅକ୍ଟୋବର ୨୪ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ମାନବାଧିକାର କ୍ଷେତ୍ରରେ ଜନସହଭାଗିତାର ୮୦ତମ ବର୍ଷ ପାଳନ ଅବସରରେ ଏହି ଉପାଧି ପ୍ରଦାନ କରାଯାଇଥିବା ଜଣାଯାଇଛି । ଡଃ ବିଶ୍ୱାଳ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ଜନସେବା, ମାନବିକ ସହାୟତା ଓ ସାମାଜିକ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଛନ୍ତି । ପ୍ରାକୃତିକ ପରିବେଶର ସୁରକ୍ଷା, ବୃକ୍ଷରୋପଣ, ଜଳାଶୟ ସଂରକ୍ଷଣ ଓ ନଦୀଶଯ୍ୟାର ସୁରକ୍ଷା ପରି କାର୍ଯ୍ୟରେ ତାଙ୍କର ଆଗ୍ରହ ଓ ଅବଦାନ ଉଲ୍ଲେଖନୀୟ । ପ୍ରଶାସନିକ କାର୍ଯ୍ୟ ଓ ଆତିଥ୍ୟ ପରିଚାଳନା କ୍ଷେତ୍ରରେ ମଧ୍ୟ ସେ ନିଜର ଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ସେବାମନୋଭାବର ପରିଚୟ ଦେଇଛନ୍ତି । ବିଶେଷକରି କୋଭିଡ୍-୧୯ ମହାମାରୀ ସମୟରେ ଅସହାୟ ଓ ଆବଶ୍ୟକତାରେ ଥିବା ଲୋକଙ୍କୁ ସହାୟତା ପ୍ରଦାନ କରି ସେ ମାନବିକତାର ଉଦାହରଣ ସୃଷ୍ଟି କରିଥିଲେ । ମାନବସେବା, ସହାନୁଭୂତି, ସାମାଜିକ ଦାୟିତ୍ୱବୋଧ ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଜୀବନରେ ଗୁରୁତ୍ୱ ଦେଇ ସେ ନିଜର ସାମାଜିକ ଅବଦାନ ଜାରି ରଖିଛନ୍ତି । ଡଃ କୃପାନିଧି ବିଶ୍ୱାଳଙ୍କୁ ଏହି ସମ୍ମାନ ପ୍ରଦାନ ତାଙ୍କର ଦୀର୍ଘଦିନର ସମାଜସେବା, ମାନବକଲ୍ୟାଣ, ପରିବେଶ ସୁରକ୍ଷା ଓ ଜନସାଧାରଣଙ୍କ ପ୍ରତି ନିଷ୍ଠାପର ସେବାର ଏକ ସ୍ୱୀକୃତି ଭାବେ ବିବେଚିତ ହେଉଛି ।



# ଫେଲ୍ ମାରିଲାଣି ବସ୍ତି ହ୍ରାସ ଯୋଜନା

ଭୁବନେଶ୍ୱର, (ତଥ୍ୟ) ରାଜଧାନୀରେ ବସ୍ତି ସଂଖ୍ୟା ହ୍ରାସ କରିବାପାଇଁ ସରକାରଙ୍କର ଏକାଧିକ ଯୋଜନା ଏକ ପ୍ରକାର ଫେଲ୍ ମାରିଛି । ବସ୍ତି ସଂଖ୍ୟା କମିବା ବଦଳରେ ଏବେ ସହରରେ ନୂଆ ନୂଆ ବସ୍ତି ଗଢି ଉଠିବାରେ ଲାଗିଛି । ସରକାରୀ ହିସାବରେ ରାଜଧାନୀରେ ୪୩୬ଟି ମାନ୍ୟତାପ୍ରାପ୍ତ ବସ୍ତି ଥିବାବେଳେ ବେସରକାରୀ ଭାବେ ଏହି ସଂଖ୍ୟା ହଜାରେ ଟପିଯାଇଥିଲା । ହୁ ହୁ ହୋଇ ବଢୁଥିବା ବସ୍ତି ସଂଖ୍ୟାରେ ଲଗାମ ଲଗାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଥିଲେ । ବିଶେଷକରି ବସ୍ତିବାସିନ୍ଦାଙ୍କ ପାଇଁ ସୁଲଭ ଘର ତିଆରିକରି ଯୋଗାଇ ଦେଇଥିଲେ । ଲକ୍ଷ୍ୟଥିଲା ବସ୍ତିକୁ ଉଚ୍ଛେଦ କରି ସେଠାରେ ବସବାସ କରୁଥିବା ଲୋକଙ୍କୁ ସରକାର ତିଆରି କରିଥିବା ଆପାର୍ଟମେଣ୍ଟରେ ରଖିବା । ଏଦିଗରେ କାର୍ଯ୍ୟ ବି ହୋଇଥିଲା । କେତେକ ସ୍ଥାନରେ ବସ୍ତି ଉଚ୍ଛେଦ କରାଯାଇ ଲୋକଙ୍କୁ ଆପାର୍ଟମେଣ୍ଟରେ ଘର ଦିଆଯାଇଥିଲା ।

ହେଲେ ସରକାରୀ ଆପାର୍ଟମେଣ୍ଟରେ ଘର ପାଇଥିବା ବସ୍ତି ବାସିନ୍ଦା ସେଠାକୁ ଯିବା ବଦଳରେ ଅଧିକାଂଶ ନୂଆ ସ୍ଥାନରେ ବସ୍ତି ଗଠନ କରି ରହିଲେ । ସରକାର ଯୋଗାଇଥିବା ଘରକୁ ଭଡାରେ ଦେଇଦେଲେ । ଏହାର କାରଣ ହେଉଛି ବସ୍ତିବାସିନ୍ଦାଙ୍କ ପାଇଁ ସରକାର ଯେଉଁ ଘର ତିଆରି କରିଛନ୍ତି ତାହା ଅତ୍ୟନ୍ତ ଛୋଟ । ସେଠାରେ ଚାରି ଜଣିଆ ପରିବାର ବସବାସ କରିବା କଷ୍ଟକର । ଯେଉଁମାନେ ବସ୍ତିରେ ଟିଭି, ଫ୍ରିଜ୍, ଏସି, ଡିଟିଏଚ୍ ଆଦି ରଖିଥିଲେ ସେମାନେ ସେହିସବୁ ଘରକୁ ଯିବାକୁ ପସନ୍ଦ କରୁନାହାନ୍ତି । ମିଳିଥିବା ସରକାରୀ ଘରେ ଭଡାରେ ରହିବାକୁ ରହିବାକୁ ବି ଲୋକଙ୍କ ଧାଡି ଲାଗୁଛି । ବିଶେଷକରି ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରୁଥିବା ଯୁବକ ଯୁବତୀମାନେ ଏଠାରେ ଭଡାରେ ରହୁଛନ୍ତି । ସେମାନଙ୍କ ପାଇଁ ଏହି ବଖୁରିକିଆ ଘର ଯଥେଷ୍ଟ ହେଉଥିବାବେଳେ ଭଡା ବି କମ୍ ରହୁଛି । ତେବେ କେତେକ ବସ୍ତି ବାସିନ୍ଦା ପାଇଥିବା ଘରକୁ ବିକ୍ରି କରିଦେଉଥିବାର ସୂଚନା ମିଳୁଛି । ଯଦିଓ ସରକାରୀ ଭାବେ ଏହା ବିକା କିଣା ହୋଇପାରିବ ନାହିଁ, କିନ୍ତୁ ଅନେକ ଘରର ମାଲିକାନା ବଦଳିବାରେ ଲାଗିଛି । ଏଥିଯୋଗୁଁ ଏବେ ରାଜଧାନୀରେ ବସ୍ତି ବାସିନ୍ଦାଙ୍କୁ ସ୍ଥାନାନ୍ତର ଦର୍ଶାଇ ସରକାର ବାହାବା ନେଉଥିବାବେଳେ ବାସ୍ତବରେ କିନ୍ତୁ ବସ୍ତିସଂଖ୍ୟା ହ୍ରାସ ପାଉନାହିଁ ।

## ବିଜିପୁର ମଦ ଦୋକାନ ବଡ଼ ସମସ୍ୟା : ଘଟୁଛି ବାରମ୍ବାର ଦୁର୍ଘଟଣା

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ ବିଜିପୁର ଛକରେ ଅବସ୍ଥିତ ଏକ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନୀୟ ଅଞ୍ଚଳ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି । ଏହି ଦୋକାନ ଯୋଗୁଁ ପ୍ରତିଦିନ ରାସ୍ତା ଅବରୋଧ ହେବା ସହ କ୍ଷୁଦ୍ର ଓ ବୃହତ ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ନୂଆ ଜଗନ୍ନାଥ ସଡ଼କ, ରାମେଶ୍ୱର ଓ ବିଜିପୁର ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାତ୍ରା କରିଥାନ୍ତି । ମାତ୍ର ବିଜିପୁର ଛକ ନିକଟରେ ନୂଆ ଜଗନ୍ନାଥ ସଡ଼କକୁ ଲାଗି ଏହି ମଦ ଦୋକାନ ରହିଥିବାରୁ, ଦୈନନ୍ଦିନ ଟ୍ରାଫିକ ଜାମ ଏବଂ ଦୁର୍ଘଟଣା ଘଟୁଛି ।ବିଶେଷକରି ସନ୍ଧ୍ୟା ସମୟରେ ମଦ୍ୟପମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ପୁରୀକୁ ଯାଉଥିବା ଶ୍ରଦ୍ଧାଳୁମାନଙ୍କ ସହିତ ଅସଦାଚରଣ କରାଯାଉଥିବା ଅଭିଯୋଗ ହେଉଛି । ଏପରିକି ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସ୍କୁଲ ଓ କଲେଜର ଛାତ୍ରୀମାନେ ମଧ୍ୟ ମଦ୍ୟପଙ୍କ ଅଶାଳୀନ ଆଚରଣ ଓ ବ୍ୟବହାରର ଶିକାର ହେଉଛନ୍ତି ।ମଦ ଦୋକାନ ପ୍ରତିଷ୍ଠା ହେବା ଦିନଠାରୁ ସ୍ଥାନୀୟ ଜନସାଧାରଣ ଏହାର ତୀବ୍ର ବିରୋଧ କରିଆସୁଛନ୍ତି । ପୂର୍ବରୁ ଏନେଇ ରାଜସ୍ୱ ଓ ପୁଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସହ ରାସ୍ତାରୋକ ଭଳି ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଅବଲମ୍ବନ କରାଯାଇଥିଲା । ମାତ୍ର ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ କାର୍ଯ୍ୟାନୁଷ୍ଠାନ କିମ୍ବା ସମାଧାନ କରାଯାଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଜନସାଧାରଣଙ୍କ ସୁରକ୍ଷା ଓ ଶ୍ରଦ୍ଧାଳୁଙ୍କ ସୁବିଧା ଦୃଷ୍ଟିରୁ ତୁରନ୍ତ ଏହି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାଣ ଦାବି କରିଛନ୍ତି ।

## ୬୧୭ ଗ୍ରାମ ବ୍ରାଉନ୍ ସୁଗର ଜବତ, ୩ ନିଶା ମାଫିଆ ଗିରଫ

କଟକ, (ସବ୍ୟୁ): ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ୍ ସ୍ଥାନରେ ଚଢ଼ଉ କରାଯାଇ ୩ ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କ ନିକଟରୁ ମୋଟ ୬୧୭ ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୬୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ ପରେ ଜେଲ୍ ପଠାଯାଇଛି । ପାର୍ବଣ ସମୟରେ ଏତେ ପରିମାଣର ନିଶାଦ୍ରବ୍ୟ ଜବତ ହେବା ଅବକାରୀ ବିଭାଗର ଚିନ୍ତା ବଢ଼ାଇଛି ।

ଶନିବାର ପୂର୍ବାହ୍ନରେ ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ କଲେଜ ନିକଟରେ ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ସୂଚନା ମିଳିଥିଲା । ଏହାପରେ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ତୁରନ୍ତ ଚଢ଼ଉ କରି ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ସୋଲାର ଗ୍ରାମର କେଶବ ଚନ୍ଦ୍ର ବେହେରା (୩୫)ଙ୍କୁ ଧରିଥିଲା । ତଲାସି ବେଳେ ତାଙ୍କ ନିକଟରୁ ୨୨୭ ଗ୍ରାମ ବ୍ରାଉନ୍ ସୁଗାର, ଗୋଟିଏ ସ୍କୁଟି ଓ ମୋବାଇଲ୍ ଜବତ ହୋଇଥିଲା । ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୪୦ ହଜାର ଟଙ୍କା ବୋଲି ଆକଳନ କରାଯାଇଛି । ଜଣେ ଗ୍ରାହକଙ୍କୁ ନିଶାଦ୍ରବ୍ୟ ଦେବାକୁ ଆସିଥିବା ବେଳେ କେଶବ ଧରାପଡ଼ିଥିବା ଜଣାପଡ଼ିଛି । ଏହି ଚଢ଼ଉରେ ଅବକାରୀ ବିଭାଗର ଏସ୍ଆଇ ଅବିର ଗଡ଼ନାୟକ, କିଶୋର ରାଉତ, ସଞ୍ଜୀବ ମୁଣ୍ଡା, ରୋଜାଲିନ୍ ପଟ୍ଟନାୟକ, ଦେବାଶିଷ ବେହେରା, ଜଗନ୍ନାଥ ସାହୁ, ହର୍ଷବର୍ଦ୍ଧନ ରାଉତ, ସୁମିତ ନାୟକ, ରଞ୍ଜିତ ସାହୁ ଓ କୃଷ୍ଣମୋହନ ଦାସ ପ୍ରମୁଖ ସାମିଲ ଥିଲେ ।

ସେହିପରି କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଫୁଲନଖରା-ନିଆଳି ରାସ୍ତାରେ ଚଢ଼ଉ କରି ଆଉ ଦୁଇ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନର ଶିଶିର ନାୟକ (୩୬) ଓ ଓଲଟପୁର ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମର ରଞ୍ଜନ ଭୋଇ (୩୦) । ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ଏକ ୱାଟର ପାର୍କ ନିକଟରେ ନିଶାଦ୍ରବ୍ୟ କାରବାର ହେଉଥିବା ସୂଚନା ପାଇ ଅବକାରୀ ଟିମ୍ ଚଢ଼ଉ କରିଥିଲା । ଅଭିଯୁକ୍ତଙ୍କ ନିକଟରୁ ମୋଟ ୩୯୦ ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଥିଲା । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ । ଏଥିସହ ଗୋଟିଏ ବାଇକ୍ ମଧ୍ୟ ଜବତ କରାଯାଇଛି । ଅବକାରୀ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀଧର ସିଂହ, ଆଶୁତୋଷ ଜେନା, ସଞ୍ଜୟ ଦାସ, ସତ୍ୟବ୍ରତ ସାହୁ ଓ ଯୋଗେନ୍ଦ୍ର ସାହୁ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ ।

### ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ାଉ, ୭ ଗିରଫ

# ନଗଦ ୧.୬୧ ଲକ୍ଷ ଟଙ୍କା, ୨ ଗାଡ଼ି ଜବତ



ପୁରୀ, (ସବ୍ୟୁ): ପୁରୀ ସଦର ଥାନା ପୋଲିସକୁ ମିଳିଛି ସଫଳତା । ଜୁଆ ଖେଳ ଚାଲିଥିବା ସ୍ଥାନରେ ଚଢ଼ାଉ କରି ପୋଲିସ ୭ ଜଣଙ୍କୁ ଗିରଫ କରିବା ସହ ନଗଦ ୧ ଲକ୍ଷ ୬୧ ହଜାର ୬୧୫ ଟଙ୍କା ଜବତ କରିଛି । ଚଢ଼ାଉ ସମୟରେ ୧୦ ପ୍ୟାକେଟ୍ ତାସ୍, ୬ଟି ମୋବାଇଲ୍ ଫୋନ୍, ଗୋଟିଏ ହୋଣ୍ଡା ସାଇନ୍ ମୋଟରସାଇକେଲ୍ ଓ ଗୋଟିଏ ଆକ୍ଟିଭା ସ୍କୁଟି ଜବତ କରାଯାଇଛି । ଏଥିସହ ଗୋଟିଏ କଳା-ଲାଲ୍ ରଙ୍ଗର ଡାଏରୀ ମଧ୍ୟ ପୋଲିସ ଜବତ କରିଛି । ଏହି ଘଟଣାରେ ସଦର ଥାନାରେ କେସ୍ ନମ୍ବର ୫୯୮, ତାରିଖ ୨୪ ଅକ୍ଟୋବର ୨୦୨୬ରେ ମାମଲା ରୁଜୁ ହୋଇଛି । ଗିରଫ ୭ ଜଣ ହେଲେ ବିଷ୍ଣୁ ପ୍ରସାଦ ନନ୍ଦ ଓରଫ ଟୁନିଆ, ରତିକାନ୍ତ ରଥ ଓରଫ ରତି, ସୁଶାନ୍ତ କୁମାର ରାୟ ଓରଫ ବାଦଲ, ମାନସ କୁମାର ସାହୁ ଓରଫ ବିମଳା, ଲୋକନାଥ ପାଲେଇ ଓରଫ ଲୋକାନି, ବିକାଶ କୁମାର ସାହୁ ଓରଫ ପାପୁ ଏବଂ ବିପିନ କୁମାର ଷଡ଼ପଥୀ ଓରଫ ବାପି । ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରେସ୍ ନୋଟ୍ରେ ସୂଚନା ଦିଆଯାଇଛି ।

## ପୂର୍ବତନ ବିଞ୍ଝାରପୁର ବ୍ଲକ୍ କଂଗ୍ରେସ ସଭାପତି ପ୍ରଫୁଲ୍ଲ ଦାସଙ୍କ ଓଜେସିରେ ଯୋଗଦାନ

ଭୁବନେଶ୍ୱର,(ସବ୍ୟୁ): ବିଞ୍ଝାରପୁର ବ୍ଲକ୍ ର ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ପ୍ରଫୁଲ୍ଲ ଦାସ ଆଜି ବିଧିବଦ୍ଧ ଭାବେ ଓଡ଼ିଶା ଜନତା କଂଗ୍ରେସରେ ଯୋଗଦାନ କରିଛନ୍ତି । ଆଜି ପୂର୍ବାହ୍ନରେ ପ୍ରଫୁଲ୍ଲ ରାଜ୍ୟ କାର୍ଯ୍ୟାଳୟଠାରେ ଓଜେସି ସଭାପତି ଙ୍ଗ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ମହମ୍ମଦ ମୋକିମ୍ ଦଳୀୟ ଉତ୍ତରୀୟ ପିନ୍ଧାଇ ପ୍ରଫୁଲ୍ଲଙ୍କୁ ଦଳକୁ ସ୍ୱାଗତ କରିଥିଲେ । ପ୍ରଫୁଲ୍ଲ ପୂର୍ବରୁ ବିଞ୍ଝାରପୁର ବ୍ଲକ୍ ପ୍ରୀତିପୁର ପଞ୍ଚାୟତରେ ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ପ୍ରୀତିପୁର ସେବା ସମବାୟ ସମିତିର ସଭାପତି ଭାବେ ମଧ୍ୟ ସେ ପୂର୍ବରୁ ନିର୍ବାଚିତ ହୋଇଥିଲେ । ଏହାସହ ଜୁନାଭଦ୍ରା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଧ୍ୟ ମନୋନୀତ ହୋଇଥିଲେ । ଶ୍ରମିକ ସଂଗଠନ ଏସ୍.ୟୁ.ସି.ଆଇ.ର ଜୋନ୍ ସମ୍ପାଦକ ରୂପେ ଯାଜପୁର ଜିଲ୍ଲାରେ ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟ କରିଛନ୍ତି । ପ୍ରଫୁଲ୍ଲ ଓଜେସିରେ ସାମିଲ ହେବାନେଇ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, କଂଗ୍ରେସ ସହ ଅନ୍ୟ ପ୍ରମୁଖ ଦଳମାନେ ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛନ୍ତି । ଏମ୍.ଏମ୍.ଡି.ଆର ଆଇନକୁ ବିରୋଧ କରି ଓଜେସି ପ୍ରଥମ ଦଳଭାବେ ରାଜରାସ୍ତାକୁ ଓହ୍ଲାଇଥିଲା । ଖୁବ କମ୍ ସମୟ ମଧ୍ୟରେ ଓଜେସି ଓଡ଼ିଆ ଲୋକଙ୍କ ସ୍ୱର ହୋଇ ଲଢ଼େଇ କରୁଛି । ଏଥିରେ ପ୍ରଭାବିତ ହୋଇ ଏବଂ ମହମ୍ମଦ ମୋକିମଙ୍କ ବଳିଷ୍ଠ ସାଂଗଠନିକ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ମୁଁ ଓଜେସିରେ ସାମିଲ ହୋଇଛି । ପ୍ରଫୁଲ୍ଲଙ୍କ ଯୋଗଦାନ ଓଜେସିକୁ ଯାଜପୁର ଓ ବିଞ୍ଝାରପୁର ଅଞ୍ଚଳରେ ଅଧିକ ଶକ୍ତିଶାଳୀ କରିବ ବୋଲି ମହମ୍ମଦ ମୋକିମ୍ ପ୍ରତିକ୍ରିୟା ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଓଜେସି ସାଧାରଣ ସମ୍ପାଦକ ନରେଶ ମହାନ୍ତି ଓ ଅନ୍ୟ ନେତୃତ୍ୱମାନେ ଉପସ୍ଥିତ ଥିଲେ ।



### ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ

# ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ସମୃଦ୍ଧ ଓଡ଼ିଶା ଗଢ଼ିବା ସ୍ୱପ୍ନ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି । ରାଜ୍ୟରେ ଡବଲ୍ ଇଂଜିନ ସରକାର ଗଠନ ହେବା ପରେ ପ୍ରଗତିକୁ ଗତିଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ରବିବାର ୯ମ ଥର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ଖୋର୍ଦ୍ଧାଠାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଡାଟା ସେଂଟର ଓ ଟ୍ରେନିଂ ସେଂଟର ଉଦ୍‌ଘାଟନ କରିବେ । ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକଟି ଓଡ଼ିଶା ଗସ୍ତ ରାଜ୍ୟର ବିକାଶ ପାଇଁ ନୂଆ ଉପହାର ନେଇ ଆସିଥାଏ । ନିର୍ବାଚନ ପୂର୍ବରୁ ସମ୍ବଲପୁର ଓ ଚଣ୍ଡିଖୋଲରେ ଯେଉଁସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଥିଲା, ସେଗୁଡ଼ିକ କ୍ରିୟାନ୍ୱୟନ ହୋଇଛି । ପ୍ରଧାନମନ୍ତ୍ରୀ କେବଳ ଘୋଷଣା କରନ୍ତି ନାହିଁ, ବରଂ ତାହାକୁ ବାସ୍ତବତାରେ ପରିଣତ କରି ଲୋକଙ୍କ ସେବାରେ ଉତ୍ସର୍ଗ କରନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର । ସେମିକଣ୍ଡକ୍ଟର, ଡାଟା ସେଂଟର, ଆଇଟି, ଖଣିଜଭିତିକ ଶିଳ୍ପ, ପେଟ୍ରୋକେମିକାଲ୍ସ, ଶକ୍ତି, କୃଷି ତଥା ପର୍ଯ୍ୟଟନ କ୍ଷେତ୍ରରେ ବିଜେପି ସରକାର ଦୃଢ଼ ପଦକ୍ଷେପ ନେଇ ରାଜ୍ୟର ଅର୍ଥନୀତିକୁ ନୂତନ ଗତି ଦେଇଛି । ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ପ୍ରଗତିର ମୁଖଶାଳା ହେବାକୁ ଯାଉଛି ।



ପ୍ରଧାନମନ୍ତ୍ରୀଭାବେ ଦାୟିତ୍ୱ ନେବା ପରେ ମୋଦି ଓଡ଼ିଶାର ସର୍ବାଙ୍ଗୀନ ଓ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି । ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ ତଥା 'ସମୃଦ୍ଧ ଓଡ଼ିଶା' ଭାବେ ଗଢ଼ିତୋଳିବା ପାଇଁ ଯାହାସବୁ ଆବଶ୍ୟକ ସେନେଇ ସେ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟରେ ପ୍ରଚୁର ପରିମାଣର ପ୍ରାକୃତିକ ସମ୍ପଦ, ଖଣିଖାଦାନ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ଚିଲିକା ଏବଂ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି । ଏହି ପ୍ରାଚୁର୍ଯ୍ୟକୁ ଠିକ୍ ଭାବେ ବିନିଯୋଗ କରି ଓଡ଼ିଶାକୁ ବିକାଶର ଶୀର୍ଷରେ ପହଁଚାଇବା ପାଇଁ ମୋଦି ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଆସନ୍ତା କାଲି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ କାର୍ଯ୍ୟକର୍ତ୍ତା ଏବଂ ଓଡ଼ିଶାବାସୀ ଉତ୍ସାହିତ ଅଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

### ତିର୍ତ୍ତୋଲ ପୋଲିସକୁ ବଡ଼ ସଫଳତା

# ୫୦ ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ

ତିର୍ତ୍ତୋଲ (ସବ୍ୟୁ): ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ଫାଣ୍ଡି ଅଧୀନ କୁଟିଲ ଗ୍ରାମ ଦୟାଳପୁର ଗ୍ରାମର ଝୁନି ଦାସଙ୍କ ଘରେ ପୂର୍ବ ସୂଚନା ଅନୁସାରେ ତିର୍ତ୍ତୋଲ ପୋଲିସ ଚଢ଼ାଉ କରିଥିଲା । ଝୁନି ଦାସଙ୍କ ଘରୁ ୫୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ୬ ଜଣ ଲୋକଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ୫ ଟି ମୋବାଇଲି ଫୋନ, ଗୋଟେ ଓଡି ୦୫ ସିଏନ ୮୮୫୭ ନମ୍ବର ଟାଟା ନେକ୍ସନ ଗାଡି, ଓଡି ୨୧ୟୁ ୬୫୪୯ ଆକ୍ଟିଭା, ଓଡି ୨୧ କେ ୨୨୮୩ ନମ୍ବର ନାଲି ରଙ୍ଗର ହିରୋ ଗ୍ଲାମର ମଟର ସାଇକେଲ, ନଗଦ ୮ ହଜାର ୨ ସହ ଟଙ୍କା ସହିତ ୫୦ ଗ୍ରାମର ହେରୋଇନ ଜବତ କରିଥିବା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସଡିପିଓ ଅଜୟ କୁମାର ଦାସ ଏବଂ ଥାନା ଅଧିକାରୀ ବଂଶୀଧର ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଦୁର୍ଗା ପ୍ରସାଦ ଦାସ, କୁଟିଲ ଗ୍ରାମଦୟାଲ ପୁର ଗ୍ରାମର ଗୁରୁ ଚରଣ ଦାସ ଙ୍କ ପୁଅ ବିଭୁ ପ୍ରସାଦ ଦାସ (ଟିମା), କଣ୍ଟାପଡା ଗ୍ରାମର ପରମାନନ୍ଦ ଦାସଙ୍କ ପୁଅ ସରୋଜ କୁମାର ଦାସ (ମୁନା), ଜଗତସିଂହପୁର ସଦର ଲାଲା ସାହିର ସ୍ୱର୍ଗତ ଯୋଗେନ୍ଦ୍ର କୁମାର ସିଂହଙ୍କ ପୁଅ ସୌଭାଗ୍ୟ ରଞ୍ଜନ ସିଂହ (ପପୁ ), ଗୁରୁ ଚରଣ ଦାସଙ୍କ ଧର୍ମପତ୍ନୀ ଝୁନି ଦାସ ଓ ମା ଶାରଳା ଠାକୁରାଣୀଙ୍କ ତଥାକଥିତ ସେବାୟତ ଭାବେ ନିୟୋଜିତ କେଳୁଚରଣ ରାଉଳଙ୍କ ପୁଅ କୌଶିକ ରାଉଳ (ବୁଟୁନା ) ରହିଛନ୍ତି । ସମସ୍ତ ଅଭିଯୁକ୍ତ ମାନଙ୍କୁ ତିର୍ତ୍ତୋଲ ପୋଲିସ କେଶ ନମ୍ବର ୪୭୨/୨୬ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଥିଲେ ।



# ବିଜେପି ପକ୍ଷରୁ ଲୋକତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ଅଭିଯାନ କର୍ମଶାଳା

ବାରିପଦା, (ସବ୍ୟୁ) : ବିଜେପି ପକ୍ଷରୁ ବାରିପଦାର ହେମଚନ୍ଦ୍ରପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଲୋକତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ ଅଭୀଯାନର ଜିଲ୍ଲାସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରାଷ୍ଟ୍ରିୟ ସମ୍ପାଦକ ତଥା ରାଜ୍ୟ ସହପ୍ରଭାରୀ ସ୍ୱଦେଶ ସିଂହଜୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆସନ୍ତା ୨୯ତାରିଖ ଠାରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ଦେଶ ବ୍ୟାପି ବିଜେପି ପକ୍ଷରୁ ହେବାକୁ ଥିବା ଲୋକତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇବା ସହିତ ଏହି ଅଭିଯାନରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସଫଳତାର ସହକାରେ ସମ୍ପାଦିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ)



ମାନସ ମହାନ୍ତି ଯୋଗଦେଇ ଲୋକତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ ଅଭିଯାନରେ ହେବାକୁ ଥିବା ୭ ସୂତ୍ରୀ କାର୍ଯ୍ୟକ୍ରମ ଯଥା ପଦଯାତ୍ରା ବୃଦ୍ଧିଜୀବୀ ସମାବେଶ, ଜନ ସମ୍ପର୍କ, ଯୁବା ସମ୍ବାଦ, କଲେଜ କ୍ୟାମ୍ପୋସ, ସ୍ପେସିଆଲ ମ୍ୟାଗାଜିନ୍ ଓ ପ୍ରତିଯୋଗୀତା ଆଦିର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀ, ସାଂସଦ ନବଚରଣ ମାଝି, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଭାସ୍କର ମଢେଇ, ବିଧାୟକ ପ୍ରକାଶ ସୋରେନ୍, ବିଧାୟକ ସନାତନ ବିଜୁଳୀ, ବିଧାୟିକା ସଞ୍ଜଳୀ ମୁର୍ମୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡାଃ ବୁଡାନ୍ ମୁର୍ମୁ ଓ ଉଦଳା ଏନ୍‌ଏସି ଅଧକ୍ଷା ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ନିଜ ନିଜର ମତପ୍ରକାଶ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଏହି କର୍ମଶାଳାକୁ ସଂଚାଳନ କରି ଥିବାବେଳେ ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ମଣ୍ଡଳ ସଭାପତି ପ୍ରଭାରୀ ଜିଲ୍ଲା ପଦାଧିକାରୀ, ଜିଲ୍ଲା ମୋର୍ଚ୍ଚା ସଭାପତି ୭ ସୂତ୍ରୀ କାର୍ଯ୍ୟକ୍ରମର ଜିଲ୍ଲା ଟଲି ସମେତ ୧୨୦ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁକା କଳାରେ ଶିଳ୍ପୀ ସତ୍ୟଙ୍କ ଗଜଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି

ବ୍ରହ୍ମପୁର, (ସବ୍ୟୁ) : ପର୍ଯ୍ୟଟନ ସ୍ଥଳୀ ଗୋପାଳପୁର ବେଳାଭୂମିରେ କୁମାର ପୂର୍ଣ୍ଣିମା ଓ ଗଜ ଲକ୍ଷ୍ମୀ ପୂଜା ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ପକ୍ଷରୁ ମା ମହାଲକ୍ଷ୍ମୀଙ୍କ ଏକ ପ୍ରତିମୂର୍ତ୍ତି ବାଲୁକା କଳା କୃତିରେ ନିର୍ମାଣ କରି ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ମୂର୍ତ୍ତିର ଉଚ୍ଚତା ୫ ଫୁଟ ୬ଇଞ୍ଚ, ଓସାର ୮ ଫୁଟ୍ ରହିଥିବା ବେଳେ ଏହାକୁ ନିର୍ମାଣ କରିବାକୁ ୩ ଘଣ୍ଟା ସମୟ ଲାଗିଥିଲା ବୋଲି ସତ୍ୟ କହିଛନ୍ତି।

## ଦିବ୍ୟଦର୍ଶନ ସଂଘ ପକ୍ଷରୁ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ନିୟୁ ଏରା ପବ୍ଲିକ୍ ସ୍କୁଲ ପରିସରରେ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ପକ୍ଷରୁ ଦ୍ୱିଦିବସୀୟ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସଦଗୁରୁ ଶ୍ରୀ ଅର୍ଜୁନଙ୍କ ରଥାରୂଢ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟିର ସଭାପତି ରବିନ୍ଦ୍ର ନାଥ ମହାନ୍ତି, ସମ୍ପାଦକ କେଶବ ସେଠୀ, ସଦସ୍ୟ ପ୍ରଭାକର ପଣ୍ଡା ପ୍ରମୁଖ ଯୋଗ ଦେଇ ଦିବ୍ୟ ଦର୍ଶନର ମୌଳିକ ଆଧାତ୍ମିକ ବିଚାର ସମ୍ପର୍କେ ଆଲୋକପାତ ସହ ମାର୍ଗ ଦର୍ଶନ କରିଥିଲାବେଳେ ଏଥିରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗୁରୁଭାଇ ଓ ଭଉଣୀ ଯୋଗଦେଇ ଭଗବତ କୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦିପୁର ଶାଖା ଦିବ୍ୟଦର୍ଶନ ସଂଘର ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ରଙ୍କନିଧି ମହାନ୍ତି, ରାଜେନ୍ଦ୍ର ଜେନା, ଧନେଶ୍ୱର ସାହୁ, ଅରୁଣ କୁମାର ସାହୁ, ରାଜେନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ନାହାକ ଓ ବଳରାମ ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ।

## ମୋବାଇଲ ଲୁଟେରା ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଟାଉନଥାନା ଅନ୍ତର୍ଗତ ଏସବିଆର ମହିଳା ସରକାରୀ ମହାବିଦ୍ୟାଳୟ ନିକଟରୁ ଜଣେ ଯୁବକଙ୍କ ମୋବାଇଲ ଲୁଟ୍ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ଝାଡ଼ାଙ୍କୁଲି ଅଞ୍ଚଳର ବଳିଆ ସାହୁ (୩୦)। ଆଜି ତାଙ୍କୁ ମାମଲା ନଂ ୪୫୪/୨୬ ରେ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଗତ ମାସ ୨୯ ତାରିଖରେ ଅଭିଯୋଗକାରୀ ପାଣ୍ଡବ ବେହେରା ରେଲଷ୍ଟେସନରୁ ଫେରୁଥିବା ବେଳେ ଏସବିଆର କଲେଜ ଠାରେ ତିନିଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରିଥିଲା। ବଳିଆକୁ ଗିରଫ କରାଯାଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି।

## ଭାରତୀୟ ହାଣ୍ଡଲୁମ୍ ଓ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ବାରିପଦାର ଐତିହାସିକ ଛଉ ପଡ଼ିଆ ନିକଟସ୍ଥ କଲେଜ ଗ୍ରାଉଣ୍ଡରେ ଶୁକ୍ରବାର ସନ୍ଧ୍ୟାରେ ଭାରତୀୟ ହେଣ୍ଡଲୁମ୍ ଓ ହେଣ୍ଡିକ୍ରାଫଟ ମେଳା ଉଦଘାଟିତ ହୋଇଯାଇଛି। ଏହି ମେଳାରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ ହୋଇଛି।

ମେଳାରେ ଓଡ଼ିଶାର ପ୍ରସିଦ୍ଧ ସମ୍ବଲପୁରୀ ଶାଢ଼ି, ସୋନପୁରୀ ପାଟଶାଢ଼ି, ନୂଆପାଟଣାର ଖଣ୍ଡୁଆ ପାଟ, ବମକାଇ ଶାଢ଼ି, ବରଗଡ଼ର ପଶାପାଲି ଶାଢ଼ି ଓ ନବକୋଠି ଶାଢ଼ି ସମେତ ବିଭିନ୍ନ ପାରମ୍ପରିକ ବସ୍ତ୍ର ସ୍ଥାନ ପାଇଛି। ଏଥିସହ ଜମ୍ମୁ-କାଶ୍ମୀର, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ଆସାମ ଓ ପୁଡୁଚେରୀ ଆଦି ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିଭିନ୍ନ ଷ୍ଟଲରେ ପ୍ରଦର୍ଶିତ ହେଉଛି।

ଉଦଘାଟନୀ ଉତ୍ସବରେ ବାରିପଦା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ୧ ନମ୍ବର ଓ୍ୱାର୍ଡର କାଉନସିଲର ସୁକେଶିନୀ ସେଠୀ ଏବଂ ରେଡକ୍ରସର ଆଜୀବନ ସଦସ୍ୟ ତଥା ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳାର ଉଦଘାଟନ କରିଥିଲେ। ପରେ ସେମାନେ ବିଭିନ୍ନ ରାଜ୍ୟର ଷ୍ଟଲ୍ ପରିଦର୍ଶନ କରିବା ସହ ଗୋଟିଏ ଛାତ ତଳେ ଦେଶର ବିଭିନ୍ନ ଅଞ୍ଚଳର ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଆୟୋଜକଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଏହି ମେଳା ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ରାଜ୍ୟର କଳା, ସଂସ୍କୃତି ଓ ପାରମ୍ପରିକ ବୁଣାକାରଙ୍କ କାରିଗରୀକୁ ଏକ ସ୍ଥାନରେ ଦେଖିବା ଓ କିଣିବାର ସୁଯୋଗ ପାଇପାରିବେ।

## ପୋଲିସ ଟାର୍ଗେଟ୍‌ରେ ଜୁଆ ଆଡ୍ଡା : ୬୧ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜୁଆ ଖେଳ ବିରୋଧରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବଡ଼ ଧରଣର ଅଭିଯାନ ଚଳାଯାଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ୭ଟି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ମୋଟ ୬୧ ଜଣ ଜୁଆ ଖେଳ ଅଭିଯୋଗରେ ଗିରଫ ହୋଇଛନ୍ତି। ଏହି ଘଟଣାରେ ମୋଟ ୧୦ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଆ ଆଡ୍ଡାଗୁଡ଼ିକରୁ ନଗଦ ୩ ଲକ୍ଷ ୪୧ ହଜାର ୪୦୦ ଟଙ୍କା, ୪୧ଟି ମୋବାଇଲ ଫୋନ୍ ଏବଂ ଦୁଇଟି ଗାଡ଼ି ଜବତ କରାଯାଇଛ।

ପୁଲିସ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗୋଲନ୍ଥରା ଥାନା ପୁଲିସ ଗୋଟିଏ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୦ ହଜାର ୩୦ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

ସେହିପରି ବଡ଼ବଜାର ଥାନା ପୁଲିସ ୩ଟି ମାମଲାରେ ୧୭ଜଣଙ୍କୁ ଗିରଫ କରି ୧ ଲକ୍ଷ ୩୭ ହଜାର ୪୦୦ ଟଙ୍କା ସହ ୧୨ଟି ଫୋନ ଜବତ କରିଛି। ବୈଦ୍ୟନାଥପୁର ଥାନା ପୁଲିସ ଗୋଟିଏ ମାମଲାରେ ୯ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨୧ ହଜାର ୨୬୦ ଟଙ୍କା ୪ଟି ଫୋନ୍ ଜବତ କରିଛି। ଜି. ନୂଆଗାଁ ଥାନା ପୁଲିସ ଗୋଟିଏ ମାମଲାରେ ୧୧ ଜଣଙ୍କୁ ଗିରଫ କରି ୧୫ ହଜାର ୭୪୦ ଟଙ୍କା, ନିମଖଣ୍ଡି ଥାନା ଗୋଟିଏ ମାମଲାରେ ୫ ଜଣଙ୍କୁ ଗିରଫ କରି ୭୪ ହଜାର ୬୦୦ ଟଙ୍କା, ଟାଉନ ଥାନା ଗୋଟିଏ ମାମଲାରେ ୫ ଜଣଙ୍କୁ ଗିରଫ ସହ ୧୦ ହଜାର ୨୦୦ ଟଙ୍କା, ସଦର ଥାନା ଗୋଟିଏ ମାମଲାରେ ୮ ଜଣଙ୍କୁ ଗିରଫ ସହ ୬୭ ହଜାର ୭୦ ଟଙ୍କା ଓ ଜରଡା ଥାନା ଗୋଟିଏ ମାମଲାରେ ୩ ଜଣଙ୍କୁ ଗିରଫ ସହ ୫୧୦୦ ଟଙ୍କା ଜବତ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଡ୍ରିମ୍‌ସ ଗ୍ରାଉଣ୍ଡରେ ପିଏନ୍‌ବିର ଶାରଦୀୟ ଖେଳ ଉତ୍ସବ




କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ( ପିଏନ୍‌ବି) କଟକ ସର୍କଲ ପକ୍ଷରୁ ଏକଦିବସୀୟ ଶାରଦୀୟ ଖେଳ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ବ୍ୟସ୍ତବହୁଳ ବ୍ୟାଙ୍କ କର୍ମଚାରୀଙ୍କ ଶାରୀରିକ ଓ ମାନସିକସ୍ତରରେ ସନ୍ତୁଳନ ଓ ଦକ୍ଷତା ବୃଦ୍ଧି ଲାଗି ଉଦ୍ଦିଷ୍ଟ ଏହି ଖେଳ ମହୋତ୍ସବରେ କ୍ରିକେଟ୍, ଫୁଟବଲ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଚେସ୍, କ୍ୟାରମ୍ ସହିତ ବିଭିନ୍ନ ଖେଳକୁଦ ସାମିଲ ଥିଲା। ଏଥିରେ କଟକ ସର୍କଲ ଅନ୍ତର୍ଗତ ଜଗତସିଂହପୁର, କେନ୍ଦ୍ରାପଡା, ଅନୁଗୁଳ, ଢେଙ୍କାନାଳ ଓ କଟକ ଜିଲାର ବିଭିନ୍ନ ଶାଖାରେ କାର୍ଯ୍ୟରତ ୧୨୦ଜଣ ପୁରୁଷ ଓ ମହିଳା କର୍ମଚାରୀ ଅଂଶ ଗ୍ରହଣ କରି ସେମାନଙ୍କର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

ମୁଖ୍ୟଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କ୍ରୀଡା ମହୋତ୍ସବକୁ ଉଦଘାଟନ କରି ପ୍ରତିଯୋଗୀ ଓ ବ୍ୟାଙ୍କର ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଦଘାଟନୀ ଉତ୍ସବରେ କଟକ ସର୍କଲର ଡିଜିଏମ୍ ଅଭିଷେକ ଭଟ୍ଟାଚାର୍ଯ୍ୟ, ଏଜିଏମ୍ ପ୍ରତାପ ପରିଡା, ଏଜିଏମ୍ କୌଶଲେନ୍ଦ୍ର କୁମାର ଓ ପାର୍ଥ ମିଶ୍ରଙ୍କ ସମେତ ଡ୍ରିମ୍‌ସର କ୍ରୀଡା ନିର୍ଦ୍ଦେଶକ ଡ. ନବକିଶୋର ମିଶ୍ର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ସଂଯୋଜକ ଦୀପକ କୁମାର ପ୍ରଧାନ ଓ କୀର୍ତ୍ତି ପ୍ରକାଶ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋପାଳପୁର ବେଳାଭୂମିରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସଫେଇ ଓ ସଚେତନତା

ବ୍ରହ୍ମପୁର, (ସବ୍ୟୁ) : ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍) ପକ୍ଷରୁ ଗୋପାଳପୁର ବେଳାଭୂମିରେ ଏକ ସ୍ୱେଚ୍ଛାକୃତ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋପାଳପୁରର ଟାଟା ଷ୍ଟିଲ୍ ଫେରୋ ଆଲୋଏଜ୍ ପ୍ଲାଣ୍ଟ, ଟାଟା ଷ୍ଟିଲ୍ ଫାଉଣ୍ଡେସନର କର୍ମଚାରୀ ଏବଂ ରିଷ୍ଟା ପ୍ରକଳ୍ପ ସହ ଜଡ଼ିତ ସଦସ୍ୟମାନେ ଏକାଠି ହୋଇ ବେଳାଭୂମି ସଫେଇ କରିଥିଲେ।

ଏହି ଅଭିଯାନ ଟାଟା ଷ୍ଟିଲର ଫେରୋ ଆଲୋଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ୍ ( ଏ ଫ୍ ଏ ଏ ମ ଡି ) ର ଏକଜିକ୍ୟୁଟିଭ୍-ଇନ୍-ଚାର୍ଜ (ଇଆଇସି) ସୁଶାନ୍ତ କୁମାର ମିଶ୍ର ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଗୋପାଳପୁରର ୟୁନିଟ୍ ଲିଡ୍ ଡ. ଜୟନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ସକାଳ ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଚାଲିଥିବା



ଏହି ଦୁଇ ଘଣ୍ଟିଆ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫେରୋ ଆଲୋଏଜ୍ ପ୍ଲାଣ୍ଟର ୩୪ଜଣ କର୍ମଚାରୀ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ୨୩ ଜଣ କର୍ମଚାରୀ ଏବଂ ରିଷ୍ଟା ପ୍ରକଳ୍ପର ୧୦ ଜଣ "ସାଥୀ' ଭାଗ ନେଇଥିଲେ।

ବେଳାଭୂମିରେ ଜମା ହୋଇଥିବା ଆବର୍ଜନାକୁ ସଫା କରିବା ପାଇଁ ସ୍ୱେଚ୍ଛାସେବୀମାନେ ପ୍ରାୟ ୧ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ସଫେଇ କରିଥିଲେ। ସଂଗ୍ରହ କରାଯାଇଥିବା ସମସ୍ତ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ସଠିକ୍ ପରିଚାଳନା ଓ ବିନିଯୋଗ ପାଇଁ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ଦିଆଯାଇଥିଲା।

ଏହି ଅବସରରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ସମ୍ବୋଧିତ କରି ସୁଶାନ୍ତ କୁମାର ମିଶ୍ର କହିଥିଲେ, ସମାଜସେବା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ କର୍ମଚାରୀମାନଙ୍କ ସ୍ୱେଚ୍ଛାକୃତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାସହିତ ସାମୁଦ୍ରିକ ଜୀବ ଓ ଉପକୂଳବର୍ତ୍ତୀ ପରିସଂସ୍ଥାର ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା ପ୍ରତ୍ୟେକ ନାଗରିକ ଦାୟିତ୍ୱବାନ ହେବା ଦରକାର ବୋଲି ସେ କହିଥିଲେ।

ଏହି ଅଭିଯାନରେ କିଶୋର-କିଶୋରୀମାନଙ୍କ ମଧ୍ୟରେ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଥିବା ରିଷ୍ଟା ପ୍ରକଳ୍ପର ସଦସ୍ୟମାନେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସଫେଇ କାର୍ଯ୍ୟକ୍ରମ ଶେଷ ହେବା ପରେ, ସମସ୍ତ ସ୍ୱେଚ୍ଛାସେବୀଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା। ପରିଶେଷରେ ପରିବେଶ ସୁରକ୍ଷା ଏବଂ ସମାଜସେବା ପାଇଁ ସଭିଏ ସଙ୍କଳ୍ପ ନେଇଥିଲେ।

## ବ୍ୟାପକ ପୋଚ ଓ ମଦ ନଷ୍ଟ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ଓ ବଡ଼ଗଡ଼ ଥାନା ଅନ୍ତର୍ଗତ ରୁଗୁମୁ ଓ ଖଜୁରୀଡିହ ଗ୍ରାମରେ ପୋଲିସ ସହ ଅବକାରୀ ବିଭାଗର ମିଳିତ ଚଢାଉ ଯୋଗୁ ବ୍ୟାପକ ରନ୍ଧା ମଦ, ପୋଚ ନଷ୍ଟ ସହ ପ୍ରାୟ ୨୦୦ କେଜି ଗୁଡ ଜବତ ହୋଇଥିବା ସୂଚନା ମିଳିଛି।

ଶନିବାର ଭୋରରୁ ଗଞ୍ଜାମ ଅବକାରୀ ବିଭାଗର ପ୍ରଦୀପ ମହାନ୍ତିଙ୍କ ନେତୃତ୍ୱରେ ଅବକାରୀ ଥାନା ଅଧିକାରୀ ମନୀଷା ଭୋଳ, ସୋରଡା ଅବକାରୀ ଥାନା ଓ ଆଇସି ମହାଦୀପ ମହାପ୍ରସାଦ, ବଡ଼ଗଡ଼ ଥାନା ଅଧିକାରୀ ବିମଳ କୁମାର କହଁର ପ୍ରମୁଖ ନିଜ ନିଜର ଫୋର୍ସ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ଚୋରା ମଦର ପେଣ୍ଠସ୍ଥଳୀ କୁହାଯାଉଥିବା ରଗୁମୁ ଓ ଖଜୁରୀ ଡିହ ଉଭୟ ଗାଁରେ ଚଢ଼ାଉ କରି ୫୫୦୦ କେଜି ପୋଚ ନଷ୍ଟ କରିଥିବା ବେଳେ ୧୧୭୦ ଲିଟର ଆଇଡିଏଲ ନଷ୍ଟ କରିବା ସହ ୨୦୦ କେଜି ମଦ ପାଇଁ ରଖାଯାଇଥିବା ଗୁଡ ନଷ୍ଟ କରିଥିଲେ। ପ୍ରକାଶ ଥାଉକି ଦୀର୍ଘ ଦିନ ହେଲା ଧରାକୋଟ ଅଞ୍ଚଳର ଭଣ୍ଡାରୀ ବସା, ହରିପୁର, ସାଇପୁର ପ୍ରଭୃତି ଗାଁରେ ଅବାଧରେ ଚୋରା ମଦ ପ୍ରସ୍ତୁତି, ବିକ୍ରୟ ଓ ଚାଲାଣ ହେଉଛି।

## ବୁଗୁଡ଼ାରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ

ବୁଗୁଡ଼ା, (ସବ୍ୟୁ) : ଚଳିତବର୍ଷ ବୁଗୁଡ଼ା ସହରାଞ୍ଚଳ ସମେତ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସୁସଜ୍ଜିତ ଅସ୍ଥାୟୀ ମଣ୍ଡପରେ ମହାସପ୍ତମୀରୁ ପୂଜା ପାଇଆସୁଥିବା ଶକ୍ତିସ୍ୱରୂପିଣୀ, ଅଭୟ ବରଦାୟିନୀ, ପାପନାସିନୀ ମା ଦୁର୍ଗାଦେବୀଙ୍କୁ ହର୍ଷୋଲ୍ଲାସର ସହିତ ମେଲାଣି ଦିଆଯାଇଛି। ବୁଗୁଡା ସହରାଞ୍ଚଳର ନୂଆଁ ବସଷ୍ଟାଣ୍ଡ ଓ ମଦନ ମୋହନ ଛକଠାରେ ଆୟୋଜିତ ଦୁର୍ଗା ମେଢର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗ୍ରାମାଞ୍ଚଳରେ ଆଦିପୁର ଏବଂ ବାଦୁଆ ଗ୍ରାମରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ମଧ୍ୟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାଦ୍ୟ ବାଜଣା ଓ ଶଙ୍ଖ ଧ୍ୱନି ମଧ୍ୟରେ ମା'ଙ୍କୁ ଶୋଭାଯାତ୍ରାରେ ବିଦାୟ ଦେଇ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

## ଏବିଭିପି ପକ୍ଷରୁ ଛାତ୍ର ନେତା ସମ୍ମିଳନୀ, ବିଜୟୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ଘୁମୁସର ସାଙ୍ଗଠନିକ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଛାତ୍ରନେତା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରନେତା ଓ ସଂଗଠନର କାର୍ଯ୍ୟକର୍ତ୍ତାଗଣ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ ସହ-ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ନାୟକ, ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ବିଜେପି ଯୁବମୋର୍ଚ୍ଚାର ଘୁମୁସର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେପି ବୁଗୁଡ଼ା ନଗର ସଭାପତି କେଦାରନାଥ ମହାରଣା ଏବଂ ଶେଷଦେବ ପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ।

ଏହି ଛାତ୍ରନେତା ସମ୍ମିଳନୀ ଅବସରରେ ବୁଗୁଡ଼ା ପିପୁଲ୍ସ କଲେଜ, ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଛାତ୍ର ନେତୃତ୍ୱ, ସାଙ୍ଗଠନିକ କାର୍ଯ୍ୟକଳାପ ଏବଂ ଛାତ୍ରଛାତ୍ରୀଙ୍କ ଭୂମିକାକୁ ନେଇ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଶେଷରେ ଏବିଭିପି ଘୁମୁସର ଜିଲ୍ଲା ସଂଯୋଜକ ତଥା ବୁଗୁଡ଼ା ପିପୁଲ୍ସ କଲେଜ ଛାତ୍ର ସଂସଦର ନବ ନିର୍ବାଚିତ ସଭାପତି ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କାଠମାଣ୍ଡୁ ଅନ୍ତର୍ଜାତୀୟ ସମ୍ମିଳନୀରେ ମୟୂରଭଞ୍ଜର ଯୁବ ଗବେଷକ କୁମାରେଶ ନାୟକ

ବାରିପଦା, (ସବ୍ୟୁ) : ନେପାଳର ରାଜଧାନୀ କାଠମାଣ୍ଡୁସ୍ଥିତ ନେପାଳ ନ୍ୟାସନାଲ ଲକଲେଜ ପରିସରରେ ଆୟୋଜିତ ଦ୍ୱିଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀରେ ମୟୂରଭଞ୍ଜର ଯୁବ ରାଜନୀତି ବିଜ୍ଞାନ ଗବେଷକ କୁମାରେଶ ନାୟକ ଯୋଗଦେଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସମ୍ମିଳନୀରେ ସେ ଭାରତ-ନେପାଳ ସମ୍ପର୍କ ଓ ଦକ୍ଷିଣ ଏସିଆର ସଭ୍ୟତାଗତ ସମ୍ପର୍କ ଉପରେ ନିଜର ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ କରିଥିଲେ। ପଲିଟିକାଲ ସାଇନ୍ସ ଷ୍ଟଡି ଆଣ୍ଡ ରିସର୍ଚ୍ଚ ସେଣ୍ଟର, ନେପାଳ,ୟୁପିଏସ୍‌ଏସ୍, ଭାରତ ଏବଂ ନେପାଳ ନ୍ୟାସନାଲ ଲକଲେଜର ମିଳିତ ଆନୁକୂଲ୍ୟରେ "South Asia: Life and Relations Within and Beyond Borders" ଶୀର୍ଷକ ଏହି ଆନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା। ନେପାଳର ପୂର୍ବତନ ମୁଖ୍ୟ ବିଚାରପତି



ହରିକ୍ରୀଷ୍ଣ କାର୍କି ଏହାକୁ ଉଦଘାଟନ କରିଥିଲେ। ଦକ୍ଷିଣ ଏସିଆର ବିଭିନ୍ନ ଦେଶର ପ୍ରତିନିଧି ଓ ଗବେଷକମାନେ ଏଥିରେ ଯୋଗଦେଇ ଆଞ୍ଚଳିକ ସମ୍ପର୍କ, ସହଯୋଗ ଏବଂ ଭବିଷ୍ୟତର ସମ୍ଭାବନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୁମାରେଶ "Civilizational Linkages in South Asia and Indo-Nepal Relations" ଶୀର୍ଷକ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ କରି ଦକ୍ଷିଣ ଏସିଆର ଦେଶଗୁଡ଼ିକ ମଧ୍ୟରେ ରହିଥିବା ଐତିହାସିକ ଓ ସଭ୍ୟତାଗତ ସମ୍ପର୍କ ସହ ଭାରତ-ନେପାଳ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦକ୍ଷିଣ ଏସିଆର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ଓ ସମନ୍ୱୟ ବୃଦ୍ଧି ସହ ଏକ ମିଳିତ ମଞ୍ଚ ପ୍ରତିଷ୍ଠା ହୋଇପାରିଲେ ଏହି ଅଞ୍ଚଳ ଭବିଷ୍ୟତରେ ଏକ ଶକ୍ତିଶାଳୀ ଆଞ୍ଚଳିକ ଶକ୍ତି ଭାବେ ଉଭା ହୋଇପାରିବ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଏହି ଆନ୍ତର୍ଜାତୀୟ ମଞ୍ଚରେ ଯୋଗଦେଇ ଗବେଷଣା ନିବନ୍ଧ ଉପସ୍ଥାପନ କରିଥିବାରୁ କୁମାରେଶ ନାୟକଙ୍କ ସଫଳତାକୁ ନେଇ ମୟୂରଭଞ୍ଜରେ ଆଗ୍ରହ ପ୍ରକାଶ ପାଇଛି।

# ଗାଁ ମାଟିରେ ଯବାନଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି

କୋକସରା,(ସବ୍ୟୁ): ଦେଶସେବାରେ ନିଜ ଜୀବନକୁ ସମର୍ପିତ କରି ୧୯୯୭ ରେ କୋହିମାରେ ଗୁଳିବିଦ୍ଧ ହୋଇ ମଧ ଶତ୍ରୁକୁ ପରାଜୟ କରିଥିଲେ। ସେହି ପୁଅ ମାଁ ର ଶ୍ରାଦ୍ଧ ପାଇଁ ଗାଁକୁ ଛୁଟିରେ ଆସିଥିଲେ, କିନ୍ତୁ ଏକ ସଡକ ଦୁର୍ଘଟଣାରେ ଚାଲିଗଲା ତାଙ୍କ ଜୀବନ । ଏଭଳି କିଛି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଚିକିଲି ଗ୍ରାମରେ। ସରୋଜ କୁମାର ଶବର (୨୯) ଆସାମ ରାଇଫଲରେ ହାବିଲଦାର ଭାବେ ନାଗାଲାଣ୍ଡ ଜୋନୋବୋଟୋ ସେନା ବାହିନୀ କ୍ୟାମ୍ପରେ ନିୟୋଜିତ ଥିଲେ। କିନ୍ତୁ କିଛିଦିନ ପୂର୍ବରୁ ସେ ଗାଁକୁ ସ୍ୱର୍ଗତା ମା'ଙ୍କ ଶ୍ରାଦ୍ଧ ପାଇଁ ଛୁଟିରେ ଆସିଥିବା ବେଳେ ଏକ ସଡକ ଦୁର୍ଘଟଣାରେ ଗୁରୁବାର ମୃତ୍ୟୁ ହୋଇଥିଲା। ଗମ୍ଭାରୀଗୁଡା ପଞ୍ଚାୟତ ଚିକିଲି ଗ୍ରାମର ସେ ପ୍ରଥମ ଯବାନ ଭାବେ ସେନା ବାହିନୀରେ ଯୋଗ ଦେଇଥିଲେ । ସେ ଯେତେବେଳେ ଗାଁକୁ ଛୁଟିରେ ଆସୁଥିଲେ ଗ୍ରାମର ଯୁବକମାନଙ୍କୁ ଭାରତୀୟ ସେନା ବାହିନୀରେ ଯୋଗ ଦେବାକୁ ଉତ୍ସାହିତ କରିବା ସହ ପ୍ରଶିକ୍ଷଣ ମଧ ଦେଉଥିଲେ । ତାଙ୍କର ଏହି ପ୍ରୟାସରେ ଗ୍ରାମର ୮/୧୦ ଯୁବକ ଏବେ ସେନା ବାହିନୀରେ ଭର୍ତ୍ତି ହୋଇ ଦେଶସେବାରେ ନିୟୋଜିତ ଅଛନ୍ତି । ତାଙ୍କ ମୃତ୍ୟୁ ପରେ ପରିବାର ବର୍ଗ ଆସାମ ରାଇଫଲ ରେଜିମେଣ୍ଟକୁ ସୂଚନା ଦେଇଥିଲେ । ଏହାପରେ ସାଥି ଯବାନଙ୍କୁ ରାଷ୍ଟ୍ରୀୟ ସମ୍ମାନ ଓ ତୋଫ ସଲାମୀ ଦେବାକୁ ଗୋପାଳପୁର ସେନା କ୍ୟାମ୍ପରୁ ଏଏଡି ରେଜିମେଣ୍ଟ ପକ୍ଷରୁ ୨୦ ଜଣ ଯବାନଙ୍କ ଟିମ ଚିକିଲି ଗ୍ରାମରେ ପହଞ୍ଚି ତାଙ୍କ ବାସଭବନରେ ଦିବଂଗତ ଯବାନଙ୍କ ପାର୍ଥିବ ଶରୀରରେ ଜାତୀୟ ପତାକାରେ ଶ୍ରଦ୍ଧାଞ୍ଜଳି ଦେବାସହ ସେନା ବାହିନୀର ଗାଡିରେ ମର ଶରୀରକୁ ନେଇ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାର୍ଡ ଅଫ ଅନର ଦେବାସହ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଯବାନଙ୍କ ଶବଧାରରେ ହଜାର ହଜାର ଗ୍ରାମବାସୀ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯବାନଙ୍କ ଶବଧାରକୁ ସମ୍ମାନ ଜଣାଇ ଗ୍ରାମବାସୀ ମାନେ ରାସ୍ତା କଡରେ ବିର ଯବାନ ଅମର ରହେ ନାରା ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ସହିଦଙ୍କ ପାର୍ଥିବ ଶରୀରକୁ ଗ୍ରାମ ନିକଟସ୍ଥ ନଦୀ ମଶାଣି ପର୍ଯ୍ୟନ୍ତ ନିଆ ଯାଇଥିଲା। ସେଠାରେ ସେନା ବାହିନୀ ରେଜିମେଣ୍ଟର ମେଜର, ସୁବେଦାରଙ୍କ ପକ୍ଷରୁ ଗାର୍ଡ ଅଫ ଅନର ଦିଆ ଯାଇଥିଲା। ପରେ ଯବାନଙ୍କ ବିରତ୍ୱ ଓ ଦେଶସେବାକୁ ସମ୍ମାନ ଜଣାଇ ସେନା ବାହିନୀ ପକ୍ଷରୁ ତୋଫ ସଲାମୀ ଦିଆଯାଇଥିଲା।




# ନିର୍ବାଚନ ଆୟୋଗଙ୍କୁ ହଟାଇବା ଦାବିରେ
# ନଭେମ୍ବର ୧ରେ କଂଗ୍ରେସର 'ଦିଲ୍ଲୀ ଚଲୋ'

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଆଇସିସି ପର୍ଯ୍ୟବେକ୍ଷକ ହରପାଲ ଠାକୁର ଯୋଗଦେଇ ନଭେମ୍ବର ୧ ତାରିଖରେ କଂଗ୍ରେସ ପକ୍ଷରୁ ଆହ୍ୱାନ କରାଯାଇଥିବା 'ଦିଲ୍ଲୀ ଚଲୋ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ କଂଗ୍ରେସ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଠାକୁର ଅଭିଯୋଗ କରିଥିଲେ ଯେ, ବିଜେପି ସରକାର ନିର୍ବାଚନ ଆୟୋଗକୁ ମାଧ୍ୟମ କରି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବା ସହ ଭୋଟ ଚୋରି କରୁଛି । ଗତ ୧୦ ମାସ ମଧ୍ୟରେ ଭୋଟର ତାଲିକାରୁ ନାମ ବାଦ ଦେବା, ଡାଟାବେସର କେନ୍ଦ୍ରୀକରଣ ଏବଂ ସଫ୍ଟୱେର୍ ସମ୍ପର୍କିତ ଅନିୟମିତତା ନେଇ ଅନ୍ୟ ଦୁଇ ନିର୍ବାଚନ କମିଶନର ଆପତ୍ତି ଉଠାଇଥିବା ସେ ଦାବି କରିଥିଲେ।

ସେହିପରି, ଏସଆଇଆର୍ ନାମରେ ଫର୍ମ-୭ର ଦୁରୁପଯୋଗ କରାଯାଇ ବହୁ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ଅଭିଯୋଗ ଆଣିଥିଲେ । ଏପରିକି ୧୩ କୋଟିରୁ ଅଧିକ ଭୋଟରଙ୍କ ନାମ ବାଦ ଦିଆଯାଇଥିବା ସେ ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଅକ୍ଟୋବର ୧ରୁ ନଭେମ୍ବର ୨୬, ସମ୍ବିଧାନ ଦିବସ ପର୍ଯ୍ୟନ୍ତ ଦେଶବ୍ୟାପୀ ବିଭିନ୍ନ ଆନ୍ଦୋଳନ, ଚୌପାଳ ବୈଠକ ଓ ପ୍ରତିବାଦ ରାଲି ଆୟୋଜନ ପାଇଁ ଏଆଇସିସି ପକ୍ଷରୁ ସମସ୍ତ ରାଜ୍ୟ କଂଗ୍ରେସ କମିଟିକୁ ଆହ୍ୱାନ ଦିଆଯାଇଥିବା ସେ କହିଥିଲେ । ନଭେମ୍ବର ୧, ୨୫ ଓ ୨୬ ତାରିଖରେ ଦିଲ୍ଲୀରେ ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ଏକାଠି ହୋଇ ଏହି ପ୍ରସଙ୍ଗରେ ପ୍ରତିବାଦ କରିବେ । ତେଣୁ ନଭେମ୍ବର ୧ ତାରିଖର 'ଦିଲ୍ଲୀ ଚଲୋ' କାର୍ଯ୍ୟକ୍ରମକୁ ସଫଳ କରିବାକୁ ହରପାଲ ଠାକୁର ଆହୱାନ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଓପିସିସି ପର୍ଯ୍ୟବେକ୍ଷକ ଭାରତ ଭୂଷଣ ବିମଳ, ଗୋବିନ୍ଦ ପାତ୍ର, ପି. ନାଗରତ୍ନମ୍ମା, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ କାଡ୍ରାକା ଆପାଲାସୱାମୀଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ନର୍ଲା ଥାନାରେ ଶାରଦୀୟ ବନ୍ଧୁ ମିଳନ

ନର୍ଲା, (ସବ୍ୟୁ): ବିଜୟା ଦଶମୀ ଦିନ ଭବ୍ୟ ଭାବରେ ନର୍ଲା ଥାନା ମଧ୍ୟରେ ଆଇଆଇସି କୈବଲ୍ୟ ସେଠଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଦୁର୍ଗାପୂଜା। ତେବେ ଶୁକ୍ରବାର ସନ୍ଧ୍ୟା ସମୟରେ ନର୍ଲା ଥାନା ପରିସରରେ ଆଇଆଇସି ଶ୍ରୀ ସେଠ ଶାରଦୀୟ ବନ୍ଧୁ ମିଳନର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏଥିରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ, ନର୍ଲା ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ସମିତି ସଦସ୍ୟ ସଂଘ ସଭାପତି ଜୟ ମେହେର, ଯୁବନେତା



ସମୀର ଚାନ୍ଦ, ଦୀପୁ ପାତ୍ର, ଇଲେକ୍ଟ୍ରୀ ଏସଡିଓ କମଲେଶ ପ୍ରଧାନ, ଶାନ୍ତପୁରର ପୂର୍ବତନ ସରପଞ୍ଚ ଟିକେଧର ସାହୁ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ବାଗପୁର ସରପଞ୍ଚ ଗୋପାଳ ହାତୀ, ମାଣ୍ଡେଲ ସରପଞ୍ଚ ସୁଧାଙ୍ଗନା ନାଏକ, ରୁପ୍ରା ସରପଞ୍ଚ ଡଲି ବେହେରା, ଯୁବନେତା ବିଜୟ ବୁଦ୍ଧିଆ, ଆରଡବ୍ଲୁଏସଏସ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାତ ସେଠୀ, ନର୍ଲା ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର କର୍ମଚାରୀଙ୍କ ସମେତ ଅନେକ ଲୋକ ପ୍ରତିନିଧି, ସାମ୍ବାଦିକ, ବୁଦ୍ଧିଜୀବୀ ମାନେ, ଅନେକ ସରପଞ୍ଚ ଓ ସମିତି ସଦସ୍ୟ ମାନେ ଉପସ୍ଥିତ ଥିଲେ । ଆଗରୁ ମଧ ନର୍ଲା ଥାନାରେ ଦଶହରା ପୂଜା ହୋଇ ଆସୁଥିଲା । ହେଲେ ଏଭଳି ଭବ୍ୟ ଭାବରେ ଦଶହରା ପୂଜା ସହ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପ୍ରଥମ ଥର ହୋଇଛି । ନର୍ଲା ଆଇଆଇସି କୈବଲ୍ୟ ସେଠଙ୍କ ନେତୃତ୍ୱରେ ଏସ ଆଇ ଦୀପ୍ତିକାନ୍ତ ବାରିକ, ଏଏସଆଇ ପ୍ରଦୀପ ସେଠୀ, ଅବନୀ କୁମାର ଖୁରା, ବୀରେନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଅନେକ ଯୋଶ ଓ ଉତ୍ସାହରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରି ଭୂରି ଭୋଜନରେ ଆପ୍ୟାୟିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଇଆଇସି ଶ୍ରୀ ସେଠ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପୋଲିସର ଜନ ସମ୍ପର୍କ ବୃଦ୍ଧି, ଅଞ୍ଚଳରେ ଅପରାଧ କମେଇବା, ଲୋକଙ୍କୁ ସୁରକ୍ଷା ଦେବା ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ କରାଯାଇଥିଲା ।

# ବୌଦ୍ଧରେ ବିଜୟା ଦଶମୀ ଉତ୍ସବ ପାଳିତ

ବୌଦ୍ଧ,(ସବ୍ୟୁ): ଆମେ ନିଜକୁ ପରିବର୍ତ୍ତନ କରିପାରିଲେ ସମାଜକୁ ପରିବର୍ତ୍ତନ କରିପାରିବା । ସମାଜରେ ପରିବର୍ତ୍ତନ ହେଲେ ଭାରତ ରାଷ୍ଟ୍ର ବୈଭବଶାଳୀ ହୋଇପାରିବ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବୌଦ୍ଧ ପକ୍ଷରୁ ଆୟୋଜିତ ବିଜୟା ଦଶମୀ ଉତ୍ସବରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ସହରର ଷ୍ଟାଡିୟମ ଠାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ପୁରୁଣାକଟକର ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ସୁରେନ୍ଦ୍ର ପ୍ରଧାନ ଯୋଗ ଦେଇଥିବାବେଳେ, ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ପଶ୍ଚିମ ପ୍ରାନ୍ତ ସହ ପ୍ରଚାରକ ସୁରେନ୍ଦ୍ର ପଣ୍ଡା ଯୋଗଦେଇ ଥିଲେ । ଜିଲ୍ଲା କାର୍ଯ୍ୟବାହ ଇନ୍ଦୁଭୂଷଣ ମହାକୁଳ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ଶାରୀରିକ ପ୍ରମୁଖ ନିରଞ୍ଜନ ମେହେର ମୁଖ୍ୟ ଶିକ୍ଷକ, ଓ ଜିଲ୍ଲା ପ୍ରଚାର ପ୍ରମୁଖ ରଘୁନାଥ ଷଡ଼ଙ୍ଗୀ ପ୍ରାର୍ଥନା ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ । ଅଙ୍କିତ କୁମାର ମେହେର ଅମୃତ ବଚନ ପାଠ କରିଥିବାବେଳେ ମିଥୁନ ଦାଶ ବ୍ୟକ୍ତିଗତ ଗୀତ ଗାଇଥିଲେ । ପ୍ରାରମ୍ଭରେ ଏକ ଜିଲ୍ଲାସ୍ତରୀୟ ପଥ ସଂଚାଳନ ସ୍ଥାନୀୟ ଶିଶୁମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଜିଲ୍ଲାର ଶତାଧିକ ସ୍ୱୟଂସେବକ ଯୋଗ ଦେଇଥିଲେ । ଏହି ସଞ୍ଚାଳନରେ ବିଜୟ କୁମାର ସାହୁ ଘୋଷ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ ।

# ଗଜଲକ୍ଷ୍ମୀ ପୂଜା ଅବସରରେ କଳସ ଯାତ୍ରା



ରେଢ଼ାଖୋଲ,(ସବ୍ୟୁ): ନାକଟିଦେଉଳ ବ୍ଲକ ଗୋଧିଡିପ ଠାରେ ମହାଲକ୍ଷ୍ମୀ ପୂଜା ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଳସ ଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଟିକିରା ନଦୀରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିଥିଲେ । କର୍ତ୍ତା ଭାବରେ ନାଟୁଆବୁରୀର ନୀଳାମ୍ବର ସାହୁ ଓ ନମିତା ସାହୁ କାର୍ଯ୍ୟ ନିର୍ବାହ କରିଥିଲେ । ଚାରିଦିନ ଧରି ମହାଲକ୍ଷ୍ମୀ ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ହେବାକୁ ସ୍ଥିରୀକୃତ ହୋଇଛି ।

# ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ଶାଖାର ବୈଠକ
## ସାମ୍ବାଦିକ ସୁରକ୍ଷା, ପେନସନ ଓ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି ଦାବି

ବଲାଙ୍ଗିର, (ସବ୍ୟୁ) : ସ୍ଥାନୀୟ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ବଲାଙ୍ଗିର ଶାଖାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ସଂଘ ଜିଲା ସଭାପତି ଶରତ କୁମାର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା, ପେନସନ, ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି ସହ ରାଜଧାନୀରେ ସାମ୍ବାଦିକଙ୍କ ରହଣୀ ବ୍ୟବସ୍ଥା ପାଇଁ ବଙ୍ଗଳା ନିର୍ମାଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବାକୁ ବୈଠକରେ ଦାବି ହୋଇଥିଲା। ଏସ.ୟୁ.ଜେର ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ବିମଳ ଚନ୍ଦ୍ର ହୋତା, ଏସ.ୟୁ.ଜେ ବଲାଙ୍ଗିର ଶାଖା ଉପସଭାପତି ରୋହନ ମହତ, କୋଷାଧ୍ୟକ୍ଷ ଶ୍ରୀମନ୍ତ ପଣ୍ଡା ମଞ୍ଚାସୀନ ହୋଇ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ସାମ୍ବାଦିକଙ୍କ ଏକତା ବଜାୟ ରଖିବା ଉପରେ ବକ୍ତବ୍ୟ ରଖିଥିଲେ । ତଥ୍ୟ ଓ ସତ୍ୟ ଭିତ୍ତିକ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ସାମ୍ବାଦିକ ଅଭିଳାଷ ହୋତା, ରଶ୍ମି ରଞ୍ଜନ ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ, ମୋହନ ସୁନା, ସନ୍ତୋଷ ଠାକୁର, ଚିତ୍ରସେନ ବେହେରା, ସମୀର ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ.ୟୁ.ଜେ ଓଡ଼ିଶାର ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜୀ, ସାମ୍ବାଦିକ ସୁଧୀର କୁମାର ମିଶ୍ର, ବଳରାମ ମିଶ୍ର, ଚିତ୍ତ ରଞ୍ଜନ ମିଶ୍ର, ବାଳକୃଷ୍ଣ ଷଡ଼ଙ୍ଗୀ,




ପବନ ଅଗ୍ରୱାଲ, ତୁଳସୀରାମ ଜଗତ, ଯୁଗଳ କିଶୋର ଶବର ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବଲାଙ୍ଗିର ଶାଖା ସାଧାରଣ ସମ୍ପାଦକ ରଘୁନନ୍ଦନ ସିଂ ସଭା ସଂଯୋଜନା କରିଥିବା ବେଳେ ରାଧାକ୍ରିଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଲନ ବଲ ଉଦଘାଟିତ
# ଓଡ଼ିଶା ଖେଳାଳିଙ୍କ ଚମତ୍କାର ଆରମ୍ଭ




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିରର ଆର୍ ଏନ ସିଂହଦେଓ ସ୍ପୋର୍ଟସ କଂପ୍ଲେକ୍ସସ୍ଥିତ 'ବୋଲିଂ ଗ୍ରୀନ୍ସ' କୋର୍ଟରେ ଶୁକ୍ରବାରଠାରୁ ପ୍ରଥମ ଜାତୀୟ ୧୮ବର୍ଷରୁ କମ ଏବଂ ଷଷ୍ଠ ୨୫ ବର୍ଷରୁ କମ ଲନ ବଲ ପ୍ରତିଯୋଗିତା ଆରମ୍ଭ ହୋଇଛି । ରାଜ୍ୟରେ ପ୍ରଥମ ଥର ଆୟୋଜିତ ଏହି ପ୍ରତିଯୋଗିତାରେ ଓ ଦୁଇଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଚମତ୍କାର ପ୍ରଦର୍ଶନରୁ ଅଭିଯାନ ଆରମ୍ଭ କରିଛନ୍ତି । ଓଡ଼ିଶା ଦଳର ଜୟଶଙ୍କର ପଟେଲ, ଶୁଭ୍ରାଂଶୁ ଡାଙ୍ଗ, ସୀମା ମୁଣ୍ଡା, ରାଜେଶ୍ୱରୀ ସେଠ, ରୋଶନୀ ସାହୁ ଏକକ ବର୍ଗରେ ବିଜୟୀ ହୋଇଥିବା ବେଳେ ଅଂଶୁମାନ ବାଗ ହାରିଯାଇଛନ୍ତି । ସନ୍ଦୀପ ସାହାଣୀ-ରଶ୍ମି ଦଣ୍ଡସେନାଙ୍କ ମିଶ୍ରିତ ଯୁଗଳ ଯୋଡ଼ି ୧୮ ବର୍ଷରୁ କମ ବର୍ଗରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ଶିଖା ପୋଡ଼ଙ୍କୁ ୱାକ ଓଭର ମିଳିଛି । ଉଦ୍ଘାଟନୀ ଉତ୍ସବରେ ଏସପି ଅଭିଳାଷ ଜୀ, ଅତିରିକ୍ତ ଏସପି ଗୁଣନିଧି ମଲ୍ଲିକ, ଅଭିନେତ୍ରୀ ତଥା ପୂର୍ବତନ ଖେଳାଳି ପ୍ରାଚୀ ତେହଲାନ, ଭାରତୀୟ ବୋଲିଂ ସଂଘ କୋଷାଧ୍ୟକ୍ଷ କ୍ରିଷ୍ଣବୀର ସିଂହ ରାଠି, ଭାରତୀୟ ଅସିଚାଳନା ସଂଘ କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଡକ୍ଟର ଅଞ୍ଜୁ ଲୁଥାରା, ବଲାଙ୍ଗିର କ୍ରୀଡ଼ା ଛାତ୍ରାବାସ ଭାରପ୍ରାପ୍ତ ଅଧିକାରୀ ପରାଶର ବାଗ, ଅନ୍ତର୍ଜାତୀୟ କ୍ରୀଡ଼ା ଆନନ୍ଦିନୀ ଦର୍ଜି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସମ୍ପାଦକ ତପନ କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା । ଓଡ଼ିଶା ରାଜ୍ୟ ବୋଲିଂ ସଂଘର ସମ୍ପାଦକ ସୁମିତ ରଂଜନ ପୁରୋହିତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ଏହା ପରିଚାଳିତ ହେଉଛି। ଓଡ଼ିଶା ଦୁଇଟି ଦଳ ସହ ମୋଟ ୧୬ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି ।

# ବ୍ୟବସାୟୀ ପୁରୁଷୋତ୍ତମ ପାଣିଗ୍ରାହୀଙ୍କ ପରଲୋକ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଘରୋଇ ବସ ମାଲିକ ସଂଘର ପୂର୍ବତନ ସଭାପତି ପୁରୁଷୋତ୍ତମ ପାଣିଗ୍ରାହୀ ପରଲୋକ ଗମନ କରିଛନ୍ତି । ସେ ବଲାଙ୍ଗିର - ସୋନପୁର -ବୌଦ୍ଧ ଜୋନ ବସ ମାଲିକ ସଂଘର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେ ଜଣେ କ୍ରୀଡ଼ାପ୍ରେମୀ ଭାବରେ ସୋନପୁରରେ ବେଶ ପ୍ରସିଦ୍ଧ ଥିଲେ । ଜିଲ୍ଲା କ୍ରୀଡା ସଂଘ ପ୍ରତି ତାଙ୍କ ଅବଦାନ ଅତୁଳନୀୟ । ସୋନପୁର ରେ ଭଲିବଲ ଖେଳକୁ ବଞ୍ଚାଇ ରଖି ସହରର ପ୍ରତ୍ୟେକ ଖେଳକୁଦରେ ନିଜେ ଖେଳିବା ସହ ଲୋକଙ୍କ ସହିତ ସବୁବେଳେ ଚଳ ଚଞ୍ଚଳ ଥିଲେ । ଜିଲ୍ଲା ବସ ସଂଘର ଦୀର୍ଘ ବର୍ଷ ନେତୃତ୍ୱ ନେଇଥିଲେ। ଜିଲ୍ଲା କ୍ରୀଡା ସଂଘର ପରାମର୍ଶ ଦାତା ଥିଲେ । ଖେଳ ପଡ଼ିଆରେ ବସଷ୍ଟାଣ୍ଡରେ ଜୀନ ସାରା ସମୟ ବିତାଇ ଥିଲେ, ସେ ସବୁ ଲୋକଙ୍କୁ ଛାଡି ପରଲୋକକୁ ଚାଲିଗଲେ । ଶନିବାର ତାଙ୍କ ମର ଶରୀରକୁ ରାମେଶ୍ୱର ମନ୍ଦିର ତ୍ରିବେଣୀ ସଂଗମ ନିକଟସ୍ଥ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି ।

# ବାର୍ଦ୍ଧକ୍ୟ ଭତ୍ତା ଓ ରାସନ ଚାଉଳରୁ ବଞ୍ଚିତ ଅନ୍ଧ ବିଧବା ଚମାରେନ

ମୁରିବାହାଲ,(ସବ୍ୟୁ): ଜୀବନର ଶେଷ ପରିଣତ ବୟସରେ ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଜଣେ ନିରାଶ୍ରୟା ଅନ୍ଧ ବିଧବା ବୃଦ୍ଧାଙ୍କ ଦୁଃଖ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ । ଆଧାର କାର୍ଡ ସମସ୍ୟା ପାଇଁ ଜଣେ ୯୨ବର୍ଷୀୟା ଅନ୍ଧ ବିଧବା ବୃଦ୍ଧା ମହିଳା ଦୀର୍ଘ ଦୁଇ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଓ ରାସନ ଚାଉଳରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏହି ବ୍ଲକ ବଡ଼ସାଇମରା ପଞ୍ଚାୟତ ଖଲିଆପାଲି ଗ୍ରାମରେ । ଗ୍ରାମର ସ୍ୱର୍ଗତ ଶଙ୍କର ସୁନାଙ୍କ ବିଧବା ପତ୍ନୀ ୯୨ବର୍ଷୀୟା ଅନ୍ଧ ଚମାରେନ ସୁନା । ଦୀର୍ଘ ବର୍ଷରୁ ସେ ଅନ୍ଧ ହୋଇ ଯାଇଥିବା ବେଳେ ତାଙ୍କର କୌଣସି ପୁଅ ନ ଥିବାରୁ ସେ ଟେଙ୍ଗରା ଗ୍ରାମରେ ରହୁଥିବା ନିଜ ଝିଅଙ୍କ ଘରେ ଆଶ୍ରୟ ନେଇ ରହୁଛନ୍ତି । ଅତ୍ୟନ୍ତ ଦୁଃଖର ବିଷୟ ଯେ ବାର୍ଦ୍ଧକ୍ୟଜନିତ ଓ ଆଖିକୁ ଦେଖାଯାଉନଥିବାରୁ ତାଙ୍କର ଆଧାର କାର୍ଡ କରାଇବାରେ ସମସ୍ୟା ହେଉଥିବାରୁ ସେ ଗତ ଦୁଇ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ତୋଦୟ ଯୋଜନାରେ ପାଉଥିବା ୩୫



କେଜି ରାସନ ଚାଉଳ ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛନ୍ତି ।

ଯେଉଁ ପରିଣତ ବୟସରେ ତାଙ୍କୁ ଅନ୍ୟର ସାହାରା ଓ ମୌଳିକ ସରକାରୀ ସହାୟତାର ଅଧିକ ଆବଶ୍ୟକତା ରହିଛି । ସେହି ବୟସରେ ଯଦି ତାଙ୍କୁ ମିଳିବାକୁ ଥିବା ନିଜ ହକୁ ବଞ୍ଚିତ ହେବାକୁ ପଡ଼େ, ତେବେ ଏହାଠାରୁ ବଳି ଦୁଃଖର କଥା ଆଉ କ'ଣ ହୋଇପାରେ । ନିରାଶ୍ରୟା ବୃଦ୍ଧାଙ୍କ ସମ୍ପର୍କରେ ଖବର ପାଇ ଇଚ୍ଛାପଡ଼ା ସମିତି ସଭ୍ୟ ତୋଫାନ ନାଗ ତାଙ୍କ ନିକଟକୁ ପହଞ୍ଚି କିଛି ଆର୍ଥିକ ସହାୟତା ପ୍ରଦାନ କରି ବ୍ଲକ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସମ୍ପର୍କରେ ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କୁ ପଚାରିବାରୁ ବିଭାଗୀୟ ସ୍ପଷ୍ଟ ନିର୍ଦ୍ଦେଶମତେ ବୃଦ୍ଧାଙ୍କ ସମେତ ଆଧାର କାର୍ଡ ସମସ୍ୟା ଥିବା ବ୍ଲକର ଶହେରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ଓ ରାସନ ସାମଗ୍ରୀ ଚଳିତ ମାସରୁ ବନ୍ଦ ରଖାଯାଇଛି।ଆଧାର କାର୍ଡ ସମସ୍ୟା ଦୂର ହେଲେ ଭତ୍ତା ଓ ରାସନ ସାମଗ୍ରୀ ଯଥାଶୀଘ୍ର ଯୋଗାଇ ଦିଆଯିବ । ବିଭାଗ ପକ୍ଷରୁ ଯେଉଁ ହିତାଧିକାରୀଙ୍କ ଆଧାର କାର୍ଡ ସମସ୍ୟା ରହିଛି ତାହାର ଲିଷ୍ଟ ଦିଆଯିବ, ସତନ୍ତ୍ର ଟିମ ଦାରା ସେହି ଆଧାର ସମସ୍ୟା ଦୂର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଅନ୍ୟ ଉପରେ ନିର୍ଭର କରି ଚଳୁଥିବା ଅନ୍ଧ ବିଧବା ବୃଦ୍ଧା ଚମାରେନ ସୁନା ଭଳି ଗରିବ, ନିରାଶ୍ରୟା ଲୋକଙ୍କୁ ଭତ୍ତା ଓ ରାସନ ସାମଗ୍ରୀ ଅତିଶୀଘ୍ର ଯୋଗାଇ ଦେବାକୁ ସମିତି ସଭ୍ୟ ଶ୍ରୀ ନାଗ ଦୃଢ଼ ଦାବି କରିଛନ୍ତି ।

# ପଶ୍ଚିମାଞ୍ଚଳ କ୍ଷତ୍ରିୟ ସମାଜର ମହାସମାବେଶ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଉଦ୍ୟାନବନ୍ଧଠାରେ ପଶ୍ଚିମାଞ୍ଚଳ କ୍ଷତ୍ରିୟ ସମାଜ, ନୂଆପଡ଼ା ଓ ବଲାଙ୍ଗିର ଟିକ୍ରାପଡ଼ା କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିବ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଅଧ୍ୟକ୍ଷ ମନୋଜ କୁମାର ପୁଝାରୀଙ୍କ ଅଧ୍ୟକ୍ଷତାରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ଏଥିରେ ବିଧାୟକ ଜୟଭାଇ ଢୋଲକିଆ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀଙ୍କ ସହ ଶତାଧିକ ଯୁବକ-ଯୁବତୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଚାଳନା କଳା ପ୍ରଦର୍ଶନ କରିଥିଲେ । ଶୋଭାଯାତ୍ରା ମହୁଲପଡ଼ାସ୍ଥିତ ବିଜୟଲକ୍ଷ୍ମୀ ଟ୍ରେନିଂ ସେଣ୍ଟରରେ ପହଞ୍ଚିବା ପରେ ମଶାଲ ଓ ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା।

କୁଳପତି ରାମାନନ୍ଦ ଦଳପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ତଥା ଉପକୁଳପତି ବିଜୟ ଲକ୍ଷ୍ମୀ ବରାଳ, ମୁଖ୍ୟବକ୍ତା ନଟବର କ୍ଷତ୍ରୀ, ମୁଖ୍ୟ ସଚିବ ବିଶ୍ୱନାଥ ରାଉତ, ଯୁଗ୍ମ ସଚିବ ବିଜୟ କୁମାର ବଘେଲ, ଟିକ୍ରାପଡ଼ା ସଭାପତି ପ୍ରଦୀପ କୁମାର ଦଳପତି, ଲାଠୋର ସଭାପତି ରାଜ କୁମାର ରାଉତ, ଆଞ୍ଚଳିକ ଉପସଭାପତି ରମେଶ ଠାକୁର ଓ ବୁଦ୍ଧିକୋମନା ସଭାପତି ହରି ସିଂଦେଓ ମଞ୍ଚାସୀନ ଥିଲେ । ବିଶ୍ୱନାଥ ରାଉତ ସମାଜର ବିବରଣୀ ପାଠ



କରିଥିଲେ । ବିଧାୟକ ଜୟଭାଇ ଢୋଲକିଆ ସମାଜ ପାଇଁ ସଭାଗୃହ ନିର୍ମାଣ ପ୍ରସ୍ତାବ ଦେଇଥିବାବେଳେ ପ୍ରସନ୍ନ କୁମାର ପାଢ଼ୀ ସମାଜର ଗୌରବମୟ ଇତିହାସ ଓ ଭବିଷ୍ୟତ ଗଠନ ଉପରେ ଆଲୋକପାତ କରିଥିଲେ ।

ଉପଦେଷ୍ଟା କମିଟିର ସଂଗ୍ରାମ ସିଂ ରାଉତ, ପ୍ରେମାନନ୍ଦ ଦଳପତି, ଦିଲ୍ଲୀପ କୁମାର ଦଳପତି, ମନ ପ୍ରଧାନୀ, ପଦ୍ମଲୋଚନ ପୁଝାରୀ, କୈବଲ୍ୟ କ୍ଷତ୍ରୀ, ବିଦ୍ୟାଧର ନାୟକ, ଚକ୍ରଧର ନାୟକ, ଓମ ପ୍ରକାଶ ଦଳପତି, ଅରୁନ୍ଧତୀ ଦଳପତି, ସ୍ମିତାଞ୍ଜଳି ରାଉତ, ଅହଲ୍ୟା କ୍ଷତ୍ରୀ, ସୁକନ୍ୟା କ୍ଷତ୍ରୀ, ରୋମଞ୍ଜଳି ଦଳପତି ଓ ସୋଭାନେତ୍ରି କ୍ଷତ୍ରୀ ସମାଜର ଏକତା, ସଶକ୍ତୀକରଣ ଓ ପ୍ରତିଭା ବିକାଶ ଉପରେ ମତ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁଶାନ୍ତ କୁମାର କ୍ଷତ୍ରୀ, ସମିତି ସଭ୍ୟା ରୋମଞ୍ଜଳି ଦଳପତି ଓ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦଳପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନାଗାବଳୀରେ ବର୍ଜ୍ୟଜଳର ବିଷ କୂଳରେ ପ୍ଲାଷ୍ଟିକର ପାହାଡ଼

ରାୟଗଡ଼ା,(ସବ୍ୟୁ): ସହରକୁ ଜୀବନ ଦେଉଥିବା ନାଗାବଳୀ ଆଜି ନିଜ ଅସ୍ତିତ୍ୱ ପାଇଁ ଲଢୁଛି । ଗୋଟିଏ ପଟେ ସହରର ନର୍ଦ୍ଦମା ଓ ବିଭିନ୍ନ ପ୍ରତିଷ୍ଠାନର ବର୍ଜ୍ୟଜଳ, ଅନ୍ୟପଟେ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନା । ବିନା ବିଶୋଧନରେ ବର୍ଜ୍ୟଜଳ ନଦୀରେ ମିଶିବା ଏବଂ ନଦୀକୂଳରେ ଅବାଧରେ ଆବର୍ଜନା ପକାଯିବା ଯୋଗୁ ନାଗାବଳୀର ପରିବେଶ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ନଦୀ ପ୍ରଦୂଷଣ ରୋକିବା ପାଇଁ ନିୟମ ଓ ବ୍ୟବସ୍ଥା ଥିଲେ ମଧ ତାହାର କାର୍ଯ୍ୟକାରିତା ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି । ସହରର ନର୍ଦ୍ଦମା ସମେତ ହୋଟେଲ, ଘରୋଇ ପ୍ରତିଷ୍ଠାନ ଓ ଛୋଟ ଶିଳ୍ପାନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟଜଳ ଉପଯୁକ୍ତ ଭାବେ ବିଶୋଧନ ନ କରି ନିଷ୍କାସନ କରାଯାଉଥିବା ଅଭିଯୋଗ ରହିଛି । ବର୍ଜ୍ୟଜଳ ସିଧାସଳଖ ନଦୀକୁ ଯିବା ଦ୍ୱାରା ନଦୀଜଳର ଗୁଣବତ୍ତା ଓ ଜଳଜୀବଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି । କେବଳ ବର୍ଜ୍ୟଜଳ ନୁହେଁ, ପ୍ଲାଷ୍ଟିକ ଆବର୍ଜନା ମଧ ନାଗାବଳୀ ପାଇଁ ବଡ଼ ସମସ୍ୟା ହୋଇଛି । ବଜାର ଓ ଦୋକାନଗୁଡ଼ିକରୁ ବାହାରୁଥିବା



ବିପୁଳ ପରିମାଣର ପଲିଥିନ, ପ୍ୟାକିଂ ସାମଗ୍ରୀ ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ବର୍ଜ୍ୟ ନଦୀକୂଳରେ ପକାଯାଉଥିବା ଦେଖାଯାଉଛି । ବିଶେଷକରି ଧୂମାଗୁଡ଼ା ନାଗାବଳୀ ବ୍ରିଜ ନିକଟରେ ଗତ ଦୁଇ ଦିନ ମଧ୍ୟରେ ବହୁ ପରିମାଣର ୟୁପିଭିସି ଓ ପ୍ଲାଷ୍ଟିକ ବର୍ଜ୍ୟ ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି । ଏସବୁ ବର୍ଜ୍ୟ ସହଜରେ ମାଟିରେ ମିଶୁନଥିବାରୁ ଦୀର୍ଘମିଆଦି ପରିବେଶୀୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି । ପ୍ରଦୂଷଣ ରୋକିବା ପାଇଁ ନିୟମ ଥିବା ସତ୍ତ୍ୱେ ନଦୀକୂଳରେ ଏଭଳି ଅବ୍ୟବସ୍ଥା କିପରି ଚାଲିଛି, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ନିୟମ, ୨୦୧୬ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ରେ ବର୍ଜ୍ୟର ବୈଜ୍ଞାନିକ ପରିଚାଳନା ଓ ଅନିୟନ୍ତ୍ରିତ ଭାବେ ଆବର୍ଜନା ପକାଇବା ଉପରେ ରୋକ ରହିଛି । ହେଲେ ନିୟମର ଅନୁପାଳନ କେତେଦୂର ହେଉଛି, ତାହା ନେଇ ପ୍ରଶ୍ନ ରହିଛି । ନଦୀକୁ ଯାଉଥିବା ପୌରାଞ୍ଚଳର ନର୍ଦ୍ଦମା ବର୍ଜ୍ୟଜଳର ବିଶୋଧନ ଓ ନିୟନ୍ତ୍ରିତ ନିଷ୍କାସନ ପାଇଁ ଆଉଟ ଫୁଲ ଲେଭଲ ଇଣ୍ଟରଭେନ୍ସନ ଷ୍ଟ୍ରକଚର ମାଧ୍ୟମରେ ପଦକ୍ଷେପ ନେବାର ବ୍ୟବସ୍ଥା ଥିବା କୁହାଯାଉଛି । ହେଲେ ଏହା ମାଟିସ୍ତରରେ କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ନେଇ ସ୍ୱଚ୍ଛତା ଆବଶ୍ୟକ ।

ଏପ୍ରିଲ ୨୦୨୫ରେ ପ୍ରକାଶିତ ଜଳ ପରୀକ୍ଷଣ ରିପୋର୍ଟରେ ନାଗାବଳୀର ବିଭିନ୍ନ ସ୍ଥାନର ଜଳ ନମୁନାରେ ଟିଡିଏସ, କ୍ଲୋରାଇଡ, ସଲ୍ଫେଟ, ଫ୍ଲୋରାଇଡ ଓ ନାଇଟ୍ରେଟ ଭଳି କେତେକ ମାପଦଣ୍ଡ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଥିବା ଦର୍ଶାଯାଇଛି। ତେବେ କେବଳ ଏହି ମାପଦଣ୍ଡ ଆଧାରରେ ନଦୀଜଳକୁ ବିନା ବିଶୋଧନରେ ମଣିଷ ବ୍ୟବହାର ପାଇଁ ନିରାପଦ ବୋଲି କୁହାଯାଇପାରିବ ନାହିଁ । ଜଳର ନିରାପତ୍ତା ଆକଳନ ପାଇଁ ପିଏଚ, ଘୋଳିତ ଓ ଭାସମାନ ମଇଳା, ମୋଟ ଜୀବାଣୁ ଏବଂ ଇ କୋଲାଇ ଭଳି ମାପଦଣ୍ଡର ପରୀକ୍ଷା ମଧ ଆବଶ୍ୟକ। ନାଗାବଳୀକୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଏବେ ବିଭିନ୍ନ ମହଲରୁ ଦାବି ଜୋରଦାର ହୋଇଛି । ବର୍ଜ୍ୟଜଳ ବିଶୋଧନ ବ୍ୟବସ୍ଥାକୁ କାଗଜକଲମରେ ସୀମିତ ନ ରଖି ମାଟିସ୍ତରରେ କାର୍ଯ୍ୟକାରୀ କରିବା ସହ ନଦୀକୂଳରେ ଆବର୍ଜନା ପକାଉଥିବା ବ୍ୟକ୍ତି ଓ ପ୍ରତିଷ୍ଠାନ ବିରୋଧରେ କଡ଼ା ପଦକ୍ଷେପ ନେବା ଆବଶ୍ୟକ । ନଚେତ ଆଜିର ଅବହେଳା ଆଗାମୀ ଦିନରେ ନାଗାବଳୀର ଜଳ ଓ ଜୀବଜଗତ ପାଇଁ ବଡ଼ ବିପଦ ଡାକି ଆଣିପାରେ ବୋଲି ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା କହିଛନ୍ତି।

# ଆରିମୂଳ ପ୍ରଗଣା କନ୍ଧ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

କଣ୍ଟାମାଳ, (ସବ୍ୟୁ): କଣ୍ଟାମାଳ ବ୍ଲକ ଦପଲା ଗ୍ରାମର ଶୁଳିଆ ପୀଠରେ ଆରିମୂଳ ପ୍ରଗଣା କନ୍ଧ ସମାଜର ଆହ୍ୱାନକ୍ରମେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନରୋତ୍ତମ ମଲିକଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ଉତ୍ସବରେ କନ୍ଧ ସମାଜର ଶତାଧିକ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କନ୍ଧେନବୁଢି ପୀଠରେ ପାରମ୍ପରିକ ରୀତିମତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ କନ୍ଧ ସମାଜର ପୁରୁଷ ଓ ମହିଳାମାନେ ବିଭିନ୍ନ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି, ବାଦ୍ୟର ତାଳେ ତାଳେ ନାଚି ନାଚି ସଭାସ୍ଥଳକୁ ଆସିଥିଲେ । ଆଦିମାତା ଆଦିଶକ୍ତିଙ୍କ ପୂଜାର୍ଚ୍ଚନା ପରେ ଶ୍ରୀ ନରୋତ୍ତମ ମଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବୌଦ୍ଧ ଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଭେଟଘାଟ କେବଳ ଏକ ପର୍ବ ନୁହେଁ, ଏହା ଆମ ସଂସ୍କୃତି, ଭାଇଚାରା ଓ ଏକତାର ପ୍ରତୀକ । ଆଜିର ଏହି ସମାବେଶ ଆମ କନ୍ଧ ସମାଜର ପାରମ୍ପରିକ ରୀତିନୀତି ଏବଂ ସାଂସ୍କୃତିକ ଐତିହ୍ୟକୁ ବଞ୍ଚାଇ ରଖିବାରେ ଏକ ବଡ଼ ଭୂମିକା ଗ୍ରହଣ କରୁଛି । ସମାଜର ବିକାଶ ପାଇଁ ଶିକ୍ଷା ଓ ଏକତା ଅତ୍ୟନ୍ତ ଜରୁରୀ। ଆମେ ସମସ୍ତେ ଏକଜୁଟ ହୋଇ ନିଜର ହକ ଓ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ୍। ବୋଲି କହିଥିଲେ କେନ୍ଦ୍ରୀୟ କମିଟି ସଭାପତି ବଳଭଦ୍ର କହଁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମର




ପାରମ୍ପରିକ ଅସ୍ତ୍ରଶସ୍ତ୍ର, ବାଦ୍ୟ ଓ ନୃତ୍ୟ ଆମ ଆଦିବାସୀ ପରିଚୟର ମୂଳଦୁଆ । ଆଜିର ଯୁବପିଢ଼ି ନିଜ ସଂସ୍କୃତିକୁ ଭୁଲିବାକୁ ବସିଥିବା ବେଳେ ଏଭଳି ପ୍ରଗଣା ସ୍ତରୀୟ ଭେଟଘାଟ କାର୍ଯ୍ୟକ୍ରମ ସେମାନଙ୍କୁ ନିଜ ସମ୍ପ୍ରଦାୟ ସହ ଯୋଡ଼ି ରଖିବାରେ ସାହାଯ୍ୟ କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଣ୍ଟାମାଳ ଆଦିବାସୀ ସଙ୍ଘ ଉପ ସଭାପତି ପିତାମ୍ବର ଭୋଇ, ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ ଅଧ୍ୟକ୍ଷ ସାମନ୍ତ ମାଝୀ, ସାମ୍ବାଦିକ ବଂଶୀଧର ମାଝୀ, ପଞ୍ଚରା ପ୍ରଗଣା ସଭାପତି ବୀରମିତ୍ର ମଲିକ, ପାଞ୍ଚପାଲି ସଭାପତି କୃଷ୍ଣ ଜାନି, ସରମଣ୍ଡା ସନ୍ତୋଷ ମାଝୀ, ସାତମଲିକ ଜାତକ ନାଏକ, କରୁଣାକର ଘାଣ୍ଟୁଆଲ, ଆଦିବାସୀ ନେତା ଗୋପୀନାଥ କହଁର, ପଞ୍ଚରାର ଚନ୍ଦ୍ରମଣି ଝାଙ୍କର, ବାରଝିର ସଭାପତି ବାଦୁଲା ନାଏକ, ବୀରମଲିକ ସମ୍ପାଦକ ମିନକେତନ କଅଁର, ଉବଡୁର ସମ୍ପାଦକ ସନ୍ୟାସୀ କଅଁର, ମୁଣ୍ଡାପଡା ସମ୍ପାଦକ ଅରୁଣ ସାହୁ, ଦେବେନ୍ଦ୍ର ମଲିକ, ତରଭା ବ୍ଲକ ସମ୍ପାଦକ କପୁର୍ଚ୍ଚନ ଭୋଇ, ତୁର୍କା ସମ୍ପାଦକ ଧର୍ମୁ କହଁର, ଘନଶ୍ୟାମ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଦସ୍ୟ ରିଙ୍କୁ ମାଝୀ ମଞ୍ଚ ପରିଚାଳନା କରିଥିଲେ। ସଭା କାର୍ଯ୍ୟ ଶେଷ ହେବା ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆରିମୂଳ ପ୍ରଗଣା କନ୍ଧ ସମାଜର ସଦସ୍ୟ ଓ ଦପଲା ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଉତ୍ସବରେ ବହୁ ସଂଖ୍ୟାରେ କନ୍ଧ ସମାଜର ପୁରୁଷ ଓ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଗଡପୋଖରୀ ପଞ୍ଚାୟତରେ ରାବଣପୋଡି ଉତ୍ସବ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତର ସିମୁଳିଆ ଗାୟତ୍ରୀ ଆଶ୍ରମ ପଡିଆରେ ମା ଦୁର୍ଗତୀନାଶିନୀଙ୍କ ପୂଜା ୨୧ବର୍ଷରେ ପଦାର୍ପଣ କରିଥିବା ବେଳେ ରାବଣପୋଡି ଉତ୍ସବ ଶୁକ୍ରବାର ସଂଧ୍ୟାରେ ହଜାର ହଜାର ଦର୍ଶକଙ୍କ ଗହଣରେ ପାଳିତ ହୋଇ ଯାଇଛି । ସାର୍ବଜନୀନ ଦୂର୍ଗାପୂଜା କମିଟିର ସଭାପତି ଆନନ୍ଦ ବଲ୍ଲଭ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଟିକିରାଣୀ ସେଠୀ,ପୂର୍ବତନ ସରପଞ୍ଚ ମନ୍ମଥ ନାଥ ନାୟକ,ସମିତିସଭ୍ୟ ଶତ୍ରୁଘ୍ନ ସେଠୀ,କମିଟି ସମ୍ପାଦକ ବସନ୍ତ କୁମାର ସ,ଭାଜପା ନେତା ଅବିନାଶ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଷୀରୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଲକ୍ଷ୍ମଣ ସାହୁ,ଶଶି ମହାପାତ୍ର,ଲମ୍ବୋଦର ନାୟକ,ସୁବ୍ରତ ପୃଷ୍ଟି,ନରେନ୍ଦ୍ର ସ,କମଳାକାନ୍ତ ରାଉତ,ମାୟାଧର ମହାନ୍ତି,ସମରେନ୍ଦ୍ର ପରିଡା,ସୁଧାଂଶୁ ସ୍ୱାଇଁଙ୍କ ସମେତ କମିଟିର ସମସ୍ତ ସଭ୍ୟ ପୂଜା ଓ ରାବଣପୋଡି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ମାଇଁ ଭାରତର ନିଶା ମୁକ୍ତି କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ) :ମାଇଁ ଭାରତ ଆନୁକୂଲ୍ୟରେ ଆଗରପଡ଼ାସ୍ଥିତ ଶ୍ରୀଅରବିନ୍ଦ ଷ୍ଟଡ଼ି ସେଣ୍ଟର୍ ଠାରେ ଏକ ସ୍ୱତନ୍ତ୍ର 'ନିଶା ମୁକ୍ତି ଯୁବ କାଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାଯ୍ୟକ୍ରମରେ ବିଶିଷ୍ଟ ନାଟକାର ଡଃ ସୁଧାଂଶୁ ନାୟକ,ଜିଲ୍ଲା ଯୁବ ଅଧିକାରୀ ଫାଉଦ ମହମ୍ମଦ,ଥାନା ସବ୍-ଇନ୍ସପେକ୍ଟର ଇଭାରାଣୀ ପରିଡ଼ା ଏବଂ ଡାକ୍ତର ଆଦିତ୍ୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମାଇଁ ଭାରତ ଏନ୍‌ୱାଇଭି ବାବୁରାମ ବେହେରାଙ୍କ ସଂଯୋଜନା ଓ ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଥାଗତ ଧଳ ଏବଂ ଫାଲଗୁନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମାଇଁ ଭାରତର ନିଶାମୁକ୍ତି କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ) :ମାଇଁ ଭାରତ ଆନୁକୂଲ୍ୟରେ ଆଗରପଡ଼ାସ୍ଥିତ ଶ୍ରୀଅରବିନ୍ଦ ଷ୍ଟଡ଼ି ସେଣ୍ଟର୍ ଠାରେ ଏକ ସ୍ୱତନ୍ତ୍ର 'ନିଶା ମୁକ୍ତି ଯୁବ କାଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାଯ୍ୟକ୍ରମରେ ବିଶିଷ୍ଟ ନାଟକାର ଡଃ ସୁଧାଂଶୁ ନାୟକ,ଜିଲ୍ଲା ଯୁବ ଅଧିକାରୀ ଫାଉଦ ମହମ୍ମଦ,ଥାନା ସବ୍-ଇନ୍ସପେକ୍ଟର ଇଭାରାଣୀ ପରିଡ଼ା ଏବଂ ଡାକ୍ତର ଆଦିତ୍ୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମାଇଁ ଭାରତ ଏନ୍‌ୱାଇଭି ବାବୁରାମ ବେହେରାଙ୍କ ସଂଯୋଜନା ଓ ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଥାଗତ ଧଳ ଏବଂ ଫାଲଗୁନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଅଧିକ ଶବ୍ଦ ପଡିଲା ମହଙ୍ଗା, କଟିଲା ଚାଲାଣ

ସମ୍ବଲପୁର, (ସବ୍ୟୁ): ନିର୍ଦ୍ଧାରିତ ଡେସିବଲ ଠାରୁ ଅଧିକ ଶବ୍ଦ କରିବା ଡିଜେ ଗାଡିକୁ ମହଙ୍ଗା ପଡିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚାଲାଣ କଟାଯାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ପଟ୍ଟନାୟକପଡା ଦୁର୍ଗାପୂଜା କମିଟି ପକ୍ଷରୁ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଡିଜେ ଗାଡି ନିର୍ଦ୍ଧାରିତ ମାତ୍ରା ଠାରୁ ଅଧିକ ଶବ୍ଦରେ ଗୀତ ବଜାଉଥିବା ନେଇ ସାଧାରଣ ଲୋକମାନେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରଦୂଷଣ ବିଭାଗ ଶବ୍ଦର ତୀବ୍ରତା ମାପିଥିଲା। ତୀବ୍ରତା ନିର୍ଦ୍ଧାରିତ ମାତ୍ରା ଠାରୁ ଅଧିକ ରହିଥିବା ଜଣାପଡିବା ପରେ ଅରମାନ ନାମକ ଡିଜେ ଗାଡିର ଚାଲାଣ କଟିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ରୋଟାରୀ କ୍ଲବ ଅଫ ଏଲିଟ ବଲାଙ୍ଗିର ପକ୍ଷରୁ ବିଶ୍ୱ ପୋଲିଓ ଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): ରୋଟାରୀ କ୍ଲବ ଅଫ ଏଲିଟ ବଲାଙ୍ଗିର ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପାଞ୍ଜଳୀ ମିଶ୍ର ବିଶ୍ୱ ପୋଲିଓ ଦିବସକୁ ଉଦଘାଟନ କରିବା ସହିତ ଏହାର ନିରାକରଣ ପାଇଁ ବିଶ୍ୱ ସ୍ତରରେ ରୋଟାରୀ କ୍ଲବର ଅବଦାନକୁ ପ୍ରଶଂସା କରିଥିଲେ । ଏହି ରୋଗକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିବାକୁ ସମସ୍ତେ ସଚେତନ ହୋଇ ନିଜ ନିଜ ଛୁଆମାନଙ୍କୁ ପୋଲିଓ ଟିକା ଦେବା ଆବଶ୍ୟକ ବୋଲି କହିଥିଲେ । ରୋଟାରୀ ଏଲିଟର ସଭାପତି ସୁରେଶ ଯାଦବ ଓ ସମ୍ପାଦକ ଭୂମିକା ଭମରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମାଁ ମାନଙ୍କୁ ସେମାନଙ୍କର ଛୁଆମାନଙ୍କ ପାଇଁ ଆବଶ୍ୟକ ଉପହାର ପ୍ରଦାନ କରିଥିଲେ ।

## ବର୍ଷାଙ୍କୁ ସହଯୋଗର ହାତ ବଢାଇଲେ ସମାଜସେବୀ ସିଦ୍ଧାର୍ଥ



ସମ୍ବଲପୁର, (ସବ୍ୟୁ): ଅଭାବ ଭିତରେ ବି ପ୍ରତିଭା ମରେ ନାହିଁ, ଯଦି ମିଳେ ସହଯୋଗର ହାତ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ସମ୍ବଲପୁର ମାର୍ଶାଲ ଆର୍ଟ ସ୍କୁଲର ଉଦୀୟମାନ ମହିଳା କ୍ରୀଡ଼ାବିତ୍ ବର୍ଷା ସୁନିଆ। ଜାତୀୟ ସ୍ତରରେ ଖେଳିବା ସହ ଓଡ଼ିଶା ତଥା ସମ୍ବଲପୁର ପାଇଁ ପଦକ ଆଣିବାର ସ୍ୱପ୍ନ ରହିଛି। ତେଣୁ ଆସନ୍ତା ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଚେନ୍ନାଇ ସ୍ଥିତ ଜେପିଆର କଲେଜରେ ଆୟୋଜିତ ହେବାକୁ ଥିବା ଜାତୀୟ ଜୁନିଅର ଉସୁ କ୍ରୀଡ଼ା ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ତେବେ ଅର୍ଥ ବାଧକ ସାଜିଥିବା ବେଳେ ଏହି କଠିନ ସମୟରେ ବର୍ଷାଙ୍କ ପାଇଁ ସମାଜସେବୀ ସିଦ୍ଧାର୍ଥ ସାହା ସହଯୋଗର ହାତ ବଢାଇଛନ୍ତି। ସିଦ୍ଧାର୍ଥ ସାହାଙ୍କ ଏଭଳି ମହତ୍ କାର୍ଯ୍ୟ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି। ତେବେ ଏହି ସହଯୋଗ ପରେ ସେ ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିସହ ସଫଳତା ପାଇବେ ବୋଲି ଆଶା ରହିଛି।

# କୁଳତା ସମାଜର ଓଡିଶା-ଛତିଶଗଡ ଜାତିକରା ଭୋଇ ସମ୍ମିଳନୀ



ସମ୍ବଲପୁର, (ସବ୍ୟୁ): ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲ୍ଲା ବସନା ଥାନା ମୋହକା ଗ୍ରାମରେ କୁଳତା ସମାଜର ଓଡିଶା-ଛତିଶଗଡ ଜାତିକରା ଭୋଇ ପରିବାରର ଦଶମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଘଣ୍ଟଶଙ୍ଖ ହୁଳହୁଳି ବାଜା ହୁଳହୁଳିରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ରଣେଶ୍ୱର ମାଆ ରାମଚଣ୍ଡୀଙ୍କର ପ୍ରତିମୂର୍ତ୍ତି, ଝଣ୍ଡା ଏବଂ ଜୁଗାର ଧରି ପୂଜା ସ୍ଥାନକୁ ପହଁଚିବା ପରେ ଆରାଧ୍ୟ ଦେବ ବାବା ରଣେଶ୍ୱର ଏବଂ ଆରାଧ୍ୟା ଦେବୀ ମାଆ ରାମଚଣ୍ଡୀଙ୍କର ପୂଜା ଆରତୀ ଅନୁଷ୍ଠିତ ହୋଇଥିଲା । ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରବୀଣ ଭୋଇ, ଚୁରାମଣି ଭୋଇ, ସନାତନ ଭୋଇ, ଉପଦେଷ୍ଟା ଡୋଳାମଣି ଭୋଇ, ଗୌତମ ଭୋଇ, ସତ୍ୟାନନ୍ଦ ଭୋଇ, ମହେନ୍ଦ୍ର ଭୋଇ, ବିପିନ ବିହାରୀ, ରେଶମ ଭୋଇ, ପ୍ୟାରିଲାଲ ଭୋଇ, ଶେଷଦେବ ଭୋଇ, ମୁରଲୀ ଭୋଇ, ଅଧ୍ୟକ୍ଷ ଜୟକୃଷ୍ଣ ଭୋଇ, ଗଣେଷ ଭୋଇ, ସଚିବ ଦୟାସାଗର ଭୋଇ, ପ୍ରେମଚାନ୍ଦ ଭୋଇ,ଉଦ୍ଧବ ଭୋଇ, ଚନ୍ଦ୍ରଶେଖର ଭୋଇ, ମିଡ଼ିଆ ପ୍ରଭାରୀ ଦେବୀ ପ୍ରସାଦ ଭୋଇ ପ୍ରମୁଖ ଜାତିକରା ଭୋଇ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲ ଓ କଲେଜ ସ୍ତରୀୟ ପରୀକ୍ଷାରେ ଭଲ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆୟୋଜକ ମୋହକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଟେରୁ ନଦୀରେ ମୃତଦେହ ଗୋଡ଼ ବନ୍ଧା ଥିବାରୁ ବଢ଼ିଲା ସନ୍ଦେହ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଚଉଷଠି ଦଶ ନିକଟ ପୋଟେରୁ ନଦୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି । ମୃତଦେହର ଗୋଡ଼ ବନ୍ଧା ହୋଇଥିବା ଜଣାପଡ଼ିବା ପରେ ଘଟଣାକୁ ନେଇ ସନ୍ଦେହ ବଢ଼ିଛି । ତେବେ ମୃତକଙ୍କ ପରିଚୟ ଏଯାଏଁ ମିଳିପାରି ନାହିଁ । ସୂଚନା ଅନୁଯାୟୀ, ପୋଟେରୁ ନଦୀରେ ଏକ ମୃତଦେହ ଭାସୁଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ମୃତଦେହର ଗୋଡ଼ ବନ୍ଧା ଥିବାରୁ ଏହା ପଛରେ କୌଣସି ଅପରାଧିକ ଘଟଣା ରହିଛି କି ନାହିଁ, ସେନେଇ ସନ୍ଦେହ ପ୍ରକାଶ ପାଇଛି । ତେବେ ମୃତ୍ୟୁର କାରଣ ସମ୍ପର୍କରେ ଏଯାଏଁ କୌଣସି ସ୍ପଷ୍ଟ ତଥ୍ୟ ମିଳିନାହିଁ । ଘଟଣାସ୍ଥଳରେ ମାଲକାନଗିରି ଏସଡ଼ିପିଓଙ୍କ ସମେତ ପୋଲିସ ଟିମ୍ ଉପସ୍ଥିତ ରହି ତଦନ୍ତ ଚଳାଇଛନ୍ତି । ମୃତଦେହର ପରିଚୟ ଚିହ୍ନଟ କରିବା ସହ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହା ହତ୍ୟାକାଣ୍ଡ ନା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି, ତାହା ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ପୋଲିସ ତଦନ୍ତରୁ ମୃତ୍ୟୁର ରହସ୍ୟ ଉନ୍ମୋଚନ ହେବା ନେଇ ଅପେକ୍ଷା ରହିଛି ।

## ଗଡପୋଖରୀ ପଞ୍ଚାୟତରେ ରାବଣପୋଡି ଉତ୍ସବ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତର ସିମୁଳିଆ ଗାୟତ୍ରୀ ଆଶ୍ରମ ପଡିଆରେ ମା ଦୁର୍ଗତୀନାଶିନୀଙ୍କ ପୂଜା ୨୧ବର୍ଷରେ ପଦାର୍ପଣ କରିଥିବା ବେଳେ ରାବଣପୋଡି ଉତ୍ସବ ଶୁକ୍ରବାର ସଂଧ୍ୟାରେ ହଜାର ହଜାର ଦର୍ଶକଙ୍କ ଗହଣରେ ପାଳିତ ହୋଇ ଯାଇଛି । ସାର୍ବଜନୀନ ଦୂର୍ଗାପୂଜା କମିଟିର ସଭାପତି ଆନନ୍ଦ ବଲ୍ଲଭ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଟିକିରାଣୀ ସେଠୀ,ପୂର୍ବତନ ସରପଞ୍ଚ ମନ୍ମଥ ନାଥ ନାୟକ,ସମିତିସଭ୍ୟ ଶତ୍ରୁଘ୍ନ ସେଠୀ,କମିଟି ସମ୍ପାଦକ ବସନ୍ତ କୁମାର ସ,ଭାଜପା ନେତା ଅବିନାଶ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଷୀରୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଲକ୍ଷ୍ମଣ ସାହୁ,ଶଶି ମହାପାତ୍ର,ଲମ୍ବୋଦର ନାୟକ,ସୁବ୍ରତ ପୃଷ୍ଟି,ନରେନ୍ଦ୍ର ସ,କମଳାକାନ୍ତ ରାଉତ,ମାୟାଧର ମହାନ୍ତି,ସମରେନ୍ଦ୍ର ପରିଡା,ସୁଧାଂଶୁ ସ୍ୱାଇଁଙ୍କ ସମେତ କମିଟିର ସମସ୍ତ ସଭ୍ୟ ପୂଜା ଓ ରାବଣପୋଡି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଆଇନଜୀବୀ ଅଶ୍ୱିନୀ ମିଶ୍ରଙ୍କ ପରଲୋକ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରସ୍ଥିତ ତେଲିଗୋଠ ପଡ଼ା ମୂଳ ନିବାସୀ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ କୁମାର ମିଶ୍ର (୭୮)ଙ୍କ ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲ ଚିକିତ୍ସିତ ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସା ଚାଲିଥିବା ସମୟରେ ତାଙ୍କ ଦେହାନ୍ତ ହୋଇଯାଇଥିଲା । ତାଙ୍କ ଦେହାନ୍ତ ସମୟରେ ସ୍ତ୍ରୀ ମାଧୁରୀ ମିଶ୍ର, ପୁଅ ଅଭିନାଶ , ବହୁ ଅର୍ଚନା , ବଡ଼ଝିଅ ରଂଜିତା ମିଶ୍ର ଜ୍ୱାଇଁ ସାମ୍ବାଦିକ ରିତୁରାଜ ସିଂହ, ସାନଝିଅ ସିପ୍ରା ପାଢ଼ୀ ଜ୍ୱାଇଁ ସନ୍ତୋଷ ପାଢ଼ୀ, ନାତୁଣୀ ଆଦ୍ୟାଶା, ଆରାଧ୍ୟା, ସାଇଲି, ସାଇସା ନାତି ସୋମୁଙ୍କ ସମେତ ପରିବାର ଏବଂ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ତାଙ୍କ ପୁତ୍ର ଅଭିନାଶ ମୁଖାଗ୍ନି ଦେଇଥିଲେ ।

## ଦୁର୍ଗାପ୍ରସାଦଙ୍କ ଉପନ୍ୟାସ ଐର ଖାରବେଳ ଉନ୍ମୋଚିତ

ନୀଳଗିରି, (ସବ୍ୟୁ) : ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଔପନ୍ୟାସିକ ତଥା ଗାଳ୍ପିକ ଦୁର୍ଗାପ୍ରସାଦ ପରିଡାଙ୍କ ଚତୁର୍ଦ୍ଦଶ ପୁସ୍ତକ ଐର ଖାରବେଳ ସଜନାଗଡସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମାବେଶରେ ଉନ୍ମୋଚିତ ହୋଇଥିବା ବେଳେ ଏକ ବନ୍ଧୁମିଳନର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ବାମନଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିଶ୍ୱନାଥ ନାୟକ ସ୍ୱାଗତ ସମ୍ଭାଷଣ ଓ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାକକଥନ ରଖିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନଶିକ୍ଷକ ସୋମନାଥ ନାୟକ ଅତିଥିପରିଚୟ ସହିତ ଶ୍ରୀ ପରିଡାଙ୍କ ପୂର୍ବଲିଖିତ ପୁସ୍ତକ ଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଡଃ ପ୍ରଦୀପ୍ତ କୁମାର ମିଶ୍ର ଏବଂ ସାହିତ୍ୟିକ ଶରତଚନ୍ଦ୍ର ମହାପାତ୍ର ଐର ଖାରବେଳ ପୁସ୍ତକର ସମୀକ୍ଷା କରିଥିଲେ। ସୂଚନା ଅନୁଯାୟୀ ଓଡ଼ିଶାର ବରପୁତ୍ର ଭୂମିପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରେରଣାରେ ସେ ଏହି ପୁସ୍ତକ ରଚନା କରିଥିଲେ ହେଁ ବିଜୁବାବୁଙ୍କ ଜୀବଦଶାରେ ପୁସ୍ତକଟି ସମ୍ପୂର୍ଣ୍ଣ ହୋଇପାରିନଥିବା ଲେଖକ ପ୍ରକାଶ କରିଥିଲେ। ସାରସ୍ୱତ ସାଧକ ତଥା ରାଜ୍ୟପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ପଣ୍ଡା , ସୁବାସିନୀ ଜୀ, ବିପିନବିହାରୀ ବାରିକ, ଗଗନ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ ରବି ରାଉତ, ସତ୍ୟବ୍ରତ ମିଶ୍ର, ଶିଳ୍ପୀ କେଶୁ ଦାସ, ମହେଶ୍ୱର ପରିଡା, ବବିତା ସେଠୀ ପ୍ରମୁଖ ଲେଖକଙ୍କର ଲେଖନୀ ଓ ସାଧନାପାଇଁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରତି ତିନମାସରେ ଥରେ ଏଭଳି ନିଆରା ଢଙ୍ଗରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବାର ସର୍ବସମ୍ମତି ମତ ପ୍ରକାଶ ପାଇଥିଲା। ଶେଷରେ ବାମନ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିବାସହିତ ଶମୀବୃକ୍ଷ ସାହିତ୍ୟ ସଂସଦର ଉପସଭାପତି ସ୍ୱର୍ଗତ ଇନ୍ଦ୍ରମଣୀ ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ଠାରେ ପୂର୍ବ ଛାତ୍ର ଏକତ୍ରିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗରର ପ୍ରଚାରକ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟ ଅତିଥି, ଧନୁପାଲି ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଡ଼ ଦେବେନ୍ଦ୍ର ପଣ୍ଡା, ସମ୍ପାଦକ ଜୟଶଙ୍କର ପାଢ଼ୀ, ସହ ସମ୍ପାଦକ ଅଭିମନ୍ୟୁ ସାହୁ, ପରିଚାଳନା ସମିତି ସଦସ୍ୟା ଅନସୂୟା କର, ପୂର୍ବ ଛାତ୍ର ସଂଯୋଜକ ଜ୍ୟୋତି ପ୍ରକାଶ ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ, ସହ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଜ୍ଞା ଭଉଣୀ ସଂଯୋଜନା କରିଥିବା ବେଳେ ପ୍ରାୟ ୩୦ଜଣ ଭାଇ ଭଉଣୀ ଯୋଗଦାନ କରି ଛାତ୍ର ଜୀବନର ଅନୁଭୂତି ବଖାଣିଥିଲେ। ଶେଷରେ ବିଦ୍ୟାଳୟର ନିହାରିକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରେମୁଣାର ପୂର୍ବତନ ସରପଞ୍ଚ ଗୋପୀନାଥ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,(ସବ୍ୟୁ): ହନୁମାନ କଲ୍ୟାଣ ମଣ୍ଡପ ରେମୁଣାଠାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସାଥି ଗୋପୀନାଥ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରେମୁଣା ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଓ ଭଦ୍ରକ ଜିଲାରୁ ତାଙ୍କର ଅତି ସହଯୋଗୀ ବନ୍ଧୁ, ବୁଦ୍ଧିଜୀବୀ ଏବଂ ସମାଜସେବୀ ମାନେ ଯୋଗ ଦେଇ ସାଥି ଗୋପୀନାଥ ଜେନା ଙ୍କ ସ୍ମୃତି ଗୁଡ଼ିକ ତୋଳି ଧରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସିପିଆଇଏମ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋସ ଦାସ , ସିପିଆ(ଏମ)ର ଜିଲ୍ଲା ସମ୍ପାଦକ ଶିଶିର ହୁଇ, କ୍ଷେତମଜଦୁର ୟୁନିଅନ ରାଜ୍ୟ ସଭାପତି ନିର୍ମଳ ନାୟକ,ପୂର୍ବତନ ଅଧ୍ୟାପକ ପ୍ରଶାନ୍ତ ବରାଳ, ପୂଜ୍ୟପୂଜାର ନରୋତ୍ତମ ପରିଡା, ସାହିତ୍ୟ ସଂସଦର ଭାଗବତ ଦାସ,କମଳାକାନ୍ତ ଦାସ, ବାଲେଶ୍ୱର ବାର ସଭାପତି ତଥା ତାଙ୍କ ସମୟରେ ନୂଆପାଢୀ ପଞ୍ଚାୟତ ସରପଞ୍ଚ ଓକିଲ ମନୋଜ ନାୟକ, ବରିଷ୍ଠ ଓକିଲ ଅଶୋକ ସେନାପତି, ଭଦ୍ରକ ରୁ ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରାଜିତା ନାୟକ, ହରିପ୍ରିୟା ଜେନା,ପ୍ରଫୁଲ୍ଲ ପାଢ଼ୀ,ହରେକୃଷ୍ଣ ପଣ୍ଡା, ଭକ୍ତ ହରି ଟୁଙ୍ଗ, ଜୟନ୍ତ ବରାଳ, ମାୟାଧର ମହାର୍ଣ୍ଣ, ଷ୍ଟାଲିନ ମିଶ୍ର,ବିରେଶ ଷଡ଼ଙ୍ଗୀ,ଚକ୍ରଧର ଦାସ, ରାଜେନ୍ଦ୍ର ସାହୁ, ଦେବବ୍ରତ ମାଝୀ, ଗୌରାଙ୍ଗ ଦାସ, ଗୋପୀନାଥ ଦାସ, ପୂର୍ବତନ ଛାତ୍ର ନେତା ଦିଲ୍ଲୀପ ଗିରି, କୃଷକ ସଭା ରାଜ୍ୟ ସଭାପତି ସୀତାଂଶୁ ସେନାପତି ପ୍ରମୁଖ ନେତା,ସମାଜସେବୀ ଆଜିର ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତବ୍ୟ ରଖିଥିଲେ ଏବଂ ପ୍ରୟାତ ସାଥି ଗୋପୀନାଥ ଜେନାଙ୍କ ତାଙ୍କର ସ୍ମୃତିଚାରଣ କରିଥିଲେ ।

## ରେଖା ପାଣ୍ଡେ ଏମସିଏଲ ମାନବ ସମ୍ବଳ ନିର୍ଦ୍ଦେଶିକା

ସମ୍ବଲପୁର, ୨୪।୧୦(ସବ୍ୟୁ): ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ମାନବ ସମ୍ବଳ ନିର୍ଦ୍ଦେଶିକା ଭାବେ ରେଖା ପାଣ୍ଡେ ସମ୍ବଲପୁର ମୁଖ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କର ମାନବ ସମ୍ବଳ ପରିଚାଳନା, ପ୍ରଶାସନ ଏବଂ ଶିଳ୍ପ ସମ୍ପର୍କ କ୍ଷେତ୍ରରେ ୩୨ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ଏହା ପୂର୍ବରୁ ସେ କୋଲକାତାସ୍ଥିତ କୋଲ ଇଣ୍ଡିଆ ଲିମିଟେଡ୍ ମୁଖ୍ୟାଳୟରେ ଜେନେରାଲ ମ୍ୟାନେଜର ଭାବେ କାଯ୍ୟ କରୁଥିଲେ। ଏଥିସହ ସେ ସେଣ୍ଟ୍ରାଲ କୋଲଫିଲ୍‌ଡସ୍ ଲିମିଟେଡ୍ (ସିସିଏଲ୍)ରେ ଜେନେରାଲ ମ୍ୟାନେଜର (ୱେଲଫେୟାର) ଭାବେ ମଧ କାର୍ଯ୍ୟ କରିଛନ୍ତି। ଶ୍ରୀମତୀ ପାଣ୍ଡେ ରାଞ୍ଚି ଜେଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସର୍ଭିସର ଛାତ୍ରୀ ଓ ପର୍ସୋନାଲ ମ୍ୟାନେଜମେଣ୍ଟରେ ଏମବିଏ କରିଛନ୍ତି। ଏଥିସହ ସେ ଜୟପୁର ମହାରାଣୀ କଲେଜରୁ ଅର୍ଥନୀତି (ଅନର୍ସ)ରେ ସ୍ନାତକ ହାସଲ କରିଛନ୍ତି। ତେବେ ତାଙ୍କର ବ୍ୟାପକ ଅଭିଜ୍ଞତା ଏବଂ ଲୋକ-କୈନ୍ଦ୍ରିକ ନେତୃତ୍ୱ ଏମସିଏଲର ମାନବ ସମ୍ବଳ ଓ ଶିଳ୍ପ ସମ୍ପର୍କ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ



କର୍ମଚାରୀ କଲ୍ୟାଣ ଓ କମ୍ପାନୀର ନିରନ୍ତର ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତିର ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଠାରେ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ ଭବାନୀଶଙ୍କର ଭୋଇଙ୍କ ସଂଯୋଜନାରେ ସଭା ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବୌଦ୍ଧ ପୀଠ ଗୁଡ଼ିକ ରହିଥିବା ବେଳେ ସମନ୍ୱୟ ଅଭାବରୁ ଏହାର ଉଚିତ ବିକାଶ ହୋଇପାରୁନାହିଁ ବୋଲି ମତପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସକୁ ଲୋକଲୋଚନକୁ ଆଣିବା ସହ ସମ୍ବଲପୁତ୍ର ଗୁରୁ ପଦ୍ମ ସମ୍ଭବ, ରାଜା ଇନ୍ଦ୍ରଭୁତି, ଲକ୍ଷ୍ମୀ କରାଙ୍କ ସହିତ ତତ୍କାଳୀନ ସମୟର ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଏଥିପାଇଁ ଭାରତୀ ସମାଜ ପକ୍ଷରୁ ଗଠିତ ଗୁରୁ ପଦ୍ମ ସମ୍ଭବ ପ୍ରଚାର ସମିତି ସମସ୍ତ



ପୀଠ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଉଦ୍ୟମ କରୁଛି। ବୈଠକରେ ପଶ୍ଚିମ ଓଡିଶାର ବିଭିନ୍ନ ଜାଗାରେ ଥିବା ଐତିହାସିକ ସ୍ଥଳ ଗୁଡ଼ିକ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଥିବା ବିଷୟରେ ସୂଚନା ଦିଆଯାଇଥିଲା। ଏହାସହ ୧୧ ତମ ସମର୍ପଣ ଉତ୍ସବର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଚଳିତ ମାସ ୩୧ ତାରିଖରେ ଲକ୍ଷ୍ମୀଡୁଙ୍ଗୁରିରେ ସମର୍ପଣ ଉତ୍ସବ ଅବସରରେ ବୃକ୍ଷ ପୂଜା ଆୟୋଜନ କରାଯିବ। ଏଥିସହ ୧ ନଭେମ୍ବରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୧ ତମ ସମର୍ପଣ ଉତ୍ସବ ଅବସରରେ ଆଲୋଚନା ଚକ୍ର ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଡ଼ ସ୍ୱୟଂପ୍ରକାଶ ପଣ୍ଡା, ଗୋପବନ୍ଧୁ ସେନାପତି, ମାନସ ରଞ୍ଜନ ବକ୍ସି, ଲଳିତା ଭୋଇ, ରଞ୍ଜିତ ସାହୁ, ଚୂଡ଼ାମଣି ଭୀମ, ବସନ୍ତ କୋକବାଗ, ବଳରାମ ମଟାରୀ, ପ୍ରଦୀପ କୁମାର ପଣ୍ଡା, ଜନାର୍ଦ୍ଦନ ବାର୍ଗେ, ସୁରେନ୍ଦ୍ର ବରର୍ଡ଼ି ଓ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯାହାଙ୍କ କ୍ୟାମେରା ଲେନ୍ସ ଥିଲା ତାଙ୍କର ଲାଇଫ ଲାଇନ୍...



ଇଂ ମାନସ ରଞ୍ଜନ ଷଡ଼ଙ୍ଗୀ

୧୯୨୪ ଅଗଷ୍ଟ ୨୪ । କେଉଁ ଏକ ଅମୃତ ବେଳାରେ ବାରିପଦା ଦେଉଳ ସାହି ସ୍ଥିତ ଘରେ ଆନନ୍ଦର ଲହଡ଼ି ଭାଙ୍ଗିଲା, ବାପା ଚନ୍ଦ୍ରମୋହନଙ୍କ ପୁର ଉଜ୍ଜଳ ହେଲା, ମା ସୁଗନ୍ଧାଙ୍କ କୋଳ ମଣ୍ଡନ ହେଲା, ଶ୍ରୀ ଜଗନ୍ନାଥ ମନ୍ଦିର ଉପର ପଶ୍ଚିମ ନୀଳ ଆକାଶରେ ଜହ୍ନ ମାମୁ ହସୁ ଥିଲେ, ନବଜାତ ଶିଶୁ ପୁତ୍ର ଆସିଗଲେ, ଘର ସୁଗନ୍ଧିତ ହେଲା, ଯାହାଙ୍କ ପୂର୍ବପୁରୁଷମାନେ ଆସିଥିଲେ ଶ୍ରୀକ୍ଷେତ୍ର ପୁରୀରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାକୁ ମହାରାଜା ଯଦୁନାଥ ଭଞ୍ଜଙ୍କ ସମୟରେ, ରଥ ନିର୍ମାଣ ଶିଳ୍ପୀ ଭାବେ ।

ତୁଳସୀ ଦୁଇ ପତ୍ରରୁ ବାସିଲା– ତିରିଶ ଦଶକରେ ବାରିପଦା ହାଇସ୍କୁଲ (ବର୍ତ୍ତମାନର ଏମ୍‌କେସି ହାଇସ୍କୁଲ) ଶ୍ରେଣୀ ଗୃହର ଝରକା କଡରେ ସର୍ବଦା ବସି କାଗଜରେ ପିନ୍ ହୋଲ୍ କରି ବହିଃ ଦୃଶ୍ୟରେ ମଜ୍ଜି ରହି ସୁନା ପୁଅ ସ୍ୱପ୍ନ ଦେଖିବା ଆରମ୍ଭ କଲେ– ଏହା ନିରୀକ୍ଷଣ କରି ବିଜ୍ଞାନର ସେନ୍ ମାଷ୍ଟ୍ରେ ଭବିଷ୍ୟବାଣୀ ଶୁଣାଇଲେ, ସାହିତ୍ୟର ଷଡ଼ଙ୍ଗୀ ସାର୍ ପିଲାଙ୍କ ହାବଭାବ, ସ୍ୱାଭାବ ଲକ୍ଷ୍ୟ କରି ସହମତି ଜଣାଇଲେ । ସମୟ କ୍ରମେ ସ୍ୱପ୍ନ ସାକାର ରୂପ ନେଲା, ବାଣୀ, ସହମତି ବି ସତ ହେଲା ପଢ଼ା ପଢ଼ି ବହି ବସ୍ତାନିରେ ଡୋରି ପଡ଼ିଲା ଓ ସେ ଆଲୋକ ଚିତ୍ର ଶିଳ୍ପୀ ଭାବେ ପରିଚିତ ହେଲେ ଜୀବନ ସାରା । ବାରିପଦା ଦେଖିଲା ପ୍ରଥମେ 'ବିନ୍ଧାଣୀ ଆଲୋକ ଚିତ୍ର' ଷ୍ଟୁଡ଼ିଓ ଯାହା ପରେ ପରେ ନାମିତ ହେଲା 'ବିନ୍ଧାଣୀ ଫଟୋ ଦିନ ରାତି' ।

ବାରିପଦା ସାଜିଲା ତାଙ୍କର କ୍ରୀଡ଼ା ଭୂମି, ବିଦ୍ୟା ଭୂମି, ଯୌବନର ରଙ୍ଗ ଭୂମି, ପରେ ଜୀବନର ସଫଳ କର୍ମଭୂମି । ଏମିତି ସେ ଦିନ ଆସିଲା ତାଙ୍କ ଜୀବନରେ । ସଂଯୋଗକୁ ସେ ସମୟରେ ବିଦେଶରୁ ଫେରିଥିବା ଜନ ମୋହନ ମହାପାତ୍ର ବାରିପଦାରେ ଫଟୋ ଉଠା ବିଷୟରେ କିଛି କିଛି କାର୍ଯ୍ୟ କରୁଥିଲେ । ତାଙ୍କ ସହିତ ସମ୍ପର୍କରେ ଛନ୍ଦି ହେଲେ ସେ, ଯଦିଓ ପ୍ରଶିକ୍ଷଣ ଦେବା ପାଇଁ ଜନ ମୋହନ ଏତେଟା ତତ୍ପରତା ଦେଖାଉ ନ ଥିଲେ । ତଥାପି ସେ ତାଙ୍କ ନିକଟରେ ନିଷ୍ଠାର ସହିତ ଯୋଡ଼ି ହୋଇ ପ୍ରବଳ ଇଚ୍ଛା ଶକ୍ତି ଯୋଗୁ ଫଟୋ ଉଠା, ଡେଭେଲୋପିଂ ଓ ପ୍ରସେସିଙ୍ଗ କଳାର ଅସଲ ମଞ୍ଜି ଓ ଖିଅଟି ଜାଣିଗଲେ । ବୋଧ ହୁଏ ଈଶ୍ୱରଙ୍କ ଏହାହିଁ ବରାଦ ଥିଲା ।

ସୌଭାଗ୍ୟକୁ ଇତି ମଧ୍ୟରେ କ୍ୟାମେରାଟେ ତାଙ୍କ ନିକଟରେ ଉପଲବ୍ଧ ହେଲା । ଯୁବ ଫଟୋଗ୍ରାଫରଙ୍କ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହେଲା । କ୍ୟାମେରା ଲେନ୍ସରେ ଆସିବା ଆରମ୍ଭ ହେଲା, ପ୍ରଥମ ସୋପାନରେ ମୟୂରଭଞ୍ଜ ରାଜବାଟୀର ଏକ ପ୍ରୋଗ୍ରାମରେ । ମହାରାଜା ପ୍ରତାପ ଚନ୍ଦ୍ର ତାଙ୍କ ଫଟୋ ଟେକନିକରେ ଖୁସି ବ୍ୟକ୍ତ କଲେ । ପରେ ପରେ ସମ୍ପର୍କ ନିବିଡ଼ ହେଲା । ଫଟୋ ଉଠା ଅଭିଯାନ ଜାରି ରହିଲା । ରାଜପରିବାରର ବାବାଜୀ ଲାଲ୍ ସାହେବ ଭଉଣୀଙ୍କ ବାହାଘର ଫଟୋ ଓ ଶିମିଳି ବନାନୀର ବିଶ୍ୱ ସ୍ତରରେ ଚହଳ ସୃଷ୍ଟି କରିଥିବା ବ୍ୟାଘ୍ର ରାଣୀ ଖଇରୀର ଗଛ ଉପରେ ଉଠି ଏକା ଲୟରେ ଚାହିଁ ରହିଥିବାର ଦୃଶ୍ୟ, ତ ପୁଣି କେତେବେଳେ ଅଭୟାରଣ୍ୟର ଛୋଟିଆ ପୁଷ୍କରିଣୀରେ ଜଳକ୍ରୀଡା କରୁଥିବାର ବିରଳ ଦୃଶ୍ୟର ଫଟୋ, ଅସ୍ତମିତ ସୂର୍ଯ୍ୟର କିରଣରେ ଫେରୁ ଥିବା ଆଦିବାସୀ ତରୁଣୀର ମୁଣ୍ଡ ଉପରେ ରଖିଥିବା ଧାନ କେଣ୍ଡାର ମନ ଛୁଆଁ ଫଟୋ, ଯାହା ଛାପି ହେଇ ଗଲା କଥାକାର ମନୋଜ ଦାସଙ୍କ ଦିଗନ୍ତ ପତ୍ରିକାର କଭର ପେଜରେ ଓ ପଣ୍ଡିଚେରୀ ଆର୍ନ୍ତଜାତୀକ ଫଟୋ ସେଲୁନରେ ତାହା ପୁରସ୍କାର ସାଉଁଟିଲା । ପୁଣି ଶିମିଳିପାଳର ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ ରାଜି, ନିର୍ଗତ ହେଇଥିବା ଜଳ ପ୍ରପାତ ଝରଣାର ଅପରୂପ ସୌନ୍ଦର୍ଯ୍ୟ ଠୁଁ ଆରମ୍ଭ କରି, ଆଦିବାସୀ ଗଣପର୍ବରେ ସୁନ୍ଦରୀ ଆଦିବାସୀ ତରୁଣୀଙ୍କର ପାରମ୍ପରିକ ତୀର ବିନ୍ଧିବାର ବିରଳ ଦୃଶ୍ୟ, ପୁଣି ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜର ଲୋକନୃତ୍ୟ ଛଉର ନୃତ୍ୟରେ ରଙ୍ଗବାଜା, ଢୋଲର ତାଳ ବାଦ୍ୟ ଓ ମହୁରୀର ସ୍ୱର ଲହରୀର ତାଳେ ତାଳେ ନୃତ୍ୟ ଶିଳ୍ପୀଙ୍କ ନିଆରା ଫଟୋଚିତ୍ର, ଗଣପର୍ବ ପବିତ୍ର ମକର ସଂକ୍ରାନ୍ତିରେ ବାରିପଦା ହାଟରେ ହେଉଥିବା ଅନନ୍ୟ ପରମ୍ପରା କୁକୁଡ଼ା ଲଢ଼େଇର ଚିତ୍ତାକର୍ଷକ ଦୃଶ୍ୟ, ପୁଣି ପାରମ୍ପରିକ ଲୋକ ଉତ୍ସବ ଉଡ଼ା ପର୍ବରେ ମାନସିକଧାରୀ ପାଟ ଭକ୍ତମାନଙ୍କ କଣ୍ଟା ଉପରେ, ପ୍ରଜ୍ୱଳିତ



ଅଙ୍ଗାର ଉପରେ ଚାଲିବା, ଉଡା ଖମ୍ବରେ ଝୁଲି ଝୁଲି ଘୁରିବାର ରୋମାଞ୍ଚକର ଫଟୋ, ବାରିପଦାର ଆଖପାଖ ପୁରପଲ୍ଲୀରେ ହେଉଥିବା ପର୍ବପର୍ବାଣି ଓ ଗାଉଁଲି ଖଟିଖିଆ ଗରିବ ପରିବାର ଓ ସହରୀ ସମ୍ଭ୍ରାନ୍ତ ପରିବାର ଘରେ ହେଉଥିବା ବାହାଘରର ଆନନ୍ଦ ଦାୟକ ଫଟୋ ତଥା ସ୍କୁଲ, କଲେଜର ବାର୍ଷିକ ଉତ୍ସବର ଗ୍ରୁପ୍ ଫଟୋ ଉତ୍ତୋଳନ, ନିଜ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଘୋଷ ଯାତ୍ରାର ରଥ ଟଣା, ୧୯୭୫ରୁ ଆରମ୍ଭ ହୋଇଥିବା ମହିଳାମାନଙ୍କ ଦ୍ୱାରା ଦେବୀ ସୁଭଦ୍ରାଙ୍କ ରଥଟଣା ଓ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନର ଦୃଶ୍ୟର ଫଟୋ ନେବା, ଷ୍ଟାଡିୟମରେ ବାରିପଦାର ପ୍ରସିଦ୍ଧ ଫୁଟବଲ୍ ମ୍ୟାଚ୍‌ରେ ଗୋଲ୍ ସ୍କୋର ହେଉଥିବାର ଫଟୋ ପୁଣି ନିଜ 'ଦିନ ରାତି' ଷ୍ଟୁଡ଼ିଓରେ ସ୍କୁଲ କଲେଜ ପିଲାମାନଙ୍କ ଆଡ଼ମିଶନ ପାଇଁ ଆବଶ୍ୟକ ପାସପୋର୍ଟ ସାଇଜ, ଫେମିଲି ପେନସନ ପାଇଁ ପତି ପତ୍ନୀଙ୍କ ଗୋଟିଏ ଫ୍ରେମ୍‌ରେ ପାସପୋର୍ଟ ସାଇଜ ଫଟୋ, ନବ ଦମ୍ପତ୍ତିଙ୍କ ଭିନ୍ନ ଭିନ୍ନ ଠାଣିରେ ମନଛୁଆଁ ସ୍ମୃତିର ଫଟୋ କ୍ଲିକ୍ କରିବା ତାଙ୍କ ବୃତ୍ତିଗତ ଜୀବନର ଗୋଟେ ପ୍ରମୁଖ ଅଙ୍ଗରେ ପରିଣତ ହୋଇଗଲା । ବିଦ୍ୟୁତ୍ ଶକ୍ତି ଅଭାବ ଥିଲେ ବି ସୂର୍ଯ୍ୟ କିରଣକୁ ଆଧାର କରି ଫଟୋ ନେବାରେ ସିଦ୍ଧ ହସ୍ତ ଥିଲେ ସେ । ଏ ଅଲିଭା ସ୍ମୃତି ଲିପିର ଫଟୋ ସବୁ ପରେ ପରେ ସାର୍ବଜନୀନ ହେଲା, ଯାହା ଲୋକଙ୍କ ଘରେ ଏବେ ବି ଆଲବମ୍‌ରେ ସତେଜ ଭାବେ ସାଇତି ହୋଇ ରହିଛି, ହଳଦିଆର ଛାପ ବି ପଡିନି । ସାରା ମୟୂରଭଞ୍ଜ ରାଇଜର ଫଟୋଚିତ୍ର ସବୁ ସତେ ଯେପରି ଜୀବନ କାଳ ମଧ୍ୟରେ ତାଙ୍କ କ୍ୱାଲିଟି କ୍ୟାମେରାରେ କଏଦ୍ ହୋଇ ରହି ଗଲା, କାଳଜୟୀ ବୋଲି ମନେ ହେଲା ।

୧୯୭୪ ମସିହା କଥା । ତାଙ୍କ ଫଟୋଗ୍ରାଫି ଇତିହାସରେ ନୂଆ ଫର୍ଦ୍ଦଟିଏ ଯୋଡ଼ି ହେଲା । ବାରିପଦାରେ ପବ୍ଲିକ ମିଟିଂରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭାଷଣ ଦେବା ସମୟରେ ସବୁ ପ୍ରୋଟୋକଲ ଭାଙ୍ଗି ଅଭେଦ୍ୟ ସୁରକ୍ଷା ବଳୟକୁ ଅତିକ୍ରମ କରି ଦୃଢ଼ ମନୋଭାବ ଯୋଗୁ ଅତି ନିକଟରୁ ଇନ୍ଦିରା ଜୀଙ୍କ ଫଟୋଟି କ୍ଲିକ୍ କରି ନେଲେ, ଯାହା ସାରା ରାଜ୍ୟରେ ଓ ଦେଶରେ ଏହା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡ଼େ ସେ କେତେ ସମର୍ପିତ ଥିଲେ ତାଙ୍କ ବୃତ୍ତିରେ ।

ଏବେ ସ୍ମୃତିର ପୃଷ୍ଠା ଓଲଟାଇଲେ, ମନେ ପଡ଼େ ଅନ୍ୟ ଗୋଟେ ଚମକ ପ୍ରଦ କଥା– ଦିନବେଳା ବାରିପଦା ଟାଉନ ଏରିଆରେ ଓଆର୍‌ଏମ୍ ୩୨ ରେଜିଷ୍ଟ୍ରେସନ୍ ନମ୍ବର ପ୍ଲେଟ୍‌ରେ ଫୁଲ୍ ମୁନ୍‌ର ଚିତ୍ର ଥିବା ପୁରୁଣା ମଡେଲର ହାଲକା ଶାଗୁଆ ରଙ୍ଗର ବିଏସଏ ବାଇକ୍‌ରେ କାନ୍ଧରେ କ୍ୟାମେରା ବ୍ୟାଗ୍‌ଟେ ପକାଇ ଲମ୍ବା ମଣିଷଟି ନିଆରା ଢଙ୍ଗରେ ବୁଲି ବୁଲି ଆକର୍ଷଣୀୟ ଘଟଣା ସମୂହରର ଫଟୋ ନେବା କେମିତି ନିତି ଦିନିଆ ଘଟଣା ଥିଲା– ତାଙ୍କର ସେ ଦିନ ମାନଙ୍କରେ । ବାଇକ୍‌ଟି ଥିଲା ତାଙ୍କ ଅନ୍ତରଙ୍ଗ ଜୀବନ ସାଥୀ । ପୁଣି ସତେ ଯେମିତି ଏହା ଥିଲା ତାଙ୍କର ମୋବାଇଲ ଷ୍ଟୁଡ଼ିଓ । ଅନ୍ୟ ଏକ ସଫଳତାର ସିଡ଼ିରେ ପାଦ ପକାନ୍ତି ସେ, ଯେବେ ତତ୍କାଳୀନ ମୟୂରଭଞ୍ଜ ଷ୍ଟେଟ୍‌ର ଏକମାତ୍ର ପୋଲିସ ଫଟୋଗ୍ରାଫର ଭାବେ ମାନ୍ୟତା ପାଆନ୍ତି, ପରେ ପରେ ପ୍ରକ୍ରିୟା ଜାରି ରହେ । ଭିନ୍ନ ଭିନ୍ନ ପ୍ରୋଗ୍ରାମ, ଘଟଣାବଳୀର ଫଟୋ ତୋଳନ୍ତି, ପୋଲିସ୍ ବିଭାଗର ପ୍ରିୟଭାଜନ ହୁଅନ୍ତି । ତାଙ୍କ ଫଟୋଗ୍ରାଫିରେ ଥ୍ରୀ ଡାଇ ମେନସନ୍ ଇଫେକ୍ଟ ସୃଷ୍ଟି କରି ସେ ସମୟରେ ଚର୍ଚ୍ଚାର ପରିସରକୁ ଆସନ୍ତି, ସାରା ରାଇଜରେ ତାଙ୍କ ସୁନାମର ସ୍ରୋତ ବହେ, ଖ୍ୟାତି ଓ ଦକ୍ଷତା ସମୟ କ୍ରମେ ବିସ୍ତାରିତ ହୁଏ ।

କେବଳ ଫଟୋଗ୍ରାଫିରେ ସେ ସୀମିତ ନ ଥିଲେ, ତାଙ୍କ ଅନ୍ତଃର୍ନିହିତ ପ୍ରତିଭା ସୀମାହୀନ ଦରିଆପାରିକୁ ଲଂଘିଥିଲା । ସାମ୍ବାଦିକ ଓ ରିପୋର୍ଟର ଭାବେ ନୂଆ ସୋପାନ ଆରମ୍ଭ କରି ନିଜକୁ ପ୍ରତିଷ୍ଠା କରନ୍ତି ସେ। ପାଖା ପାଖି ପ୍ରାୟ ଅଶି ଦଶକ ପର୍ଯ୍ୟନ୍ତ ମୋବାଇଲ୍ ଫୋନ, ଇଣ୍ଟରନେଟର ଉପଲବ୍ଧ ନ ଥିଲା, ବା କେହି ଏ ସବୁ ଶବ୍ଦ ବି ଶୁଣି ନଥିଲେ । ଏହା ସତ୍ତ୍ୱେ ସେ ସହରରେ ଘଟୁଥିବା ପ୍ରମୁଖ ଘଟଣାବଳୀର ଫଟୋ ନେଇ, ନିଜ ଷ୍ଟୁଡ଼ିଓରେ ନିଜ କଳା କୌଶଳ ପ୍ରୟୋଗ ଦ୍ୱାରା ପ୍ରୋସେସିଙ୍ଗ କରି ହାର୍ଡ କପି ଖବରର ରିପୋର୍ଟ ପ୍ରସ୍ତୁତ କରି ବାରିପଦାରୁ ଚାଲୁଥିବା ଏକ ମାତ୍ର ନାଇଟ ସର୍ଭିସ୍ ବସ୍‌ରେ କଟକ ପଠାଉ ଥିଲେ । ଉତ୍ତମ ବୁଝାମଣା ଯୋଗୁ ପ୍ରେସ ଷ୍ଟାଫ୍‌ମାନେ କଟକ ବସ୍ ଷ୍ଟାଣ୍ଡରୁ ଏହା ସଂଗ୍ରହ କରୁ ଥିଲେ । ଏମିତି ଚାଲି ଥିଲା ଏ ପ୍ରକ୍ରିୟା, ପୁଣି ନିଜ ଘର ଲ୍ୟାଣ୍ଡ ଫୋନ ୩୧ ନମ୍ବରରୁ କଟକ ପ୍ରେସ ସହିତ ନିୟମିତ ଭାବେ ଯୋଗାଯୋଗ ରଖୁଥିଲେ ।

ମାତୃଭୂମି, ଧରିତ୍ରୀ, କଳିଙ୍ଗ ଖବର କାଗଜରେ ଫଟୋ ଚିତ୍ର ସହ ତାଙ୍କ ରିପୋଟିଂର ତାଜା ଖବର ବାହାରୁ ଥିଲା ପ୍ରତିଦିନ ସକାଳେ, ଲୋକେ ପଢ଼ି ଆଚମ୍ଭିତ ହେଉଥିଲେ । ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରି ସ୍ତମ୍ଭ ବି ପ୍ରକାଶ କରାଉଥିଲେ । ଏମିତି ଭାବେ ପ୍ରଥମ ପ୍ରେସ ଫଟୋଗ୍ରାଫର ଭାବେ ନୂଆ ପରିଚୟ ପାଇଲେ ସାରା ଓଡ଼ିଶାରେ । ୧୯୫୬ରେ ବିକ୍ରେତା ନ ଥାଇ ସମ୍ବାଦ ପତ୍ର ବିକ୍ରୟ କେନ୍ଦ୍ର ସ୍ଥାପନ କରିବା ତାଙ୍କର ଚିନ୍ତାଧାରା ବୋଧେ ସାରା ଦେଶରେ ପ୍ରଥମ ପ୍ରକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଉଭୟ ଫଟୋଗ୍ରାଫି ଓ ସାମ୍ବାଦିକତା କ୍ଷେତ୍ରରେ

ତାଙ୍କର ପ୍ରତିବଦ୍ଧତା, କର୍ତ୍ତବ୍ୟ ନିଷ୍ଠା, ଦୂରଦୃଷ୍ଟିର ମାତ୍ରା ସହଜେ ଅନୁମେୟ ହୁଏ । ଆଉ ଦୁଇ ଚାରି ପାଦ ଆଗେଇ ତାଙ୍କର ମୁଦ୍ରଣ ଲିପି ସଂସ୍କାର ଉପରେ ଆଧାରିତ ଲେଖା ଓଡ଼ିଶା ସାହିତ୍ୟ ଏକାଡ଼େମୀ ର ମୁଖପତ୍ର 'କୋଣାର୍କ'ର ସପ୍ତମ ସଂଖ୍ୟାରେ ପ୍ରକାଶିତ ହୋଇ ପ୍ରଶଂସିତ ହୋଇ ଥିଲା , ପୁଣି ରଙ୍ଗ ମଞ୍ଚରେ 'ଗାଁ ହାଟ' ନାଟକରେ ନାଟୁଆ ହେଲେ, ମାର୍କଣ୍ଡ ଭୂମିକାରେ ନିଖୁଣ ଭାବରେ ଅଭିନୟ ଦର୍ଶକଙ୍କ ହୃଦୟ ଜିତିଥିଲେ । **(କ୍ରମଶଃ)**

**ବାରିପଦା**
**ମୋ: ୮୪୫୭୦୬୨୯୮୨**

# ସଂସ୍କୃତ ଓ ଓଡ଼ିଆ ଭାଷାର ଗବେଷକ ଗୋପୀନାଥ ମହାପାତ୍ରଙ୍କ ଅବର୍ତ୍ତମାନରେ...

ଡ. ବିଭୂତି ଭୂଷଣ ମହାପାତ୍ର

ଓଡ଼ିଶା ତଥା ଭାରତୀୟ ସଂସ୍କୃତ ସାରସ୍ୱତ ଜଗତ ପାଇଁ ଏକ ଦୁଃଖଦ ସମ୍ବାଦ । ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ତଥା ଓଡ଼ିଆ ସାହିତ୍ୟିକ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ତଥା ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଗୋପୀନାଥ ମହାପାତ୍ରଙ୍କର ପରଲୋକ ଘଟିଛି । ତାଙ୍କ ବିୟୋଗରେ ସଂସ୍କୃତ ଶିକ୍ଷା, ଗବେଷଣା ଓ ଶ୍ରୀଜଗନ୍ନାଥ ସଂସ୍କୃତି ଅଧ୍ୟୟନ କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି । ମହାପାତ୍ର କେବଳ ଜଣେ ପ୍ରତିଷ୍ଠିତ ଅଧ୍ୟାପକ ନ ଥିଲେ ସେ ଥିଲେ ଜଣେ ନିଷ୍ଠାପର ଗବେଷକ, ଗ୍ରନ୍ଥକାର ଓ ସଂସ୍କୃତ ଓ ଓଡ଼ିଆ ଭାଷାର ଜଣେ ପଣ୍ଡିତ ଓ ଗବେଷକ । ତାଙ୍କ ରଚିତ ଅନେକ ପାଠ୍ୟପୁସ୍ତକ ଉଚ୍ଚମାଧ୍ୟମିକ ସ୍ତରରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଅଗଣିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଆସିଛି । ସଂସ୍କୃତ ସାହିତ୍ୟର ସରଳ ବ୍ୟାଖ୍ୟା, ଅନୁବାଦ ଓ ଗଭୀର ଶାସ୍ତ୍ରୀୟ ଆଲୋଚନା ତାଙ୍କ ଲେଖନୀର ବିଶେଷତ୍ୱ । ତାଙ୍କ ରଚିତ ଇଂରାଜୀ ପୁସ୍ତକ 'Land of Vishnu' ଏକ ଉଲ୍ଲେଖନୀୟ ଗବେଷଣାମୂଳକ ଅବଦାନ । ବିଶେଷତଃ ତାଙ୍କ ପ୍ରତ୍ୟେକ ଗ୍ରନ୍ଥର ଭୂମିକାରେ ସଂସ୍କୃତ ଭାଷାର ସଂରକ୍ଷଣ, ପ୍ରସାର ଓ ବିକାଶ ପ୍ରତି ଯେଉଁ ସୁଚିନ୍ତିତ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଛି, ତାହା ତାଙ୍କର ଆଜୀବନ ସଂସ୍କୃତପ୍ରେମର ପରିଚାୟକ ।



ତାଙ୍କ ବିୟୋଗରେ ବିଶ୍ୱବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଫେସର ବ୍ରଜସୁନ୍ଦର ମିଶ୍ରଙ୍କ ସୂଚନା ଅନୁଯାୟୀ, ୨୪ ଅକ୍ଟୋବର (୨୦୨୬)ରେ ତାଙ୍କ ପାର୍ଥିବ ଶରୀରକୁ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗକୁ ଅଣାଯାଇ ସେଠାରେ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପ୍ରଫେସର ନିର୍ମଳ ସୁନ୍ଦର ଓ ପ୍ରଫେସର ସୁବାସ ଚନ୍ଦ୍ର ଦାଶଙ୍କ ସମେତ ଅନେକ ବିଦ୍ୱାନ୍ ତାଙ୍କର ଅମାୟିକ ବ୍ୟକ୍ତିତ୍ୱ, ମୃଦୁଭାଷିତା, ଛାତ୍ରବତ୍ସଳତା ଓ ସାରସ୍ୱତ ଅବଦାନକୁ ସ୍ମରଣ କରିଛନ୍ତି ।

ଜଣେ ପ୍ରତ୍ୟକ୍ଷ ଛାତ୍ର ଭାବେ ନିଜ ପାଇଁ ଏହି ବିୟୋଗ କେବଳ ଜଣେ ବିଦ୍ୱାନ୍‌ଙ୍କ ପରଲୋକ ନୁହେଁ, ବରଂ ନିଜର ଜଣେ ପରମ ଆଦରଣୀୟ ଗୁରୁଙ୍କୁ ହରାଇବାର ଅସହ୍ୟ ବେଦନା । ମୁଁ ତାଙ୍କ ବିଭାଗୀୟ ମୁଖ୍ୟତ୍ୱ କାଳର ଶେଷ ବ୍ୟାଚ୍‌ର ଛାତ୍ର ଥିଲି । ତାଙ୍କର ମେଘଦୂତମ୍ ପାଠଦାନ, ବିଶେଷତଃ ମନ୍ଦାକ୍ରାନ୍ତା ଛନ୍ଦରେ ଶ୍ଳୋକଗୁଡ଼ିକର ସୁମଧୁର ଆବୃତ୍ତି ଓ ଛନ୍ଦଶିକ୍ଷା ଆଜି ମଧ୍ୟ ମୋ କର୍ଣ୍ଣରେ ପ୍ରତିଧ୍ୱନିତ ହେଉଛି । ଯୁକ୍ତ ଦୁଇରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ତାଙ୍କ ପୁସ୍ତକ ପଢ଼ି ବଡ଼ ହୋଇଥିବା ମୋ ପାଇଁ ତାଙ୍କର ପ୍ରତ୍ୟକ୍ଷ ଶିଷ୍ୟ ହେବା ଏକ ପରମ ସୌଭାଗ୍ୟ ଥିଲା ।

ମୁଁ ସ୍ନେହରେ ତାଙ୍କୁ କହୁଥିଲି, "Sir, you are our Jeje Sir." ମୋର ଏହି ସମ୍ବୋଧନକୁ ସେ ଅତ୍ୟନ୍ତ ଆନନ୍ଦର ସହ ଗ୍ରହଣ କରୁଥିଲେ । ତାଙ୍କ ବାସଭବନକୁ ମୋର ଅନେକ ଥର ଯିବା, ତାଙ୍କ ସ୍ନେହପୂର୍ଣ୍ଣ କଥାବାର୍ତ୍ତା ଓ ଅନ୍ତରଙ୍ଗ ଆଶୀର୍ବାଦ ମୋ ଜୀବନର ଅମୂଲ୍ୟ ସ୍ମୃତି ହୋଇ ରହିବ । ଆଜି ମନେହୁଏ, କାଳିଦାସଙ୍କ ମେଘଦୂତମର ମେଘ ଆଉ ଯକ୍ଷର ବିରହବାର୍ତ୍ତା ବହନ କରୁନାହିଁ, ବରଂ ଜଣେ ଶୋକାତୁର ଶିଷ୍ୟର ଅଶ୍ରୁସିକ୍ତ ଶ୍ରଦ୍ଧାଞ୍ଜଳିକୁ ତା'ର ଚିରବିଦାୟୀ ଗୁରୁଙ୍କ ନିକଟକୁ ବହନ କରୁଛି । ଗୁରୁଦେବ, ଆପଣଙ୍କ କଣ୍ଠସ୍ୱର ନିରବ ହୋଇଯାଇଛି, କିନ୍ତୁ ଆପଣଙ୍କ ଜ୍ଞାନ, ଆଦର୍ଶ ଓ ଶିକ୍ଷା ଆପଣଙ୍କ ଅସଂଖ୍ୟ ଶିଷ୍ୟଙ୍କ ମଧ୍ୟରେ ଚିରଞ୍ଜିବୀ ହୋଇ ରହିବ ।

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

## ଏ ସପ୍ତାହର ବିଶେଷ କବିତା

### ଅଷ୍ଟ ରୂପେ ମା' ମହାଲକ୍ଷ୍ମୀ



ଦିଲ୍ଲୀପ ଶତପଥୀ

ସାଗର ଦୁଲଣୀ ମାଆ ନାରାୟଣୀ
ମହାଲକ୍ଷ୍ମୀ ଠାକୁରାଣୀ,
ଜଗତଜନନୀ ଶକ୍ତି ସ୍ୱରୂପିଣୀ
ଆଦିମାତା କାତ୍ୟାୟିନୀ ।।
ଅଷ୍ଟ ରୂପେ ଶୋଭା ମାଆଙ୍କର ଆଭା
ଅଧମ କରେ ବର୍ଣ୍ଣନା,
କେଉଁ ରୂପେ ମାତା ଆମ ହର୍ତ୍ତାକର୍ତ୍ତା
ଲେଖାରେ କରେ ବନ୍ଦନା ।।
ଆଦିଲକ୍ଷ୍ମୀ ମାଆ ପ୍ରଥମ ରୂପରେ
ଧନଲକ୍ଷ୍ମୀ ଦ୍ୱିତୀୟରେ,
ଧାନ ଲକ୍ଷ୍ମୀ ମାତା ଅନ୍ନପୂର୍ଣ୍ଣା ରୂପେ
ପୂଜା ପାନ୍ତି ତୃତୀୟରେ ।।
ଆଶ୍ୱିନ ପୂର୍ଣମୀ ପୂଜା ଗଜଲକ୍ଷ୍ମୀ
ଚତୁର୍ଥ ରୂପ ମା'ଙ୍କର,
କୁମାର ଉତ୍ସବ ବୃନ୍ଦାବତୀ ପାଶେ
ଆକାଶେ ପୂଜା ଚାନ୍ଦର ।।
ସନ୍ତାନ ଲକ୍ଷ୍ମୀ ମା ପଞ୍ଚମ ରୂପରେ
ଷଷ୍ଠ ରୂପେ ବୀରଲକ୍ଷ୍ମୀ,
ସନ୍ତାନ ଦାୟିନୀ ବୀରପ୍ରସବିନି
ସାକ୍ଷୀ ମୋର ଜନ୍ମଭୂମି ।।
ବିଜୟ ଲକ୍ଷ୍ମୀ ମା ସପ୍ତମ ରୂପିଣୀ
ବିଦ୍ୟାଲକ୍ଷ୍ମୀ ଅଷ୍ଟମରେ,
ଅଭୟଦାୟିନୀ ବିଦ୍ୟା ପ୍ରଦାୟିନୀ
ଜ୍ଞାନ ଲାଭ ପୂଜନରେ ।।
କରୁଣାମୟୀ ମା ଲକ୍ଷ୍ମୀ ଠାକୁରାଣୀ
ବନ୍ଦେ ବିଷ୍ଣୁ ପାଟରାଣୀ,
ହେଲେ ତୁମ କୃପା ଅସମ୍ଭବ କିବା
ଶ୍ରେଷ୍ଠ ଶ୍ରୀୟା ଚଣ୍ଡାଳୁଣୀ ।।

**ମାତୃ ପିତୃ କୃପା -୫୦୮ ନୂଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର**
**ମୋ: ୯୪୩୭୧୭୫୭୬୪**

### ବାଡି



ସନ୍ତୋଷ କୁମାର ସେଠୀ

ବାପାଙ୍କ ହାତର ବାଡ଼ି
ଶିକ୍ଷକଙ୍କ ହାତର ବାଡ଼ି
ଶିକ୍ଷା,ସଂସ୍କାର ଓ ଆଦର୍ଶର
ଯେଉଁ ପରିଭାଷା ଶିଖେଇଥାଏ
ଜୀବନ ଆରମ୍ଭରୁ ଶେଷ ଯାଏଁ
ଆଚ୍ଛନ୍ନ କରି ନ ଥାଏ କି ଆମକୁ ?
ବାଡିଟିଏ,
ଦୃଷ୍ଟିବାଧିତ ହାତରେ
ଆଗେଇ ନିଏ ତାର ଜୀବନକୁ
ବଡ଼ ସାହାରା ପାଲଟେ ତା ପାଇଁ
ପହଂଚେଇଦିଏ ଲକ୍ଷ୍ୟ ସ୍ଥଳରେ ।।
ହାତରେ ବାଡିଟିଏ
ସାହାସ ଦିଏ
ଆକ୍ରମଣକାରୀର
ମୁକାବିଲା ପାଇଁ
ସେ ହୋଇଥାଉ ପଛେ
କୁକୁର,ମାଙ୍କଡ, ସାପ,
ଚୋର ବା ବଦମାସ ।।
ବୟସ ବଢ଼ିଗଲେ
ଆଶାବାଡିର ଆବଶ୍ୟକତା
ଅପରିହାର୍ଯ୍ୟ, ଅର୍ନିବାର୍ଯ୍ୟ
କିଏ ସାହାରା ଦେଉବା ନ ଦେଉ
ସେ କିନ୍ତୁ ସଦା ପ୍ରସ୍ତୁତ
ହେଉ ପଛେ ସେ
ବଙ୍କୁଲି ବାଡି !!

**ଯୁଗ୍ମ ନିର୍ଦ୍ଦେଶକ**
**ସୂଚନା ଓ ଲୋକ**
**ସମ୍ପର୍କ ବିଭାଗ**
**ମୋ: ୯୪୩୭୩୦୨୬୧୮**

### ୭୦ ପ୍ରତିଶତ ଦିବ୍ୟାଙ୍ଗଙ୍କ ପାଇଁ ପକ୍କାଘର ସାତ ସପନ

# ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଖଣ୍ଡିଏ ପାଇଁ ରବିନ୍ଦ୍ରଙ୍କ ଆକୁଳ ନିବେଦନ

ଖୋର୍ଦ୍ଧା, (ସବ୍ୟୁ): ଗରିବ, ଅସହାୟ ଓ ଆର୍ଥିକ ଦୁର୍ବଳ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ତଥା ସେମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଉଛି। ଏହି ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଁଚୁଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଖୋର୍ଦ୍ଧାବ୍ଲକ ଅନ୍ତର୍ଗତ କଁପୁର ଗ୍ରାମ ପଂଚାୟତର ଦଳେଇ ସାହିର ୭୦ପ୍ରତିଶତ ଦିବ୍ୟାଙ୍ଗ ରବୀନ୍ଦ୍ର ପ୍ରଧାନଙ୍କ ପାଇଁ ପକ୍କାଘର ଏବେ ବି ସାତ ସପନ ହୋଇ ରହିଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାଏଁ ତାଙ୍କୁ ଘର ମିଳିନଥିବା ଅଭିଯୋଗ ହୋଇଛି। ସ୍ୱର୍ଗତ ଗୋପୀନାଥ ପ୍ରଧାନଙ୍କ ପୁଅ ରବୀନ୍ଦ୍ର ଜଣେ ୭୦ପ୍ରତିଶତ ଦିବ୍ୟାଙ୍ଗ। ତାଙ୍କ କହିବା ଅନୁଯାୟୀ, ଅନ୍ତ୍ୟୋଦୟ



ଗୃହ ଯୋଜନାରେ ପକ୍କାଘର ଖଣ୍ଡିଏ ପାଇବା ଆଶାରେ ସେ ବାରମ୍ବାର ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ସମେତ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ତାଙ୍କ ଆବେଦନର କୌଣସି ସୁଫଳ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଜଣେ ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରିବା ଦିଗରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ରବୀନ୍ଦ୍ରଙ୍କ ପରିବାର ଘୋର ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛି। ମାସିକ ମାତ୍ର ୧୨୦୦ ଟଙ୍କାର ଦିବ୍ୟାଙ୍ଗ ଭତା ଓ ରାସନ କାର୍ଡ ମାଧ୍ୟମରେ ମିଳୁଥିବା ଚାଉଳ ହିଁ ତାଙ୍କ ପରିବାରର ମୁଖ୍ୟ ସମ୍ବଳ। ପରିବାରର ଗୁଜୁରାଣ ମେଂଟାଇବା ସହ ପୁଅର ଲାଳନପାଳନ ପାଇଁ ତାଙ୍କ ମାଆ ପର ଘରେ ବାସନ ମାଜିବା କାମ କରୁଥିବା ଗ୍ରାମବାସୀଙ୍କଠାରୁ ଜଣାପଡ଼ିଛି। ସୀମିତ ଆୟରେ ପରିବାର ଚଳାଇବା ସହ ଦିବ୍ୟାଙ୍ଗ ପୁଅର ଆବଶ୍ୟକତା ପୂରଣ କରିବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଏଭଳି ପରିସ୍ଥିତିରେ ରବୀନ୍ଦ୍ରଙ୍କୁ ୩୫ କିଲୋ ଚାଉଳ, ପକ୍କାଘର ଖଣ୍ଡିଏ ଏବଂ ଅଧିକ ଆର୍ଥିକ ସହାୟତା ଯୋଗାଇଦେବାକୁ ତାଙ୍କ ମାଆ ଗଣମାଧ୍ୟମ ଜରିଆରେ ସରକାର ଓ ପ୍ରଶାସନଙ୍କୁ ଆକୁଳ ନିବେଦନ କରିଛନ୍ତି। ଏଥିସହ ଦିବ୍ୟାଙ୍ଗମାନଙ୍କୁ ମିଳୁଥିବା ମାସିକ ଭତା ୧୨୦୦ ଟଙ୍କାରୁ ବୃଦ୍ଧି କରି ୩୫୦୦ ଟଙ୍କା କରିବାକୁ ମଧ୍ୟ ପରିବାର ପକ୍ଷରୁ ଦାବି କରାଯାଇଛି। ସରକାରୀ ଯୋଜନାର ଉଦ୍ଦେଶ୍ୟ ହେଉଛି ସମାଜର ଶେଷ ଧାଡ଼ିରେ ଥିବା ଅସହାୟ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରିବା। ତେଣୁ ରବୀନ୍ଦ୍ରଙ୍କ ଆବାସ ଯୋଜନାରେ ଯୋଗ୍ୟତା, ଆବେଦନର ସ୍ଥିତି ଓ ତାଙ୍କ ପରିବାରର ଆର୍ଥିକ ପରିସ୍ଥିତି ଯାଂଚ କରି ନିୟମ ଅନୁଯାୟୀ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଂଚଳରେ ଦାବି ହୋଇଛି। ଜଣେ ୭୦ ପ୍ରତିଶତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମୌଳିକ ଆବାସ ସୁବିଧା ଯୋଗାଇଦେବା ଦିଗରେ ଖୋର୍ଦ୍ଧା ବ୍ଲକ ଓ ଜିଲ୍ଲା ପ୍ରଶାସନ କେବେ ପଦକ୍ଷେପ ନେଉଛି, ତାହା ଏବେ ଦେଖିବାକୁ ବାକି ରହିଲା।



କଲେଜ ନିର୍ବାଚନରେ ବିଭିନ୍ନ କଲେଜର ବିସିଜେଡି ସମର୍ଥିତ ବିଜୟୀ ପ୍ରାର୍ଥୀମାନେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

# ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାରଙ୍କ କାମ କମ୍ କଥା ବେଶୀ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଗତ ୨୮ ମାସ ମଧ୍ୟରେ ବିପର୍ଯ୍ୟୟର ମୁକାବିଲା ଓ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାରୀ ତଥ୍ୟ ଓ ବାସ୍ତବ ସ୍ଥିତି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ବନ୍ୟା, ଭୂସ୍ଖଳନ ଓ ବାତ୍ୟା ଯୋଗୁଁ ଅନେକ ଜୀବନହାନି ଘଟିଥିବା ବେଳେ ରିଲିଫ୍ ବଣ୍ଟନରେ ବିଳମ୍ବ ଏବଂ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବାରେ ସରକାରଙ୍କ ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଥିବା କହିଛି ବିଜେଡି। ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି କହିଥିଲେ ଯେ, ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ବିପର୍ଯ୍ୟୟ ପରିଚାଳନାକୁ ନେଇ ସାରା ବିଶ୍ୱରେ ପ୍ରଶଂସା ସାଉଁଟିଥିଲା ଓଡ଼ିଶା। ବିଜେଡି ସରକାରରେ 'ଜିରୋ କାଜୁଆଲିଟି' ମୁଖ୍ୟ ଲକ୍ଷ୍ୟ ଥିଲା, କିନ୍ତୁ ତାହା ଆଜି ଦୁର୍ବଳ ହେବାରେ ଲାଗିଛି। ବିପର୍ଯ୍ୟୟ ପରିଚାଳନାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିପର୍ଯ୍ୟୟ ପରିଚାଳନା କେବଳ ସରକାରୀ ଘୋଷଣା ଓ ବୈଠକରେ ସୀମିତ ରହିବା ଉଚିତ୍ ନୁହେଁ। ବିପର୍ଯ୍ୟୟ ପୂର୍ବରୁ ବ୍ୟାପକ ପ୍ରସ୍ତୁତି, ଦ୍ରୁତ ପଦକ୍ଷେପ ଏବଂ ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କୁ ରିଲିଫ୍, କ୍ଷତିପୂରଣ ଓ ଥଇଥାନ କରାଇବା ହେଉଛି ପ୍ରକୃତ ବିପର୍ଯ୍ୟୟ ପରିଚାଳନା। ୧୯୯୯ ମସିହାର ଭୟାବହ ସୁପର ସାଇକ୍ଲୋନ୍ ଅନୁଭୂତିରୁ ଶିକ୍ଷା ଗ୍ରହଣ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଠନ କରିଥିଲା।

ଡ଼ ମହାନ୍ତି ଆହୁରି କହିଥିଲେ ଯେ, ବିଜେଡି ସରକାରରେ ରାଜ୍ୟରେ ଶହ ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବା ସହ ପାଣିପାଗର ପୂର୍ବାନୁମାନ ଆଧାରରେ ଆଗୁଆ ସତର୍କତା ଅବଲମ୍ବନ କରି ବିପଦସଙ୍କୁଳ ସ୍ଥାନରୁ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତର କରି ବିପର୍ଯ୍ୟୟ ମୁକାବିଲାର ରୋଲ୍ ମଡେଲ ସାଜିଥିଲା ଓଡ଼ିଶା। ଏହି ମଡେଲ ଯୋଗୁଁ ବାତ୍ୟା ସମୟରେ ଜୀବନହାନିକୁ ବ୍ୟାପକ ଭାବେ ହ୍ରାସ କରାଯାଇଥିଲା। "ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତିକୁ ଆଧାର କରି ଓଡ଼ିଶା ଯେଉଁ "ଜିରୋ କାଜୁଆଲିଟି' ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲା, ତାହା ଦେଶ ଓ ବିଦେଶରେ ଏକ ମଡେଲ୍ ଭାବେ ପରିଚୟ ହାସଲ କରିଥିଲା। ଏହା କେବଳ ଏକ ପ୍ରଶାସନିକ ସଫଳତା ନଥିଲା, ବରଂ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାର ଏକ ଦୃଷ୍ଟାନ୍ତ ଥିଲା। ବିଜେପି ସରକାର ରାଜନୈତିକ ପ୍ରଚାର ଓ ଘୋଷଣାରେ ସୀମିତ ନରହି ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ।

# ଜନ୍ମଦିନରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

କଟକ, (ସ୍ୱପ୍ର) : ସ୍ଥାନୀୟ କେଶରପୁରର ଯୁବ ସମାଜସେବୀ ଜହିର ଖାନ୍ ନିଜର ୨୧ତମ



ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ଜନ୍ମଦିନ ଅବସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ୧୨୦ରୁ ଉର୍ଦ୍ଧ୍ୱର୍ ଲୋକ ନିଜର ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ମାଗଣାରେ ଚଷମା ଓ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ୭ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କର ସମ୍ପୂର୍ଣ୍ଣ ଦେୟମୁକ୍ତ ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡ଼ିଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଆଇନଜୀବୀ ବିନୋଦ ପଣ୍ଡା, ୩୩ ନମ୍ବର ଓ୍ୱାର୍ଡର ସମାଜସେବୀ ମୋସିନ ଖାନ୍ ଉଦଘାଟନ ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହିତ ଏପରି ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଭାଇ, କେଶରପୁର ମହଲା କମିଟି ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଯୋଗ ଦେଇଥିଲେ।

# ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାରଦିନ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଆଳିଶ ଗ୍ରାମର ଶାନ୍ତନୁ ମଲ୍ଲିକ (୩୨)। ବନମାଳୀଢ଼ିପି ଗ୍ରାମର ଜଣେ ଯୁବତୀ(୨୬) ଗତ ୨୩ ତାରିଖ ରାତିରେ ଏ ନେଇ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ୨୧ ତାରିଖ ସନ୍ଧ୍ୟାରେ ତାଙ୍କ ପରିଚିତ ଶାନ୍ତନୁ ମଲ୍ଲିକ ତାଙ୍କୁ ଭୋଜି ଖାଇବାକୁ ଡାକିଥିଲେ। ଭୋଜି ସାରି ରାତି ପ୍ରାୟ ୧୦ଟା ୩୦ରେ ଫେରୁଥିବା ସମୟରେ ଏକ ନିର୍ଜନ ରାସ୍ତାରେ ସ୍କୁଟି ଅଟକାଇବାକୁ କହିଥିଲେ। ଯୁବତୀ ଏଥିରେ ଆପତ୍ତି କରିବାରୁ ଅଭିଯୁକ୍ତ ଜୋରଜବରଦସ୍ତ ସ୍କୁଟି ଅଟକାଇ ତାଙ୍କ ସହ ଅସଦାଚରଣ କରିଥିବା ସେ ଅଭିଯୋଗ କରିଛନ୍ତି। ପରେ ସେ ଘଟଣା ସମ୍ପର୍କରେ ନିଜ ମାଉସୀଙ୍କୁ ଜଣାଇବା ସହ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ଏ ନେଇ ସତ୍ୟବାଦୀ ଥାନାରେ କେସ ନଂ ୪୧୪/୨୬ରେ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ, ସତ୍ୟବାଦୀକ ପଠାଇଛି।

# କୋଟିଆରେ ନିର୍ବାଚନ ପାଇଁ ଉତ୍କଳ ସମ୍ମିଳନୀର ଉଦ୍‌ବେଗ

ଭୁବନେଶ୍ୱର (ସବ୍ୟୁ): ଶନିବାର ଅପରାହ୍ନରେ ଅଶୋକ ନଗର ସ୍ଥିତ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ କୋଟିଆରେ ଆନ୍ଧ୍ରର ନିର୍ବାଚନ ପରିପ୍ରେକ୍ଷୀରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ଓ ଶାଖା କର୍ମକର୍ତ୍ତାଙ୍କ ସହିତ ଆଜୀବନ ସଦସ୍ୟମାନେ ଉପସ୍ଥିତ ରହି କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ନିନ୍ଦା କରିଥିଲେ। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲେ ମଧ୍ୟ ଆମ ରାଜ୍ୟରେ ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆନ୍ଧ୍ର ପ୍ରଦେଶ ପ୍ରଶାସନ ବାରମ୍ବାର ଅନୁପ୍ରବେଶ କରି ନିର୍ବାଚନ କରିବା ସହିତ ତାଙ୍କର ସ୍ଥିତି ଜାହିର କରିବା ପାଇଁ ପ୍ରୟାସ କରୁଛି। ୨୦୦୬ ମସିହା ମାର୍ଚ୍ଚ ୩୦ ତାରିଖ ଦିନ ଭାରତର ସର୍ବୋଚ୍ଚ ଅଦାଲତ କୋଟିଆ ଉପରେ ସ୍ଥିତାବସ୍ଥା ଜାରି କରି କହିଥିଲେ ଯେ ସୀମା ବିବାଦ ସଂକ୍ରାନ୍ତୀୟ ସମସ୍ୟା କେବଳ ସଂସଦରେ ହିଁ ସମାଧାନ ହୋଇପାରିବ, ଏହା ସୁପ୍ରିମକୋର୍ଟର ପରିସର ବାହାରେ ଅଛି। ଓଡ଼ିଶାର ସାଂସଦମାନେ ଏଥିପାଇଁ ଏକ ହୋଇ ଦିଲ୍ଲୀରେ



ସ୍ୱର ଉତ୍ତୋଳନ କରନ୍ତୁ, ଅତିଶୀଘ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ କୋଟିଆ ଗସ୍ତ କରନ୍ତୁ ଓ କୋଟିଆରେ ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ଡକାନ୍ତୁ ବୋଲି ସମ୍ମିଳନୀ ପକ୍ଷରୁ ମତ ପ୍ରକାଶ ପାଇଛି। ଏହା ସହିତ କୋଟିଆରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରାଯାଇ ସେଠାରେ ଭାଗବତ ଓ ସାରଳା ମହାଭାରତ ପାଠ କରାଯାଉ, ଭାଗବତ ଟୁଙ୍ଗୀରେ ପୁରାଣ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇ ପାରିଶ୍ରମିକ ଦିଆଯାଉ, କୋଟିଆର ପ୍ରତ୍ୟେକ ଗ୍ରାମରେ ଗ୍ରାମ ସାଥୀ ଓ ସହାୟକ ନିଯୁକ୍ତି କରାଯାଇ ପ୍ରତ୍ୟେକ ଦିନର ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଉ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ଆବାହକତ୍ୱରେ ଓ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦାବି କରାଯାଇଥିଲା। ଏହା ସହିତ ଆନ୍ଧ୍ର ସୀମା ସିଲ୍ କରାଯାଇ କୋଟିଆରେ ପ୍ରବେଶ ପାଇଁ ଅନୁମତି ଦିଆନଯାଉ ଓ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସମ୍ମିଳନୀ ଦାବି କରିଛି। ଏହି ବୈଠକରେ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡକ୍ଟର ସୁରେନ୍ଦ୍ର ମିଶ୍ର, ଖୋର୍ଦ୍ଧା ଶାଖା ସଭାପତି ଶକ୍ତି ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ଦାସ, ଅମୀର ପ୍ରସାଦ ସାହୁ, ଅମର କବି ଶତପଥୀ, ରଜନୀକାନ୍ତ ଆଚାର୍ଯ୍ୟ, ନାରାୟଣ ସୂତାର, ରାଜେନ୍ଦ୍ର କିଶୋର ସାହୁ ଓ ଶଶି ଦେବ ମହାନନ୍ଦ ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପୁସ୍ତକ "ସ୍ମୃତି ଓ ବିସ୍ମୃତିରେ ଓଷ୍ଟା " ଉନ୍ମୋଚିତ

କଟକ, (ସବ୍ୟୁ): ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଇତିହାସ ସମ୍ବଳିତ ପୁସ୍ତକ "ସ୍ମୃତି ଓ ବିସ୍ମୃତିରେ ଓଷ୍ଟା'ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏହିପରି ତିନୋଟି ଭାଗର ତିନିଖଣ୍ଡ ପୁସ୍ତକର ଉନ୍ମୋଚନ ଏବଂ ଓଷ୍ଟାର ପ୍ରାକ୍ତନ ସଭାପତି ସ୍ୱର୍ଗତଃ ଅଜିତ କୁମାର ଦାଶଙ୍କ ସ୍ମୃତିଚାରଣ ସଭା ଆଜି କୈଳାସ ଚନ୍ଦ୍ର ମହାପାତ୍ର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ସଭାପତି ତାଙ୍କର ଅଭିଭାଷଣରେ ଓଷ୍ଟାର ରାଜ୍ୟକାର୍ଯ୍ୟାଳୟ ନୟାସଡ଼କ କଟକକୁ ସଂଗଠନର ଆତ୍ମା ବୋଲି ଅଭିହିତ କରିବା ସହ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ସଭାପତି ସ୍ୱର୍ଗତଃ ଅଜିତ୍ କୁମାର ଦାଶଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା ଓ ପରେ ପରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଆଜିକାର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ ତାଙ୍କର ଅଭିଭାଷଣରେ ସ୍ୱର୍ଗତଃ ଆତ୍ମାଙ୍କର ସ୍ମୃତିଚାରଣ ପୂର୍ବକ ଓଷ୍ଟା ଇତିହାସ ସମ୍ବଳିତ ତିନିଖଣ୍ଡ ପୁସ୍ତିକା "ସ୍ମୃତି ଓ ବିସ୍ମୃତିରେ ଓଷ୍ଟା" ଉନ୍ମୋଚନର ସମସ୍ତ ଶ୍ରେୟ ଓଷ୍ଟାର ମାର୍ଗଦର୍ଶକ, ପ୍ରାକ୍ତନ ନେତୃତ୍ୱ, ଜିଲ୍ଲା ସମ୍ପାଦକ, ପଦାଧିକାରୀ ଏବଂ ଓଷ୍ଟାର କାର୍ଯ୍ୟକାରୀ କମିଟିକୁ ପ୍ରଦାନ କରିଥିଲେ। ଆଜିର ପୁସ୍ତକ ଉଦ୍‌ଘାଟନ ଉତ୍ସବରେ କଟକ ମହାନଗର ନିଗମର ନଗରପାଳ ସୁବାସ ଚନ୍ଦ୍ର ସିଂ ଉଦ୍‌ଘାଟକ ଭାବେ ଯୋଗଦେଇ ସର୍ବପ୍ରଥମେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଓଷ୍ଟା ଇତିହାସକୁ ପିଢ଼ି ପରେ ପିଢ଼ି ଅନୁଧ୍ୟାନ କରିବେ ବୋଲି ତାଙ୍କ ବକ୍ତବ୍ୟରେ ମତ ପୋଷଣ କରିଛନ୍ତି। ମୁଖ୍ୟଅତିଥି ଭାବେ ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଡଃ. ଅମୀୟ କୁମାର ମହାନ୍ତି ଯୋଗଦେଇ ସ୍ୱର୍ଗତ ନେତାଙ୍କର ସ୍ମୃତିଚାରଣ କରିବା ସହ ଶିକ୍ଷକ ମାନଙ୍କର ଆଦର ଓ ସମ୍ମାନ ଯୁଗେ ଯୁଗେ ରହିଛି ଏବଂ ଓଷ୍ଟା ଏକ ଆବେଗ ବୋଲି ସେ କହିଛନ୍ତି। ଗୋଟିଏ ଜାତିର ଇତିହାସ ବଞ୍ଚି ରହିଲେ ସେ ଜାତି ବଞ୍ଚିରହେ ବୋଲି କହିବା ସହ ଶିକ୍ଷା ବଞ୍ଚିବ, ସଂଗଠନ ବଞ୍ଚିବ ଏବଂ ଦେଶ ବଞ୍ଚିବ ବୋଲି କହିଥିଲେ। ଓଷ୍ଟାର ପ୍ରାକ୍ତନ ସାଧାରଣ ସଂପାଦକ ଶତାୟୁ ପୁରୁଷ ବିବେକାନନ୍ଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇତିହାସ ଗୋଟିଏ ଜାତିର ତଥା ସଂଗଠନର ମୂକସାକ୍ଷୀ ହୋଇ ସବୁଦିନ ପାଇଁ ରହିବ ବୋଲି କହିବା ସହ ଲାଇକା ନାମକ କୁକୁରଟି କିପରି ମହାକାଶକୁ ଯାଇ ଜୀବନ୍ତ ଭାବରେ ଫେରିଆସିବା କଥା କିପରି ଇତିହାସ ହୋଇ ରହିଛି ତାହାର ଅବଧାରଣା ମଧ୍ୟ ପ୍ରଦାନ କରିଥିଲେ। "ସ୍ମୃତି ଓ ବିସ୍ମୃତିରେ ଓଷ୍ଟା ପୁସ୍ତକର ଲେଖକ ତଥା ଶିକ୍ଷାପ୍ରଦୀପର ପ୍ରାକ୍ତନ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଷ୍ଟାର ପୂର୍ବସୂରୀ ମାନଙ୍କଠାରୁ ଅନୁପ୍ରାଣୀତ ଓ ଅନୁପ୍ରେରୀତ ହେବା କଥା କହିବା ସହ ଓଷ୍ଟା ଭଳି ଏକ ବିରାଟ ଗଣସଂଗଠନର ଇତିହାସ ଲେଖିବାର ଆବଶ୍ୟକତା ଜରୁରୀ ଥିଲା ବୋଲି କହିଛନ୍ତି। ଶୈକ୍ଷିକ କମିଟିର ସଂପାଦକ ପ୍ରଣବ କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ମଞ୍ଚକୁ ଆହ୍ୱାନ କରିଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପର ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଓଷ୍ଟାର ସମସ୍ତ ପଦାଧିକାରୀ, ଜିଲ୍ଲା ସଂପାଦକ, କାର୍ଯ୍ୟକାରୀ କମିଟି ସଦସ୍ୟ, ପ୍ରାକ୍ତନ ଓ ବର୍ତ୍ତମାନର ସମସ୍ତ ନେତୃତ୍ୱଗଣ ଉକ୍ତ ସଭା ପରିଚାଳନାରେ ସମସ୍ତ ସହଯୋଗ ପ୍ରଦାନ କରିଥିଲେ।

### ସୋଆ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ

# ନବାଗତ ଫାର୍ମାସୀ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଦିନିଆ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ଏସ୍‌ପିଏସ୍) ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ନାମ ଲେଖାଇଥିବା ବି.ଫାର୍ମ ଓ ଏମ୍.ଫାର୍ମ



ଛାତ୍ରଛାତ୍ରୀଙ୍କ ନିମନ୍ତେ ଆୟୋଜିତ ଦୁଇଦିନିଆ ଓରିଏଂଟେସନ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ, ନିୟମାବଳୀ, ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ଏବଂ ଫାର୍ମାସି କ୍ଷେତ୍ରରେ ରହିଥିବା ବିଭିନ୍ନ ବୃତିଗତ ସୁଯୋଗ ସଂପର୍କରେ ନବାଗତମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଘାଟନୀ ଅଧିବେଶନରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି ମୁଖ୍ୟ ଅତିଥି, ଓଡ଼ିଶା ଡ୍ରଗ୍ସ କଂଟ୍ରୋଲ୍ ଆଡ୍‌ମିନିଷ୍ଟ୍ରେସନ୍‌ର ଡେପୁଟି ଡ୍ରଗ୍ସ କଂଟ୍ରୋଲର ଡ. ଲଳିତ କୁମାର ସାହୁ ମୁଖ୍ୟ ବକ୍ତା ଏବଂ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ପିଏସ ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ମଧ୍ୟ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ପ୍ରଥମ ଦିନରେ ପରୀକ୍ଷା ନିୟମାବଳୀ, ହଷ୍ଟେଲ୍ ନିୟମ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ସଂପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ଅଧ୍ୟାପକ, ସଂଯୋଜକ, ମେଂଟର ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ସହ ଛାତ୍ରଛାତ୍ରୀଙ୍କ ପରିଚୟ କରାଯାଇଥିଲା। ଏହାଦ୍ୱାରା ଶୈକ୍ଷିକ ଓ ପ୍ରଶାସନିକ ସହାୟତା ବ୍ୟବସ୍ଥା ସଂପର୍କରେ ସେମାନେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଫାର୍ମାସ୍ୟୁଟିକାଲ ଶିଳ୍ପ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଏସ୍‌ପିଏସର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଆଲୋଚନାଚକ୍ର। ଆଲୋଚନାରେ ବୃତିଗତ ଦାୟିତ୍ୱ, ଶିଳ୍ପ କ୍ଷେତ୍ରର ଆଶା ଓ ଆବଶ୍ୟକତା, ନିୟାମକ ବ୍ୟବସ୍ଥା, ଔଷଧର ସୁରକ୍ଷା ଏବଂ କ୍ୟାରିୟର ଗଠନ ସଂପର୍କରେ ଉପାଦେୟ ତଥ୍ୟ ମିଳିଥିଲା। ଦ୍ୱିତୀୟ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍), କ୍ରୀଡ଼ା, ବିଭିନ୍ନ ଛାତ୍ର କ୍ଲବ୍, ନିଯୁକ୍ତି ସହାୟତା ଏବଂ ଗ୍ରାଜୁଏଟ୍ ଫାର୍ମାସି ଆପ୍‌ଟିଚ୍ୟୁଡ୍ ଟେଷ୍ଟ୍ (ଜିପିଏଟି) ପ୍ରସ୍ତୁତି ଭଳି କାର୍ଯ୍ୟକ୍ରମ ଓ ସୁଯୋଗ ସଂପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନେ ସୋଆର ବିଭିନ୍ନ ପ୍ରମୁଖ ଅନୁଷ୍ଠାନ ପରିଦର୍ଶନ କରିଥିଲେ।

### ରେଳ ନିୟମର କାର୍ଯ୍ୟକାରୀ ଅନୁପାଳନକୁ ସୁଦୃଢ଼ କରୁଛି ପୂର୍ବତଟ ରେଳପଥ

# ୧୯ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଠାରୁ ୧ କୋଟିରୁ ଅଧିକ ଟଙ୍କା ଜୋରିମାନା ଆଦାୟ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ଯାତ୍ରୀ ସୁରକ୍ଷା, ଜନସାଧାରଣଙ୍କ ସୁବିଧା, ପରିଚ୍ଛନ୍ନତା ଏବଂ ରେଳବାଇ ପରିସରରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ସୁନିଶ୍ଚିତ କରିବା ଦିଗରେ ଜନ ବିଶ୍ୱାସ ଅଧିନିୟମ, ୨୦୨୬ ଅନୁଯାୟୀ ରେଳ ନିୟମର ଅନୁପାଳନକୁ ଅଧିକ ସୁଦୃଢ଼ କରିଛି। ୧୯ ଜୁନ୍ ୨୦୨୬ ଠାରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂର୍ବତଟ ରେଳପଥ ପକ୍ଷରୁ ୧୯,୩୮୮ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଠାରୁ ରେଳବାଇ ଅଧିନିୟମ, ୧୯୮୯ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ମୋଟ ୧,୦୦,୬୮,୧୨୫ ଟଙ୍କା (ଏକ କୋଟିରୁ ଅଧିକ ଟଙ୍କା) ଜୋରିମନା ଆଦାୟ କରାଯାଇଛି। ଜନ ବିଶ୍ୱାସ ଅଧିନିୟମ, ୨୦୨୬ ଅନୁଯାୟୀ ରେଳବାଇ ଅଧିନିୟମ, ୧୯୮୯ର ବିଭିନ୍ନ ଧାରାରେ ସଂଶୋଧନ କରାଯାଇଛି। ସଂଶୋଧିତ ଦଣ୍ଡବିଧାନ ବ୍ୟବସ୍ଥା ମାଧ୍ୟମରେ ନିୟମ ପାଳନକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ଏହାର ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ଗୁଡ଼ିକର କାର୍ଯ୍ୟକାରିତା ମାଧ୍ୟମରେ ପୂର୍ବ ତଟ ରେଳପଥ ବେଆଇନ କାର୍ଯ୍ୟକଳାପକୁ ନିରୁତ୍ସାହିତ କରିବା, ରେଳବାଇ ପରିସରରେ ଶୃଙ୍ଖଳିତ ଯାତାୟାତ ସୁନିଶ୍ଚିତ କରିବା ଏବଂ ଯାତ୍ରୀମାନଙ୍କ ସ୍ୱାର୍ଥର ସୁରକ୍ଷା ଦିଗରେ ପଦକ୍ଷେପ ନେଉଛି। ଏହି ଅଭିଯାନରେ ବେଆଇନ ଭାବେ ହକର କରିବା ଓ ସାମଗ୍ରୀ ବିକ୍ରୟ କରିବା, ରେଳବାଇ ପରିସରରେ ଅନଧିକୃତ ପ୍ରବେଶ ଓ ଅନଧିକୃତ ଭାବେ ରହିବା, ରେଳ କର୍ମଚାରୀଙ୍କ ଆଇନସମ୍ମତ ନିର୍ଦ୍ଦେଶ ଅବମାନନା କରିବା, ଅନ୍ୟ ବ୍ୟକ୍ତିଙ୍କ ନାମରେ ବୁକ୍ ହୋଇଥିବା ଟିକେଟ୍‌ରେ ଅନଧିକୃତ ଭାବେ ଯାତ୍ରା କରିବା ଏବଂ ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ଅନଧିକୃତ ଭାବେ ପ୍ରବେଶ କରିବା ଭଳି ବିଭିନ୍ନ ନିୟମ ଉଲ୍ଲଂଘନ ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ମଧ୍ୟରେ ସର୍ବାଧିକ ୧୪,୯୯୨ ଜଣଙ୍କୁ ଯାତ୍ରୀ ଅଞ୍ଚଳରେ ଅନଧିକୃତ ପ୍ରବେଶ, ରେଳବାଇ ପରିସରର ଅପବ୍ୟବହାର ଏବଂ ପରିସର ଛାଡ଼ିବାକୁ ମନା କରିବା ଅଭିଯୋଗ ମାମଲାଗୁଡ଼ିକରେ ୭୫,୦୫,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରେଳବାଇ ପରିସରକୁ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ସୁଗମ ରଖିବା ଦିଗରେ ଏହା ପୂର୍ବ ତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

ରେଳବାଇ ପରିସରରେ ବେଆଇନ ଭାବେ ହକର କରିବା, ସାମଗ୍ରୀ ବିକ୍ରୟ କରିବା କିମ୍ବା ଗ୍ରାହକ ଆକୃଷ୍ଟ କରିବା ଅଭିଯୋଗରେ ୧୬୯ ଜଣଙ୍କଠାରୁ ୩,୨୭,୫୦୦ ଟଙ୍କା ଜୋରିମନା ଆଦାୟ ହୋଇଛି। ଏହି ପଦକ୍ଷେପ ରେଳବାଇ ପରିସରରେ ଯାତ୍ରୀ ସୁବିଧା ବଜାୟ ରଖିବା ସହ ଅନଧିକୃତ ବାଣିଜ୍ୟିକ କାର୍ଯ୍ୟକଳାପକୁ ବନ୍ଦ କରିବାରେ ସହାୟକ ହେଉଛି। ରେଳବାଇ ପରିସରରେ ଯାନବାହନ ଚାଳକ ଓ ପରିଚାଳକମାନେ ଯୁକ୍ତିସଙ୍ଗତ ନିର୍ଦ୍ଦେଶ ଅବମାନନା କରିବା ଅଭିଯୋଗରେ ୪,୧୧୭ ଜଣଙ୍କ ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି ବାବଦରେ ୨୦,୫୮,୨୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଯାତ୍ରୀଙ୍କ ବ୍ୟବହାର ପାଇଁ କୌଣସି ବର୍ଥ କିମ୍ବା ସିଟ୍ ସଂରକ୍ଷିତ ନଥିବା କମ୍ପାର୍ଟମେଣ୍ଟରେ ଅନଧିକୃତ ପ୍ରବେଶ ସମ୍ପର୍କିତ ୫୯ଟି ମାମଲାରେ ୮୧,୦୦୦ ଟଙ୍କା ଜୋରିମନା ଆଦାୟ କରାଯାଇଛି। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ କମ୍ପାର୍ଟମେଣ୍ଟ, ବର୍ଥ, ସିଟ୍ କିମ୍ବା ଅନ୍ୟ ସ୍ଥାନରେ ବେଆଇନ ଭାବେ ପ୍ରବେଶ କିମ୍ବା ରହିବା ଅଭିଯୋଗରେ ୧୩ ଜଣଙ୍କଠାରୁ ୩୧,୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଅନ୍ୟ ବ୍ୟକ୍ତିଙ୍କ ନାମରେ ବୁକ୍ ହୋଇଥିବା ଟିକେଟ୍‌ରେ ବିନା ଅନୁମତିରେ ଯାତ୍ରା କରିବା ଅଭିଯୋଗରେ ୬ ଜଣଙ୍କ ବିରୋଧରେ ପଦକ୍ଷେପ ନିଆଯାଇ ୩,୦୦୦ ଟଙ୍କା ଜୋରିମନା ଆଦାୟ ହୋଇଛି। ଏହା ବ୍ୟତୀତ, ରେଳବାଇକୁ ଠକିବା ଉଦ୍ଦେଶ୍ୟରେ ବୈଧ ଟିକେଟ୍ କିମ୍ବା ପାସ୍ ବିନା ଯାତ୍ରା କରିବା କିମ୍ବା ଏପରି ଯାତ୍ରା କରିବାକୁ ଉଦ୍ୟମ କରିବା ଅଭିଯୋଗରେ ୫,୩୨୫ ଟଙ୍କା ଜୋରିମନା ଆଦାୟ କରାଯାଇଛି। ରେଳବାଇ ପକ୍ଷରୁ ପ୍ରଦର୍ଶିତ ସାର୍ବଜନୀନ ବିଜ୍ଞପ୍ତି, ବୋର୍ଡ କିମ୍ବା ଦଲିଲକୁ ବେଆଇନ ଭାବେ ହଟାଇବା କିମ୍ବା ଜାଣିଶୁଣି ନଷ୍ଟ କରିବା ସମ୍ପର୍କିତ ଗୋଟିଏ ମାମଲାରେ ୨,୦୦୦ ଟଙ୍କା ଜୋରିମନା ଆଦାୟ ହୋଇଛି। ସେହିପରି, ଅନ୍ୟ ଯାତ୍ରୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଥିବା ଭାବେ ଟ୍ରେନ୍‌ର କମ୍ପାର୍ଟମେଣ୍ଟରେ ଧୂମପାନ କରିବା ସମ୍ପର୍କିତ ୨୮ଟି ମାମଲାରେ ୫୪,୫୦୦ ଟଙ୍କା ଜୋରିମନା ଆଦାୟ କରାଯାଇଛି। ପ୍ରଭାବଶାଳୀ ନିୟମ ପ୍ରବର୍ତ୍ତନ, ଜନସଚେତନତା ଏବଂ ସାମୂହିକ ଦାୟିତ୍ୱବୋଧ ମାଧ୍ୟମରେ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ଯାତ୍ରୀ ଅନୁକୂଳ ରେଳ ପରିବେଶ ଯୋଗାଇଦେବା ପାଇଁ ପୂର୍ବ ତଟ ରେଳପଥ ପ୍ରତିବଦ୍ଧ।

# ଶାନ୍ତି ବଜାୟ ରଖିବା ବଣ୍ଡରେ ଦସ୍ତଖତ କରିବିନି: ନେହା ବୋରା



**ନୂଆଦିଲ୍ଲୀ:** ଦିଲ୍ଲୀ ପୁଲିସର ଶାନ୍ତି ବଜାୟ ରଖିବା ସମ୍ପର୍କିତ ବଣ୍ଡରେ ଦସ୍ତଖତ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ)ର ଅଧ୍ୟକ୍ଷା ନେହା ବୋରା। ଏହି ବଣ୍ଡ ସମ୍ପର୍କିତ ପୁଲିସ ନୋଟିସ୍କୁ ଚ୍ୟାଲେଞ୍ଜ୍ କରି ସେ ଦାଖଲ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିବାର ଦିନକ ପରେ ତାଙ୍କର ଏହି ମନ୍ତବ୍ୟ ଆସିଛି। ପୁଲିସ ପକ୍ଷରୁ ଜାରି ନୋଟିସରେ ନେହାଙ୍କୁ ୧୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ସହ ଜଣେ ଜାମିନଦାର ଦେବାକୁ କୁହାଯାଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍)ର ଧାରା ୧୨୬ ଅନୁଯାୟୀ ଏହି ନୋଟିସ୍ ଜାରି ହୋଇଥିଲା। ଅକ୍ଟୋବର ୧୬ରେ ଦିଲ୍ଲୀର ମଣ୍ଡି ହାଉସ୍ ଅଞ୍ଚଳରେ ପ୍ରତିବାଦ କାର୍ଯ୍ୟକ୍ରମ ସହ ଜଡ଼ିତ ଘଟଣାକୁ ନେଇ ଏହି ପଦକ୍ଷେପ ନିଆଯାଇଥିଲା। ହାଇକୋର୍ଟ ଆବେଦନ ଖାରଜ କରିଥିଲେ ମଧ୍ୟ ନେହାଙ୍କୁ ଅଭିଯୋଗ ସମ୍ପର୍କିତ ସମସ୍ତ ତଥ୍ୟ ଯୋଗାଇଦେବାକୁ ଏବଂ ତାଙ୍କ ପକ୍ଷ ରଖିବାର ଯଥେଷ୍ଟ ସୁଯୋଗ ଦେବାକୁ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନେହାଙ୍କ କହିବା ଅନୁଯାୟୀ, ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ସରକାରଙ୍କୁ ପ୍ରଶ୍ନ କରିବା ଗଣତାନ୍ତ୍ରିକ ଅଧିକାର। ତେଣୁ ଏଭଳି ପ୍ରତିବାଦକୁ ଶାନ୍ତିଭଙ୍ଗର ଆଶଙ୍କା ସହ ଯୋଡ଼ିବା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୯ରେ ହେବାକୁ ଥିବାବେଳେ ସେ ବଣ୍ଡରେ ଦସ୍ତଖତ କରିବେ ନାହିଁ ବୋଲି ପୁନର୍ବାର କହିଛନ୍ତି।

## ମେଡିକାଲ କଲେଜରେ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ କରିବାକୁ ଯୋଜନା

**ନୂଆଦିଲ୍ଲୀ:** ଦେଶର ମେଡିକାଲ କଲେଜଗୁଡ଼ିକରେ ବିଭାଗୀୟ ମୁଖ୍ୟ ବା ହେଡ୍ ଅଫ୍ ଡିପାର୍ଟମେଣ୍ଟ୍ (ଏଚ୍ଓଡି)ଙ୍କ କାର୍ଯ୍ୟକାଳ ନିର୍ଦ୍ଧାରଣକୁ ନେଇ ନିଜ ପ୍ରସ୍ତାବରେ ପରିବର୍ତ୍ତନ କରିବା ଉପରେ ବିଚାର କରୁଛି ଜାତୀୟ ଚିକିତ୍ସା ଆୟୋଗ (ଏନ୍ଏମ୍ସି)। ପୂର୍ବରୁ ପ୍ରସ୍ତାବିତ ୩ ବର୍ଷିଆ ପାଳିକ୍ରମ ବ୍ୟବସ୍ଥା ବଦଳରେ ଏଚ୍ଓଡିଙ୍କ କାର୍ଯ୍ୟକାଳ ୫ ବର୍ଷ କରିବା ନେଇ ଆୟୋଗ ବିଚାର କରୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଭିନ୍ନ ପକ୍ଷଙ୍କଠାରୁ ମିଳିଥିବା ମତାମତ ପରେ ଏହି ପୁନର୍ବିଚାର କରାଯାଉଛି। ଏନ୍ଏମସିର ପୂର୍ବ ପ୍ରସ୍ତାବ ଅନୁଯାୟୀ, ମେଡିକାଲ କଲେଜରେ ବିଭାଗୀୟ ମୁଖ୍ୟ ପଦବିରେ ନିର୍ଦ୍ଧାରିତ ସମୟ ପରେ ପରିବର୍ତ୍ତନ କରାଯିବାର ବ୍ୟବସ୍ଥା ରହିଥିଲା। ଏହାଦ୍ୱାରା ଅଧିକ ଅଧ୍ୟାପକଙ୍କୁ ନେତୃତ୍ୱ ନେବାର ସୁଯୋଗ ମିଳିବା ସହ ବିଭାଗୀୟ ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ିବ ବୋଲି ଏହାର ସମର୍ଥକମାନେ ମତ ଦେଇଥିଲେ। ତେବେ ଏହି ବ୍ୟବସ୍ଥାକୁ ନେଇ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ମିଶ୍ର ପ୍ରତିକ୍ରିୟା ମିଳିଥିଲା। କେତେକ ଶିକ୍ଷାବିତ୍ ଓ ଚିକିତ୍ସା ବିଶେଷଜ୍ଞଙ୍କ ମତରେ, ବାରମ୍ବାର ବିଭାଗୀୟ ମୁଖ୍ୟ ପରିବର୍ତ୍ତନ ହେଲେ ଗବେଷଣା, ଶିକ୍ଷାଦାନ ଓ ଦୀର୍ଘମିଆଦୀ ଯୋଜନା ପ୍ରଭାବିତ ହୋଇପାରେ। ଅନ୍ୟପକ୍ଷରେ, ପାଳିକ୍ରମ ବ୍ୟବସ୍ଥାକୁ ସମର୍ଥନ କରୁଥିବା ପକ୍ଷ ଏହାକୁ ନେତୃତ୍ୱର ସୁଯୋଗ ବଢ଼ାଇବାର ଏକ ଉପାୟ ବୋଲି କହିଛନ୍ତି। ଏନ୍ଏମ୍ସିର ବିଚାରାଧୀନ ପ୍ରସ୍ତାବ ଉପରେ ଏଯାଏଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତେଣୁ ଏଚ୍ଓଡିଙ୍କ କାର୍ଯ୍ୟକାଳ ସମ୍ପର୍କିତ ନୂଆ ନିୟମ କେବେ ଓ କେଉଁ ରୂପରେ ଲାଗୁ ହେବ, ତାହା ଆୟୋଗର ପରବର୍ତ୍ତୀ ନିଷ୍ପତ୍ତି ଉପରେ ନିର୍ଭର କରିବ।

## ଏଲ୍ ନିନୋର ନୂଆ ଇତିହାସ :ପ୍ରଶାନ୍ତ ମହାସାଗର ତାପମାତ୍ରା ୩୦ ଡିଗ୍ରି ଛୁଇଁଲା

**ନୂଆଦିଲ୍ଲୀ:** ବିଶ୍ୱ ଜଳବାୟୁ ପ୍ରକ୍ରିୟାରେ ଏକ ବଡ଼ ବିପର୍ଯ୍ୟୟର ସଙ୍କେତ ଦେଇ ପ୍ରଶାନ୍ତ ମହାସାଗର ତାପମାତ୍ରା ନିଜର ସମସ୍ତ ପୂର୍ବ ରେକର୍ଡ ଭାଙ୍ଗିଛି। ଏକ ଅତ୍ୟନ୍ତ ଶକ୍ତିଶାଳୀ ଏଲ୍ ନିନୋ ପ୍ରଭାବରେ ଜଳଭାଗର ତାପମାତ୍ରା ସର୍ବକାଳୀନ ସର୍ବୋଚ୍ଚ ସ୍ତରକୁ ଗତି କରିଛି, ଯାହା ଭାରତ ସମେତ ସମଗ୍ର ବିଶ୍ୱର ପାଣିପାଗ ପଦ୍ଧତିକୁ ପ୍ରଭାବିତ କରିବା ଆରମ୍ଭ କରିଛି। ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ପ୍ରଶାସନ (ନୋଆ)ର ତଥ୍ୟ ଅନୁଯାୟୀ, ଗତ ଅକ୍ଟୋବର ୨୨ ତାରିଖରେ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରର ପୃଷ୍ଠଭାଗ ତାପମାତ୍ରା ପ୍ରଥମ ଥର ପାଇଁ ୩୦ ଡିଗ୍ରି ସେଲସିୟସ୍ ଛୁଇଁଛି। ଉପଲବ୍ଧ ସାମୁଦ୍ରିକ ଇତିହାସରେ ଏଭଳି ସ୍ଥିତି କେବେହେଲେ ଦେଖାଯାଇନଥିଲା। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମଓ) ନିଜର ବୁଲେଟିନ୍ରେ ପ୍ରକାଶ କରିଛି ଯେ, କେନ୍ଦ୍ରୀୟ ଏବଂ ପୂର୍ବ କ୍ରାନ୍ତୀୟ ପ୍ରଶାନ୍ତ ମହାସାଗରର ଏହି ତାପମାତ୍ରା ଚଳିତ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଏକ ବିପଜ୍ଜନକ ସ୍ତରକୁ ଗତି କରିବ ଏବଂ ଡିସେମ୍ବର ମାସରେ ଏହି ଏଲ୍ ନିନୋ ନିଜର ସର୍ବୋଚ୍ଚ ଶିଖରରେ ପହଞ୍ଚିବ। ସାଧାରଣତଃ ଏହି ଅଞ୍ଚଳର ହାରାହାରି ତାପମାତ୍ରା ଗତ ଜୁନ୍ ମାସରେ ସ୍ୱାଭାବିକ ଠାରୁ ୧.୬ ଡିଗ୍ରି ସେଲସିୟସ୍ ଅଧିକ ଥିବା ବେଳେ ଅଗଷ୍ଟରେ ଏହା ୨.୫ ଡିଗ୍ରିକୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଆଶଙ୍କା କରାଯାଉଛି ଯେ ଏହା ସ୍ୱାଭାବିକ ଠାରୁ ପ୍ରାୟ ୩.୭ ଡିଗ୍ରି ସେଲସିୟସ୍ ଅଧିକ ରହିବ, ଯାହା ୨୦୧୫-୧୬ ମସିହାରେ ରେକର୍ଡ ହୋଇଥିବା ୨.୬ ଡିଗ୍ରିର ସର୍ବୋଚ୍ଚ ରେକର୍ଡକୁ ବହୁ ପଛରେ ପକାଇ ଦେଇଛି। ଏହି ଅସ୍ୱାଭାବିକ ସାମୁଦ୍ରିକ ଉଷ୍ମତା ଭାରତ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ରିପୋର୍ଟ ଅନୁଯାୟୀ, ଚଳିତ ୨୦୨୬ ମସିହାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ପ୍ରାୟ ୧୩ ପ୍ରତିଶତ ହ୍ରାସ ପାଇଛି। ଏହା ସହିତ ଡବ୍ଲ୍ୟୁଏମଓ ଚେତାବନୀ ଦେଇଛି ଯେ, ଆଗାମୀ ମାସଗୁଡ଼ିକରେ ସମଗ୍ର ଦକ୍ଷିଣ ଏସିଆ ଓ ଭାରତୀୟ ଉପମହାଦେଶରେ ସ୍ୱାଭାବିକ ଠାରୁ ଅଧିକ ଗରମ ବା ଅତ୍ୟଧିକ ପ୍ରତିକୂଳ ତାପମାତ୍ରା ଅନୁଭୂତ ହେବ। ଏଲ୍ ନିନୋ ସମ୍ପୂର୍ଣ୍ଣ ଭାବେ ବର୍ଷା ନିୟନ୍ତ୍ରଣ କରୁନଥିଲେ ମଧ୍ୟ ଏହି ପ୍ରଶାନ୍ତ ମହାସାଗରର ପ୍ରବଳ ଗରମ ଜଳରାଶି ଯୋଗୁଁ ଭାରତରେ ମରୁଡ଼ି, ଜଳକଷ୍ଟ ଏବଂ ପ୍ରଭାବଶାଳୀ ଗ୍ରୀଷ୍ମ ପ୍ରବାହର ଆଶଙ୍କା ବହୁଗୁଣିତ ହୋଇଛି।

# ପାକିସ୍ତାନରେ ହାହାକାର; ୮ ହଜାର ଟପିଲା ଗ୍ୟାସ ଦର



**ଇସଲାମାବାଦ:** ପାକିସ୍ତାନରେ ଏବେ ରୋଷେଇ ଗ୍ୟାସ୍କୁ ନେଇ ହାହାକାର । ଇରାନ ସହ ସୀମା ବନ୍ଦ ହେବା ପରେ ଦେଶରେ ଯୋଗାଣ ଉପରେ ପଡ଼ିଛି ବଡ଼ ପ୍ରଭାବ । ଯେଉଁ ୧୨ କିଲୋ ଗ୍ୟାସ୍ ସିଲିଣ୍ଡର ପାଇଁ ପୂର୍ବରୁ ୪,୫୦୦ ପାକିସ୍ତାନୀ ଟଙ୍କା ଦେବାକୁ ପଡୁଥିଲା, ତାହାର ଦାମ୍ ବଢ଼ି ୭,୦୦୦ ଟଙ୍କାରେ ପହଞ୍ଚିଥିବା ରିପୋର୍ଟ ଆସିଛି । କେତେକ ସହରରେ ଦର ଆହୁରି ଅଧିକ । ଗୋଟିଏ ପଟେ ରୋଷେଇ ଖର୍ଚ୍ଚ ବଢୁଛି, ଅନ୍ୟପଟେ ଯୋଗାଣ କେବେ ସ୍ୱାଭାବିକ ହେବ, ତାହାକୁ ନେଇ ଚିନ୍ତାରେ ସାଧାରଣ ଲୋକ । ରିପୋର୍ଟ ଅନୁସାରେ, ଅକ୍ଟୋବର ୧୭ ରେ ପାକିସ୍ତାନ ଓ ଇରାନ ମଧ୍ୟରେ ଥିବା ଗବ୍ଦ-ରିମଦାନ ଏବଂ ତାଫ୍ତାନ ସୀମା ପାରାପାର ପଥ ବନ୍ଦ ହୋଇଥିଲା । ପାକିସ୍ତାନର ବାଲୁଚିସ୍ତାନ ସରକାର ସୁରକ୍ଷା ଚିନ୍ତା ଓ ଚୋରାଚାଲାଣ ରୋକିବାକୁ କାରଣ ଦର୍ଶାଇଥିବା ବେଳେ ଇରାନ ପକ୍ଷରୁ ବୈଷୟିକ ସମସ୍ୟା କଥା କୁହାଯାଇଥିବା ଖବର ମିଳିଛି । ଏହି ନିଷ୍ପତ୍ତି ପରେ ଉଭୟ ପଟେ ଶହ ଶହ ଟ୍ୟାଙ୍କର ଅଟକି ରହିଥିବା ଏବଂ ଇରାନ ପଟେ ୪,୫୦୦ ମେଟ୍ରିକ୍ ଟନ୍ରୁ ଅଧିକ ଇନ୍ଧନ ଅଟକିଥିବା ରିପୋର୍ଟ ହୋଇଛି । ଗବ୍ଦ-ରିମଦାନ ପଥରେ ଦୈନିକ ୪,୦୦୦ ମେଟ୍ରିକ୍ ଟନ୍ରୁ ଅଧିକ ଗ୍ୟାସ୍ ଆସୁଥିବା ଦାବି କରାଯାଇଛି । ଫଳରେ ପାକିସ୍ତାନର ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ଉପରେ ଚାପ ବଢ଼ିଛି । ସୀମା ବନ୍ଦ ହେବାର କିଛି ଦିନ ମଧ୍ୟରେ ୧୨ କିଲୋ ଇନ୍ଧନ ସିଲିଣ୍ଡରର ଦର ୪,୫୦୦ରୁ ବଢ଼ି ୭,୦୦୦ ପାକିସ୍ତାନୀ ଟଙ୍କା ହୋଇଥିବା ଖବର ଆସିଛି । ଲାହୋରରେ ସିଲିଣ୍ଡର ଦର ପ୍ରାୟ ୭,୫୦୦ ଟଙ୍କା ଥିବା ବେଳେ ସ୍କାର୍ଦୁରେ ପ୍ରାୟ ୮,୨୦୦ ଟଙ୍କା । ଏବଂ ଅନ୍ୟ କେତେକ ସ୍ଥାନରେ ଆହୁରି ଅଧିକ ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ପାକିସ୍ତାନର ବାର୍ଷିକ ଇନ୍ଧନ ଆବଶ୍ୟକତା ପ୍ରାୟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଏହାର ପ୍ରାୟ ୭୦ ପ୍ରତିଶତ ଆମଦାନି ଉପରେ ନିର୍ଭର କରୁଥିବା ବେଳେ ଘରୋଇ ଉତ୍ପାଦନ ଦୈନିକ ପ୍ରାୟ ୨,୦୦୦ରୁ ୨,୫୦୦ ମେଟ୍ରିକ୍ ଟନ୍ ରହିଥିବା କୁହାଯାଇଛି । ଇରାନରୁ ସ୍ଥଳପଥରେ ମିଳୁଥିବା ଗ୍ୟାସ୍ ତୁଳନାମୂଳକ ଶସ୍ତା ହୋଇଥିବାରୁ ଏହା ପାକିସ୍ତାନର ଏକ ପ୍ରମୁଖ ଯୋଗାଣ ଉତ୍ସ ଥିଲା । ଏବେ ବିକଳ୍ପ ଦେଶରୁ କିମ୍ବା ସମୁଦ୍ରପଥରେ ଗ୍ୟାସ୍ ଆଣିବାକୁ ପଡ଼ିଲେ ଅଧିକ ଖର୍ଚ୍ଚ ଓ ସମୟ ଲାଗିପାରେ । ଏହାର ପ୍ରଭାବ କେବଳ ରୋଷେଇ ଗ୍ୟାସ୍ ନୁହେଁ, ପରିବହନ ଓ ବ୍ୟବସାୟ ଉପରେ ମଧ୍ୟ ପଡ଼ିପାରେ । ଗବ୍ଦ-ରିମଦାନ ସୀମାପଥକୁ ଆଳୁ ଓ କଦଳୀ ଭଳି କେତେକ ପାକିସ୍ତାନୀ ସାମଗ୍ରୀର ରପ୍ତାନି ପାଇଁ ପୁଣି ଖୋଲାଯାଇଥିଲେ ମଧ୍ୟ ଇନ୍ଧନ ଆମଦାନି ସ୍ୱାଭାବିକ ହୋଇନାହିଁ । ଉଭୟ ଦେଶ ମଧ୍ୟରେ ଆଲୋଚନା ଚାଲିଥିବା କୁହାଯାଉଛି । ଶୀତ ଆରମ୍ଭ ହେଉଥିବାରୁ ପାହାଡ଼ିଆ ତଥା ଦୁର୍ଗମ ଅଞ୍ଚଳରେ ରୋଷେଇ ଏବଂ ଘର ଗରମ ରଖିବା ପାଇଁ ଏଲପିଜିର ଚାହିଦା ବହୁଗୁଣିତ ହୋଇଛି । କିନ୍ତୁ ଦର ଦୁଇଗୁଣରୁ ଅଧିକ ବୃଦ୍ଧି ପାଇବା ଏବଂ ଗ୍ୟାସ୍ର ଘୋର ଅଭାବ ସାଧାରଣ ଖାଉଟିଙ୍କୁ ଅସହାୟ କରିଦେଇଛି । ତେବେ ଶୀଘ୍ର ସମାଧାନ ନହେଲେ ମୁଦ୍ରାସ୍ଫୀତି ଆହୁରି ବଢ଼ିବା ସହ ପରିସ୍ଥିତି ଅଣାୟତ୍ତ ହେବାର ଆଶଙ୍କା ଦେଖାଦେଇଛି ।

## ଯନ୍ତର ମନ୍ତର ହିଂସା: ପ୍ରଭାବିତଙ୍କ ଅଭିଯୋଗ ଶୁଣିବେ ସୁପ୍ରିମକୋର୍ଟ କମିଟି

**ନୂଆଦିଲ୍ଲୀ** : ଜୁଲାଇ ମାସରେ ଯନ୍ତର ମନ୍ତର ଆନ୍ଦୋଳନ ସମୟରେ ହୋଇଥିବା ହିଂସା ଘଟଣାର ତଦନ୍ତ କରୁଥିବା ସୁପ୍ରିମକୋର୍ଟ ନିଯୁକ୍ତ ଉଚ୍ଚ କ୍ଷମତାସମ୍ପନ୍ନ ତଦନ୍ତ କମିଟି(ଏଚ୍ପିଇସି) ଆସନ୍ତା ଅକ୍ଟୋବର ୨୯ ତାରିଖରେ ପ୍ରଭାବିତ ଲୋକଙ୍କ କଥା ଶୁଣିବେ ଏବଂ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ବ୍ୟବହାର, ମହିଳା ଆନ୍ଦୋଳନକାରୀଙ୍କୁ ନିର୍ଯାତନା ଘଟଣା ସଂକ୍ରାନ୍ତରେ ପ୍ରମାଣ ଗ୍ରହଣ କରିବେ । କମିଟି ୧୭ ରାଉଜ୍ ଆଭେନ୍ୟୁ ଇନଷ୍ଟିଚ୍ୟୁସନାଲ ଏରିଆ ସ୍ଥିତ ଶିକ୍ଷା ସଦନ ଅଫିସ୍ରେ ଅକ୍ଟୋବର ୨୯ ପୂର୍ବାହ୍ନ ୧୧ଟାରୁ ପ୍ରଭାବିତ ଲୋକଙ୍କ କଥା ଶୁଣିବା ଆରମ୍ଭ କରିବ। ହିଂସାର ଶିକାର ହୋଇଥିବା ଯେକୌଣସି ବ୍ୟକ୍ତି ସେହିଦିନ ପୂର୍ବାହ୍ନ ୧୧.୩୦ରୁ ଅପରାହ୍ନ ୩ଟା ମଧ୍ୟରେ ଯାଇ ଅଭିଯୋଗ ଏବଂ ପ୍ରମାଣ ଦାଖଲ କରିପାରିବେ । କମିଟି ନିର୍ଦ୍ଦିଷ୍ଟ ଭାବେ ପେଲେଟ୍ ଗନ୍ ବ୍ୟବହାର ଅଭିଯୋଗ, ଟାର୍ଗେଟ୍ ହିଂସା ଏବଂ ମହିଳା ଆନ୍ଦୋଳନକାରୀଙ୍କୁ ନିର୍ଯାତନା ଘଟଣାର ପରୀକ୍ଷା କରିବ । ଉଲ୍ଲେଖଯୋଗ୍ୟ ପୂର୍ବରୁ ଅଧିକାରୀମାନେ କହିଥିଲେ ଯେ ଅକ୍ଟୋବର ୨୯ ଏବଂ ୩୦ ଦୁଇ ଦିନ ଧରି ପ୍ରଭାବିତ ଲୋକଙ୍କର ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରାଯିବ । କିନ୍ତୁ ପରେ ସ୍ପଷ୍ଟ କରାଗଲା ଯେ କେବଳ ଅକ୍ଟୋବର ୨୯ ତାରିଖରେ କମିଟି ଅଭିଯୋଗ ଶୁଣିବା ସହ ପ୍ରମାଣ ଗ୍ରହଣ କରିବ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଏହି ୫ ଜଣିଆ କମିଟି ଗଠନ ହୋଇଛି ଏବଂ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଆର୍ ସୁଭାଷ ରେଡ୍ଡି ଏହି କମିଟିର ଅଧ୍ୟକ୍ଷତା କରୁଛନ୍ତି । କମିଟିରେ ଥିବା ଅନ୍ୟ ସଦସ୍ୟମାନେ ହେଉଛନ୍ତି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ରବି ଶଙ୍କର ଝା, ପୂର୍ବତନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶାଲିନ୍ଦର କୌର, ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଋଷୀ କୁମାର ଶୁକ୍ଲା ଏବଂ ଅବସରପ୍ରାପ୍ତ ମେଘାଳୟ ପୁଲିସ ଡିଜି ଏଲ୍ଆର ବିଷ୍ଣୋଇ ।

## ପ୍ରଥମ ଗଙ୍ଗାସାଗର ମେଳା ପାଇଁ ପ୍ରସ୍ତୁତି ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ



**କୋଲକାତା:** ଦୁର୍ଗା ପୂଜା ଶେଷ ହେବାପରେ ପଶ୍ଚିମବଙ୍ଗରେ ବିଜେପି ସରକାର ଏବେ ଏହାର ସମସ୍ତ ଫୋକସ୍ ୨୦୨୭ ଗଙ୍ଗାସାଗର ମେଳା ଉପରେ ରଖିଛି। ୨୦୨୬ ମେ'ରେ ବିଜେପି ରାଜ୍ୟରେ କ୍ଷମତାକୁ ଆସିବାପରେ ପ୍ରଥମ ଥର ପାଇଁ ଗଙ୍ଗାସାଗର ମେଳା ଆୟୋଜନ କରିବ। ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବିଜେପି ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ମାନ୍ୟତା ଦେବାର ପ୍ରତିଶ୍ରୁତି ଦେଇଥିଲା । ତେଣୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରତିବର୍ଷ ଜାନୁଆରିରେ ମକର ସଂକ୍ରାନ୍ତି ଦିନ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଆଇଲାଣ୍ଡରେ ହେଉଥିବା ଗଙ୍ଗାସାଗର ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଶ୍ରଦ୍ଧାଳୁମାନେ ଗଙ୍ଗା ଏବଂ ବଙ୍ଗୋପ ସାଗରର ସଙ୍ଗମ ସ୍ଥଳରେ ପବିତ୍ର ବୁଡ଼ ପକାନ୍ତି। ପ୍ରୟାଗରାଜରେ କୁମ୍ଭ ମେଳା ପରେ ଏହାକୁ ହିନ୍ଦୁ ଶ୍ରଦ୍ଧାଳୁମାନଙ୍କର ଦ୍ୱିତୀୟ ବୃହତ୍ତମ ଧାର୍ମିକ ସଭା ବୋଲି କୁହାଯାଉଛି। କାକଦ୍ୱୀପରେ ଏକ ରାଲିରେ ଉଦ୍ବୋଧନ ଦେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି, ' ଆମେ ଗଙ୍ଗାସାଗର ମେଳାକୁ ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିବାପାଇଁ ଆସିଛୁ। କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ମଧ୍ୟ ଅଧିକାରୀ ବରିଷ୍ଠ ଅମଲା ଏବଂ ଶୀର୍ଷ ପୁଲିସ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ଆସନ୍ତା ସପ୍ତାହରେ ସରକାର ରାଜ୍ୟ ସଚିବାଳୟରେ ଏକ ଉଚ୍ଚ ସ୍ତରୀୟ ବୈଠକ କରିବେ ବୋଲି ଆଶା କରାଯାଉଛି।

## ଇଣ୍ଡିଆ କେମ୍-୨୦୨୬ ଉଦ୍ଯାପିତ

**ନୂଆଦିଲ୍ଲୀ :** ମୁମ୍ବାଇରେ ୩ ଦିନି ଧରି ଚାଲିଥିବା 'ଇଣ୍ଡିଆ କେମ୍-୨୦୨୬ଦ କନକ୍ଲେଭ ଆଜି ଉଦ୍ଯାପିତ ହୋଇଛି । ଚତୁର୍ଦ୍ଦଶ ସଂସ୍କରଣକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ବିଭାଗ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଉଦ୍ଘାଟନ କରିଥିଲେ । ଏଥିରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସିଇଓ ଫୋରମ୍ ସହ ଭାରତ-ଜାପାନ, ଭାରତ-ଯୁକ୍ତରାଷ୍ଟ୍ର ଆମେରିକା, ଭାରତ-ୟୁରୋପୀୟ ସଂଘ ଫୋରମ୍ ଆଲୋଚନା ହୋଇ ରସାୟନ ଓ ପେଟ୍ରୋରସାୟନ କ୍ଷେତ୍ରର ବିଭିନ୍ନ ସମସ୍ୟା ଉପରେ ମାନସମନ୍ଥନ ହୋଇଥିଲା । ଜାପାନ ଏହି କନକ୍ଲେଭର ସହଯୋଗୀ ଦେଶ ଥିଲା। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ରସାୟନ ଓ ପେଟ୍ରୋରସାୟନ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି । ବର୍ତ୍ତମାନ ଏହି ଶିଳ୍ପର ଆକାର ପ୍ରାୟ ୨୨୦ ବିଲିୟନ ଡଲାର ରହିଛି । ୨୦୪୦ ସୁଦ୍ଧା ଏହାକୁ ପ୍ରାୟ ୧ ଟ୍ରିଲିୟନ ଏବଂ ୨୦୪୭ ସୁଦ୍ଧା ୧.୬ ଟ୍ରିଲିୟନ ଡଲାରରେ ପହଞ୍ଚାଇବାର ଆବଶ୍ୟକତା ରହିଛି । ଏହି ଅବସରରେ ଯୁବ ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଛି । ପ୍ରଥମ ପୁରସ୍କାର ଆଇସିଟି ମୁମ୍ବାଇର ସୌମ୍ୟ ଭୋଲେ ଏବଂ ସାର୍ଥକ କାଲେ ଜିତିଥିବାବେଳେ ଭିଏନ୍ଆଇଟି-ନାଗପୁରର ସୁମନ ବତୱେ ଓ ସାଲୋନି ମାଡେସାର ଦ୍ୱିତୀୟ ପୁରସ୍କାର ଏବଂ ଆଇଆଇଟି ଗାନ୍ଧୀନଗରର ଯଶ ପ୍ରସାଦ ଓ ସ୍ମିତ ବଘୋରଲିୟା ତୃତୀୟ ପୁରସ୍କାର ଜିତିଛନ୍ତି । କେନ୍ଦ୍ର ରସାୟନ ଓ ପେଟ୍ରୋରସାୟନ ବିଭାଗ ଓ ଫିକି ପକ୍ଷରୁ ମିଳିତଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସମେତ ବିଶ୍ୱର ଅଗ୍ରଣୀ କମ୍ପାନିଗୁଡ଼ିକର ପାଭିଲିଅନ ଖୋଲିଥିଲା । ଜାପାନ, ଆମେରିକା, କାନାଡ଼ା, ବ୍ରିଟେନ, ୟୁରୋପୀୟ ସଂଘ, ଲାଟିନ ଆମେରିକା, କୋରିଆ ଓ ଆସିଆନ ଦେଶଗୁଡ଼ିକ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରୁ ଓଡ଼ିଶା ପ୍ରାୟ ୫୪ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ପ୍ରସ୍ତାବ ସଂଗ୍ରହ କରିବାରେ ସଫଳ ହୋଇଛି ।

## ଭୋଟର ତାଲିକାର ତ୍ରୁଟି ନେଇ କଂଗ୍ରେସର ଅଭିଯାନ

### ଘରକୁ ଘର ବୁଲିବେ ଦଳୀୟ କର୍ମୀ, ରାଲି ଓ ସଚେତନତା ସଭା ଆୟୋଜନ ଯୋଜନା



**ନୂଆଦିଲ୍ଲୀ:** ଭୋଟର ତାଲିକାରେ କଥିତ ଅନିୟମିତତା ଓ ତ୍ରୁଟିକୁ ନେଇ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିବାକୁ କଂଗ୍ରେସ ଯୋଜନା କରିଛି। ଏଥିପାଇଁ ଦଳ ପକ୍ଷରୁ ଘରକୁ ଘର ଯାଇ ଭୋଟରଙ୍କ ସହ ଯୋଗାଯୋଗ, ପଦଯାତ୍ରା, ରାଲି ଓ ସଚେତନତା ବୈଠକ ଆୟୋଜନ କରାଯିବ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ କରାଇବା ଏହି ଅଭିଯାନର ଲକ୍ଷ୍ୟ ବୋଲି ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭରତସିଂହ ସୋଲାଙ୍କି କହିଛନ୍ତି। ଅଭିଯାନ ସମୟରେ ଦଳୀୟ କର୍ମୀମାନେ ଭୋଟର ତାଲିକା ଯାଞ୍ଚ କରିବା ସହ ନାମ ବାଦ୍ ପଡ଼ିଥିବା କିମ୍ବା ବିବରଣୀରେ ତ୍ରୁଟି ଥିବା ଭୋଟରଙ୍କୁ ସହାୟତା କରିବେ। ପ୍ରତ୍ୟେକ ବୁଥ୍ରେ ଦଳୀୟ ପ୍ରତିନିଧି ନିଯୁକ୍ତ କରିବାକୁ ମଧ୍ୟ ଯୋଜନା ରହିଛି। ସୋଲାଙ୍କି ମହାରାଷ୍ଟ୍ରର ଲାତୁର ଅଞ୍ଚଳରେ ଭୋଟର ତାଲିକା ସମ୍ପର୍କିତ କଥିତ ତ୍ରୁଟି ନେଇ ଚିନ୍ତା ପ୍ରକାଶ କରିଛନ୍ତି। ତାଲିକାରେ ଥିବା ଅସଙ୍ଗତିକୁ ଚିହ୍ନଟ କରିବା ସହ ଯୋଗ୍ୟ ଭୋଟରଙ୍କ ନାମ ଯେପରି ବାଦ୍ ନ ପଡ଼େ, ସେଥିପାଇଁ ଦଳ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଭୋଟର ତାଲିକାର ସଠିକତା ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ଏହି ଅଭିଯାନ ଗୁରୁତ୍ୱ ପାଇଛି। ତେବେ ତାଲିକାରେ ଅନିୟମିତତା ହୋଇଥିବା ନେଇ କଂଗ୍ରେସର ଅଭିଯୋଗ ଏବଂ ତାହାର ବାସ୍ତବ ସ୍ଥିତିକୁ ଯାଞ୍ଚ ଓ ତଥ୍ୟ ଆଧାରରେ ବିଚାର କରାଯିବା ଆବଶ୍ୟକ।

## ଆମେରିକା ଅଭିମୁଖେ ରୁଷୀୟ ଡିଜେଲ୍ ଟ୍ୟାଙ୍କର




**ୱାଶିଂଟନ୍:** ରୁଷ୍ର ପ୍ରାୟ ୪୦ ହଜାର ମେଟ୍ରିକ୍ ଟନ୍ ଡିଜେଲ୍ ନେଇ ଏକ ଜାହାଜ ନ୍ୟୁୟର୍କ ଅଭିମୁଖେ ଯାଉଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବୁଝାମଣା ପରେ ଏହି ଯୋଗାଣ ଆରମ୍ଭ ହୋଇଛି। 'ଆଗିଓଇ ଫାନେଣ୍ଟେସ୍' ନାମକ ଏହି ଜାହାଜ ମାଲ୍ଟାର ପତାକା ବହନ କରି ଚଳାଚଳ କରୁଛି। ଅକ୍ଟୋବର ୨୨ରେ ଏହା ରୁଷ୍ର ବାଲ୍ଟିକ୍ ସାଗର ଉପକୂଳରେ ଥିବା ପ୍ରିମୋର୍ସ୍କ ବନ୍ଦରରୁ ଅତ୍ୟନ୍ତ କମ୍ ଗନ୍ଧକଯୁକ୍ତ ଡିଜେଲ୍ ବୋଝେଇ କରିଥିଲା। ଜାହାଜଟି ନଭେମ୍ବର ୭ରେ ଆମେରିକାରେ ପହଞ୍ଚିବା ଆଶା କରାଯାଉଛି। ତେବେ ଏହାର କ୍ରେତା ଓ ବିକ୍ରେତାଙ୍କ ନାମ ପ୍ରକାଶ କରାଯାଇନାହିଁ। ଆମେରିକାରେ ନଭେମ୍ବର ୩ରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାକୁ ଥିବାବେଳେ ଡିଜେଲ୍ ଦର ହ୍ରାସ କରିବା ଟ୍ରମ୍ପ ପ୍ରଶାସନର ଏକ ପ୍ରମୁଖ ଲକ୍ଷ୍ୟ। ଏଥିପାଇଁ ଟ୍ରମ୍ପ ରୁଷ୍ ସହ ଇନ୍ଧନ ଯୋଗାଣ ନେଇ ବୁଝାମଣା କରିବା ସହ ରୁଷ୍ ବିରୋଧୀ ନୂଆ କଟକଣା ଆଇନର କିଛି ଅଂଶକୁ କୋହଳ କରିଛନ୍ତି। ଅନ୍ୟ ଦେଶଗୁଡ଼ିକ ଜରୁରିକାଳୀନ ଇନ୍ଧନ ଭଣ୍ଡାରରୁ ଅଧିକ ତେଲ ମୁକ୍ତ ନକଲେ ୟୁରୋପକୁ ଆମେରିକାର ଡିଜେଲ୍ ରପ୍ତାନି ବନ୍ଦ କରିବାକୁ ମଧ୍ୟ ସେ ଚେତାବନୀ ଦେଇଛନ୍ତି। ଅକ୍ଟୋବର ୯ରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ରୁଷ୍ ପ୍ରଥମେ ୩ ଲକ୍ଷ ମେଟ୍ରିକ୍ ଟନ୍ ଡିଜେଲ୍ ରପ୍ତାନି କରିବ। ଏହା ପରେ ନଭେମ୍ବରରେ ୫ ଲକ୍ଷ ଟନ୍ ଏବଂ ତା'ପରେ ଆଉ ୧୦ ଲକ୍ଷ ଟନ୍ ଯୋଗାଣ କରାଯିବ। ଏହି ପରିମାଣ ବିଶ୍ୱ ବଜାର ସମେତ ଆମେରିକାକୁ ଯୋଗାଣ ପାଇଁ ଘୋଷିତ ହୋଇଛି। ତେଣୁ ଏହା ସମ୍ପୂର୍ଣ୍ଣ ଭାବେ ଆମେରିକାକୁ ଆସିବ ବୋଲି ସ୍ପଷ୍ଟ ହୋଇନାହିଁ। ରୁଷ୍ ଉପରେ ୟୁରୋପୀୟ ସଂଘର ତୈଳଜାତ ଦ୍ରବ୍ୟ ଆମଦାନି କଟକଣା ୨୦୨୩ ଫେବ୍ରୁଆରିରୁ ଲାଗୁ ହେବା ପରଠାରୁ ରୁଷ୍ ମୁଖ୍ୟତଃ ବ୍ରାଜିଲ୍, ତୁର୍କୀ ଓ ଆଫ୍ରିକୀୟ ଦେଶଗୁଡ଼ିକୁ ଡିଜେଲ୍ ରପ୍ତାନି କରୁଥିଲା। ନୂଆ ଚୁକ୍ତି ଯୋଗୁଁ ରୁଷ୍ର ରପ୍ତାନି ପୁଣି ବଢ଼ିବା ସହ ଆନ୍ତର୍ଜାତିକ ଇନ୍ଧନ ବଜାରରେ ଯୋଗାଣ ବୃଦ୍ଧି ପାଇବାର ଆଶା ରହିଛି।

# ଆରବିଆଇ ଗଭର୍ଣ୍ଣରଙ୍କ ମନ୍ତବ୍ୟ ପରେ ବଢ଼ିଲା ଚର୍ଚ୍ଚା



**ନୂଆଦିଲ୍ଲୀ:** ଟାଟା ଗ୍ରୁପରେ ମୂଳ ହୋଲ୍ଡିଂ କମ୍ପାନି ଟାଟା ସନ୍ସକୁ ସେୟାର ବଜାରରେ ତାଲିକାଭୁକ୍ତ ହେବାକୁ ପଡ଼ିପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଶୁକ୍ରବାର ଏ ସମ୍ପର୍କରେ ନିୟମ ସ୍ପଷ୍ଟ କରିବା ପରେ ଏହି ଚର୍ଚ୍ଚା ଜୋର ଧରିଛି। ତେବେ ସେ ଟାଟା ସନ୍ସ ସମ୍ପର୍କରେ ସିଧାସଳଖ କୌଣସି ମତ ଦେଇନାହାନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମାଲହୋତ୍ରା କହିଛନ୍ତି, ଆର୍ବିଆଇର ନିୟମ ଅନୁଯାୟୀ ଯେଉଁ ଅଣବ୍ୟାଙ୍କିଂ ଆର୍ଥିକ ସଂସ୍ଥା (ଏନ୍ବିଏଫ୍ସି) ଉଚ୍ଚସ୍ତର ବା 'ଅପର ଲେୟର୍'ରେ ରହିଛି, ତାହାକୁ ସେୟାର ବଜାରରେ ତାଲିକାଭୁକ୍ତ ହେବାକୁ ପଡ଼ିବ। ଏହି ନିୟମ ମୁଖ୍ୟତଃ ବୃହତ୍ ଓ ବ୍ୟବସ୍ଥାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସଂସ୍ଥାଗୁଡ଼ିକ ପାଇଁ ଲାଗୁ ହୋଇଥାଏ। ମାଲହୋତ୍ରାଙ୍କ କହିବା ଅନୁଯାୟୀ, କୋର୍ ଇନ୍ଭେଷ୍ଟମେଣ୍ଟ୍ କମ୍ପାନି (ସିଆଇସି) ଭଳି ସଂସ୍ଥାଗୁଡ଼ିକ ନିଜ ଗ୍ରୁପ୍ର ଅନ୍ୟ କମ୍ପାନିଗୁଡ଼ିକରେ ପୁଞ୍ଜିନିବେଶ କରିଥାନ୍ତି। ଏହି ସଂସ୍ଥାଗୁଡ଼ିକ ବ୍ୟାଙ୍କ ଋଣ, କର୍ପୋରେଟ୍ ବଣ୍ଡ ଓ ଅନ୍ୟ ମାଧ୍ୟମରେ ସାଧାରଣ ଲୋକଙ୍କ ଅର୍ଥ ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ହୋଇପାରନ୍ତି। ତେଣୁ ଆର୍ଥିକ ବ୍ୟବସ୍ଥାରେ ବିପଦ ରୋକିବା ପାଇଁ ଏଭଳି ସଂସ୍ଥାଗୁଡ଼ିକର ପଞ୍ଜୀକରଣ ଓ ନିୟନ୍ତ୍ରଣ ଆବଶ୍ୟକ। ଟାଟା ସନ୍ସକୁ ଆର୍ବିଆଇ ୨୦୨୨ରେ ଉଚ୍ଚସ୍ତରୀୟ ଏନ୍ବିଏଫ୍ସି ଭାବେ ବର୍ଗୀକୃତ କରିଥିଲା। କମ୍ପାନି ଏହାର ପଞ୍ଜୀକରଣ ପ୍ରମାଣପତ୍ର ଫେରାଇବା ପାଇଁ ୨୦୨୪ରେ ଆବେଦନ କରିଥିଲା। କିନ୍ତୁ ଆର୍ବିଆଇ ଏହାକୁ ନିକଟରେ ଖାରଜ କରି ନିୟମ ପାଳନ କରିବାକୁ କହିଛି। ଏହି ବର୍ଗର ସଂସ୍ଥାଗୁଡ଼ିକୁ ତାଲିକାଭୁକ୍ତ ହେବାକୁ ନିୟମ ଅନୁଯାୟୀ ତିନି ବର୍ଷ ସମୟ ମିଳିଥାଏ। ଅନ୍ୟପକ୍ଷରେ, ଟାଟା ସନ୍ସର ପ୍ରମୁଖ ଅଂଶୀଦାର ଟାଟା ଟ୍ରଷ୍ଟସ୍ କମ୍ପାନିକୁ ଘରୋଇ ଓ ଅଣତାଲିକାଭୁକ୍ତ ରଖିବା ସପକ୍ଷରେ ରହିଛି। ଟ୍ରଷ୍ଟସ୍ ପକ୍ଷରୁ ଟାଟା ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ସ ସଲ୍ୟୁସନ୍ସ ଏବଂ ଟାଟା କନ୍ସଲ୍ଟିଂ ଇଞ୍ଜିନିୟର୍ସକୁ ଟାଟା ସନ୍ସ ସହ ମିଶ୍ରଣ କରିବାର ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା କମ୍ପାନିର ଗଠନ ଓ ବ୍ୟବସାୟିକ ସ୍ୱରୂପ ବଦଳିପାରେ। ତେବେ ଏହି ପ୍ରସ୍ତାବକୁ ଟାଟା ସନ୍ସର ବୋର୍ଡ ଏବଂ ଆବଶ୍ୟକ ସ୍ଥଳେ ଆର୍ବିଆଇର ଅନୁମୋଦନ ମିଳିବା ଆବଶ୍ୟକ। ଟାଟା ସନ୍ସରେ ଟାଟା ଟ୍ରଷ୍ଟସ୍ର ପ୍ରାୟ ୬୬ ପ୍ରତିଶତ ଅଂଶଧନ ରହିଛି। ଅନ୍ୟପକ୍ଷରେ, ସାପୁରଜୀ ପାଲୋଞ୍ଜୀ ଗ୍ରୁପ୍ର ପ୍ରାୟ ୧୮.୩୭ ପ୍ରତିଶତ ଅଂଶଧନ ରହିଛି। ଏହି ଗ୍ରୁପ୍ ତାଲିକାଭୁକ୍ତ ହେବା ସପକ୍ଷରେ ଥିବାବେଳେ ଟାଟା ଟ୍ରଷ୍ଟସ୍ ମଧ୍ୟରେ ଏହାକୁ ନେଇ ମତଭେଦ ରହିଛି। ଏହି ପ୍ରସଙ୍ଗରେ ଟାଟା ସନ୍ସର ଭବିଷ୍ୟତ ନିଷ୍ପତ୍ତି ଆର୍ବିଆଇର ନିୟମ, କମ୍ପାନିର ପୁନର୍ଗଠନ ପ୍ରସ୍ତାବ ଓ ଅଂଶୀଦାରଙ୍କ ମତ ଉପରେ ନିର୍ଭର କରିବ।

# ତିଳକ ବର୍ମାଙ୍କ ବିସ୍ଫୋରଣ, ନ୍ୟୁଜିଲାଣ୍ଡଠାରୁ ବିଜୟ ଛଡ଼ାଇ ଆଣିଲା ଭାରତ

## ଶେଷ ୩୨ ବଲରେ ୬୯ ରନର ଭାଗୀଦାରି, ୨-୦ରେ ଆଗୁଆ ଟିମ୍ ଇଣ୍ଡିଆ

ଖ୍ରୀଷ୍ଟଚର୍ଚ୍ଚ,୨୪।୧୦(ଏଜେନ୍ସି): ଶେଷ ୧୮ ବଲରେ ଦରକାର ଥିଲା ୪୬ ରନ୍। ଭାରତର ବିଜୟ ଆଶା ମଉଳିବାକୁ ବସିଥିବା ବେଳେ ଦଳକୁ ରୋମାଞ୍ଚକର ବିଜୟ ଦେଇଛନ୍ତି ତିଳକ ବର୍ମା ଓ ନୀତୀଶ କୁମାର ରେଡ୍ଡୀ। ଉଭୟଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ବଳରେ ନ୍ୟୁଜିଲ୍ୟାଣ୍ଡକୁ ଦ୍ୱିତୀୟ ଟି-୨୦ରେ ୪ ୱିକେଟରେ ହରାଇଛି ଭାରତ। ଏହି ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୨-୦ରେ ଆଗୁଆ ହୋଇଛି।



ନ୍ୟୁଜିଲାଣ୍ଡ ଦେଇଥିବା ୧୮୧ ରନର ଲକ୍ଷ୍ୟକୁ ପିଛା କରି ଭାରତ ଗୋଟିଏ ସମୟରେ ୭୦ ରନରେ ୫ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ପରେ ୧୧୨ ରନରେ ଷଷ୍ଠ ୱିକେଟର ପତନ ହେବାରୁ ଦଳର ବିଜୟ ଆଶା କ୍ଷୀଣ ହୋଇଥିଲା। କିନ୍ତୁ ତିଳକ ଓ ରେଡ୍ଡୀ ହାର୍ ମାନିନଥିଲେ। ଶେଷ ୩୨ ବଲରେ ୬୯ ରନ୍ ଯୋଡ଼ି ଉଭୟ ଭାରତକୁ ଅବିଶ୍ୱସନୀୟ ବିଜୟ ଦେଇଥିଲେ।

ତିଳକ ୨୬ ବଲରୁ ଅପରାଜିତ ୫୧ ରନ୍ କରିଥିବା ବେଳେ ନୀତୀଶ ରେଡ୍ଡୀ ମାତ୍ର ୧୩ ବଲରୁ ୨୬ ରନ୍ ସଂଗ୍ରହ କରିଥିଲେ। ତିଳକଙ୍କ ଇନିଂସରେ ଚୌକା ଓ ଛକାର ଆକର୍ଷଣୀୟ ସମନ୍ୱୟ ଦେଖିବାକୁ ମିଳିଥିଲା। ବ୍ୟାଟିଂ ସହ ଦୁଇଟି କ୍ୟାଚ୍ ନେଇଥିବା ତିଳକଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଶେଷ ତିନି ଓଭରରେ ଭାରତକୁ ବଡ଼ ରନ୍ ଆବଶ୍ୟକ ଥିଲା। ୧୮ତମ ଓଭରରୁ ୧୭ ରନ୍ ମିଳିବା ପରେ ୧୨ ବଲ୍ରେ ୨୯ ରନ୍ ଦରକାର ହୋଇଥିଲା। ୧୯ତମ ଓଭରରେ ତିଳକ ଓ ରେଡ୍ଡୀ ୧୮ ରନ୍ ହାସଲ କରି ମ୍ୟାଚ୍କୁ ରୋମାଞ୍ଚକର ସ୍ଥିତିକୁ ନେଇଥିଲେ। ଶେଷ ଓଭରରେ ଭାରତକୁ ୧୧ ରନ୍ ଆବଶ୍ୟକ ଥିଲା। ରେଡ୍ଡୀ ଓଭରର ପ୍ରଥମ ବଲରେ ଗୋଟିଏ ରନ୍ ନେଇଥିଲେ। ପରବର୍ତ୍ତୀ ବଲରେ ଚୌକା ଓ ତୃତୀୟ ବଲରେ ଦୁଇ ରନ୍ ନେଇ ତିଳକ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଚତୁର୍ଥ ବଲରେ ଗୋଟିଏ ରନ୍ ମିଳିବା ପରେ ଭାରତକୁ ଶେଷ ଦୁଇ ବଲରେ ତିନି ରନ୍ ଦରକାର ଥିଲା। ଜ୍ୟାକବ୍ ଡଫିଙ୍କ ପରବର୍ତ୍ତୀ ବଲ୍ ୱାଇଡ୍ ହେବାରୁ ଭାରତର ଚାପ କମିଥିଲା। ଏହାପରେ ରେଡ୍ଡୀ ଦୁଇ ରନ୍ ନେଇ ଗୋଟିଏ ବଲ୍ ବାକି ଥାଇ ଦଳକୁ ବିଜୟୀ କରାଇଥିଲେ। ଏହାପୂର୍ବରୁ ଗ୍ଲେନ୍ ଫିଲିପ୍ସଙ୍କ ୭୦ ଓ ବେଭନ୍ ଜ୍ୟାକବ୍ସଙ୍କ ୫୮ ରନ୍ ବଳରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୦ ରନ୍ କରିଥିଲା। ପ୍ରାରମ୍ଭରେ ଭାରତୀୟ ବୋଲରମାନେ ତିନିଟି ୱିକେଟ୍ ନେଇ ଘରୋଇ ଦଳକୁ ଚାପରେ ରଖିଥିଲେ। ହେଲେ ଫିଲିପ୍ସ ଓ ଜ୍ୟାକବ୍ସ ଚତୁର୍ଥ ୱିକେଟରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ଦଳକୁ ମଜଭୁତ ସ୍ଥିତିକୁ ନେଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଦୁଇଟି ୱିକେଟ୍ ନେଇଥିଲେ। ୧୮୧ ରନର ଲକ୍ଷ୍ୟ ପିଛା କରି ଭାରତର ଶୀର୍ଷକ୍ରମ ବିଫଳ ହୋଇଥିଲା। ଅଭିଷେକ ଶର୍ମା ୨୭, ସଞ୍ଜୁ ସାମସନ୍ ୧୪ ଓ ବୈଭବ ସୂର୍ଯ୍ୟବଂଶୀ ୪ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ୍ ସାଣ୍ଟନର୍ ୨୧ ରନ୍ ଦେଇ ୪ଟି ୱିକେଟ୍ ନେଇ ଭାରତକୁ ବଡ଼ ଝଟ୍କା ଦେଇଥିଲେ। ନମନ ଧୀରଙ୍କ ୧୭ ବଲ୍ରୁ ୩୧ ରନର ଦ୍ରୁତ ଇନିଂସ ଭାରତର ପ୍ରତ୍ୟାବର୍ତ୍ତନରେ ସହାୟକ ହୋଇଥିଲା। ଶେଷରେ ତିଳକ ଓ ରେଡ୍ଡୀଙ୍କ ସାହସିକ ବ୍ୟାଟିଂ ଭାରତକୁ ବିଜୟୀ କରାଇଥିଲା। ଏହି ଫଳାଫଳ ସହ ଭାରତ ସିରିଜରେ ନିଜ ସ୍ଥିତି ମଜଭୁତ କରିଛି।

# ଉଦଯାପନୀରେ ନିଶାଦ,ମୋନା ଧ୍ୱଜାବାହକ

ନାଗୋୟା,୨୪।୧୦(ଏଜେନ୍ସି): ଜାପାନର ଆଇଚି-ନାଗୋୟା ସହରରେ ଅନୁଷ୍ଠିତ ଏସୀୟ ପାରା ଗେମ୍ସ ୨୦୨୬ର ଉଦଯାପନୀ ସମାରୋହ ଆଜି ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ମୋଟ ୧୧୪ଟି ପଦକ ହାସଲ କରି ଚତୁର୍ଥ ସ୍ଥାନ ଅଧିକାର କରିଛି । ଉଦଯାପନୀ ସମାରୋହରେ ଭାରତର ତାରକା ପାରା-ଆଥଲେଟ୍ ନିଶାଦ କୁମାର ଏବଂ ସୁଟର୍ ମୋନା ଅଗ୍ରୱାଲ ଭାରତୀୟ ପତାକା (ତ୍ରିରଙ୍ଗା) ଧରି ଦଳର ନେତୃତ୍ୱ ନେଇଥିଲେ । ଉଭୟ ଖେଳାଳି ଏହି ମହାକୁମ୍ଭରେ ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଏଥର ଭାରତୀୟ ଦଳ ମୋଟ ୧୧୪ଟି ପଦକ (୩୦ ସ୍ୱର୍ଣ୍ଣ, ୩୫ ରୌପ୍ୟ ଏବଂ ୪୯ ବ୍ରୋଞ୍ଜ) ଜିତିଛି । ଏହା ପୂର୍ବରୁ ୨୦୨୨ ହାଂଝୋଉ ଏସୀୟ ପାରା ଗେମ୍ସରେ ଭାରତ ୧୦୮ଟି ପଦକ ଜିତିଥିବାବେଳେ, ଚଳିତଥର ସେହି ରେକର୍ଡ ଭାଙ୍ଗି ନୂତନ କୀର୍ତ୍ତିସ୍ଥାପନ କରିଛି । ଏହି ପ୍ରତିଯୋଗିତାରେ ମୋଟ ୪୩୫ଟି ପଦକ ସହିତ ଚୀନ୍ ପ୍ରଥମ ସ୍ଥାନରେ ରହିଛି । ସେହିପରି ଆତିଥ୍ୟ ଗ୍ରହଣ କରିଥିବା ଜାପାନ ୧୮୬ ପଦକ ସହ ଦ୍ୱିତୀୟ, ଉଜବେକିସ୍ତାନ ୧୪୫ ପଦକ ସହ ତୃତୀୟ ଏବଂ ଦକ୍ଷିଣ କୋରିଆ ୧୦୦ ପଦକ ସହ ପଞ୍ଚମ ସ୍ଥାନରେ ରହିଛି ।



ନିଶାଦ କୁମାର ହାଇ ଜମ୍ପ ଏବଂ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୂର୍ବରୁ ସେ ଟୋକିଓ ଏବଂ ପ୍ୟାରିସ ପାରାଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ଜିତିସାରିଛନ୍ତି । ମୋନା ଅଗ୍ରୱାଲ ମହିଳାଙ୍କ ୧୦ ମିଟର ଏୟାର ରାଇଫଲ୍ ଏବଂ ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ସ ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବା ସହ ଗେମ୍ସ ଓ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି । ଭାରତୀୟ ପାରା-ଆଥଲେଟ୍ମାନଙ୍କ ଏହି ଐତିହାସିକ ସଫଳତାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗର୍ବ ଓ ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଖେଳାଳିଙ୍କ ଏହି କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଦେଶର ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ କଠିନ ପରିସ୍ଥିତିରେ ବି ହାର ନ ମାନିବା ପାଇଁ ପ୍ରେରଣା ଯୋଗାଇବ । ସୂଚନାଯୋଗ୍ୟ, ଆଗାମୀ ଷଷ୍ଠ ଏସୀୟ ପାରା ଗେମ୍ସ ୨୦୩୦ ମସିହାରେ କାତାରର ଦୋହା ସହରରେ ଅନୁଷ୍ଠିତ ହେବ ।

# ଆଇଓଏ ଆଥଲେଟ୍ସ କମିସନ ନିର୍ବାଚନ: ୯ କ୍ରୀଡ଼ାରୁ ୧୨ ପ୍ରାର୍ଥୀ

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ଆଥଲେଟ୍ସ କମିସନ ନିର୍ବାଚନକୁ ନେଇ କ୍ରୀଡ଼ା ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ନଅଟି କ୍ରୀଡ଼ାରୁ ୧୨ ଜଣ ଖେଳାଳି ୧୦ଟି ନିର୍ବାଚିତ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ କମିସନରେ ବିଭିନ୍ନ କ୍ରୀଡ଼ାର ଯଥାସମ୍ଭବ ପ୍ରତିନିଧିତ୍ୱ କିପରି ସୁନିଶ୍ଚିତ ହେବ, ତାହା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ୨୦୨୬-୨୦୩୦ ଅବଧି ପାଇଁ ଏହି ନିର୍ବାଚନ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଆଇଓଏ ଆଥଲେଟ୍ସ କମିସନ ହେଉଛି ଭାରତୀୟ କ୍ରୀଡ଼ା ପ୍ରଶାସନରେ ଖେଳାଳିଙ୍କ ସ୍ୱରକୁ ପ୍ରତିନିଧିତ୍ୱ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା। ଖେଳାଳିଙ୍କ ସ୍ୱାର୍ଥ, ସେମାନଙ୍କ ସମସ୍ୟା ଓ କ୍ରୀଡ଼ା ପ୍ରଶାସନ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଏହାର ଭୂମିକା ରହିଛି। ତେଣୁ କମିସନରେ କେଉଁ କ୍ରୀଡ଼ାରୁ କେତେ ଜଣ ପ୍ରତିନିଧି ରହିବେ, ତାହାକୁ ନେଇ ନିର୍ବାଚନ ନିୟମର ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉଛି।

### ୧୦ଟି ଆସନ ପାଇଁ ୧୨ ଜଣ ପ୍ରାର୍ଥୀ

ଆଥଲେଟ୍ସ କମିସନରେ ମୋଟ ୧୦ ଜଣ ନିର୍ବାଚିତ ସଦସ୍ୟ ରହିବେ। ଏଥିରେ ପାଞ୍ଚ ଜଣ ପୁରୁଷ ଓ ପାଞ୍ଚ ଜଣ ମହିଳା ଖେଳାଳି ସାମିଲ ହେବେ। ନଅଟି କ୍ରୀଡ଼ାରୁ ୧୨ ଜଣ ପ୍ରାର୍ଥୀ ଏହି ଆସନ ପାଇଁ ନାମାଙ୍କନ କରିଛନ୍ତି। ଏହି ପ୍ରାର୍ଥୀମାନଙ୍କ ମଧ୍ୟରେ ଅଲିମ୍ପିକ୍ ଓ ଅନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ପାଇଁ ଖେଳିଥିବା ଅନେକ ପରିଚିତ ଖେଳାଳି ରହିଛନ୍ତି।

ପୁରୁଷ ବର୍ଗରେ କାନୋଇଂ ଓ କାୟାକିଂର ମନଜିତ୍ ସିଂହ, ସୁଟିଂର ସ୍ୱପ୍ନିଲ ସୁରେଶ କୁସାଲେ, ହକିର ହରମନପ୍ରୀତ ସିଂହ, ସନ୍ତରଣର ସାଜନ ପ୍ରକାଶ, ବ୍ୟାଡମିଣ୍ଟନର କିଦାମ୍ବି ଶ୍ରୀକାନ୍ତ ଏବଂ ଆଥଲେଟିକ୍ସର ତଜିନ୍ଦରପାଲ ସିଂହ ତୁର୍ ପ୍ରାର୍ଥୀ ହୋଇଛନ୍ତି।

ମହିଳା ବର୍ଗରେ ବ୍ୟାଡମିଣ୍ଟନର ପିଭି ସିନ୍ଧୁ, ହକିର ସଲିମା ଟେଟେ, ଭାରୋତ୍ତୋଳନର ମୀରାବାଇ ଚାନୁ, ତୀରନ୍ଦାଜିର ଏଲ୍ ବମ୍ବାଇଲା ଦେବୀ, ଆଥଲେଟିକ୍ସର ସୁଧା ସିଂହ ଏବଂ ଫେନ୍ସିଂର ଭବାନୀ ଦେବୀ ନିର୍ବାଚନ ମଇଦାନରେ ଅଛନ୍ତି।

### ନିୟମରେ ରହିଛି ସମାନ ପ୍ରତିନିଧିତ୍ୱର ବ୍ୟବସ୍ଥା

ଆଇଓଏ ଆଥଲେଟ୍ସ କମିସନ ନିର୍ବାଚନ ନିୟମ, ୨୦୨୬ର ଧାରା ୮.୬ରେ ବିଭିନ୍ନ କ୍ରୀଡ଼ାରୁ ସର୍ବାଧିକ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନିୟମ ଅନୁସାରେ, ଯେତେଦୂର ସମ୍ଭବ, ଗୋଟିଏ କ୍ରୀଡ଼ାରୁ ଏକାଧିକ ଖେଳାଳିଙ୍କୁ କମିସନରେ ସ୍ଥାନ ନଦେଇ ବିଭିନ୍ନ କ୍ରୀଡ଼ାର ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ଉଦ୍ୟମ କରାଯିବ।

ବର୍ତ୍ତମାନର ପ୍ରାର୍ଥୀ ତାଲିକାକୁ ଦେଖିଲେ ଆଥଲେଟିକ୍ସ, ବ୍ୟାଡମିଣ୍ଟନ ଓ ହକିରୁ ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ରହିଛନ୍ତି। ଅନ୍ୟ ଛଅଟି କ୍ରୀଡ଼ାରୁ ଜଣେ ଲେଖାଏଁ ପ୍ରାର୍ଥୀ ଅଛନ୍ତି। ତେଣୁ ନିର୍ବାଚନରେ ନଅଟି କ୍ରୀଡ଼ାକୁ ପ୍ରତିନିଧିତ୍ୱ ଦେବା ସହ ଗୋଟିଏ କ୍ରୀଡ଼ାରୁ ଦୁଇ ଜଣଙ୍କୁ ସ୍ଥାନ ଦେବାର ସୁଯୋଗ ରହିଛି।

ତେବେ ନିୟମରେ ପ୍ରତ୍ୟେକ କ୍ରୀଡ଼ା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଆସନ ସଂରକ୍ଷିତ ନାହିଁ। ସେହିପରି କେଉଁ କ୍ରୀଡ଼ାରୁ ଦୁଇ ଜଣ ସଦସ୍ୟ ରହିବେ, ତାହା ମଧ୍ୟ ପୂର୍ବରୁ ନିର୍ଦ୍ଧାରିତ ହୋଇନାହିଁ। ନିର୍ବାଚନ ପ୍ରକ୍ରିୟା ଓ ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତକୁ ଅନୁସରଣ କରି ଚୂଡ଼ାନ୍ତ ଗଠନ କରାଯିବ।

### ଅଲିମ୍ପିକ୍ ଅଭିଜ୍ଞତା ଓ ପଦକ ବିଜେତାଙ୍କ ପାଇଁ ସର୍ତ୍ତ

କମିସନରେ ସଦସ୍ୟ ଚୟନ ପାଇଁ କେବଳ ନିର୍ବାଚନ ଜିତିବା ଯଥେଷ୍ଟ ନୁହେଁ; ନିୟମରେ ଖେଳାଳିଙ୍କ କ୍ରୀଡ଼ାଗତ ଯୋଗ୍ୟତା ସମ୍ପର୍କରେ ମଧ୍ୟ ସ୍ପଷ୍ଟ ବ୍ୟବସ୍ଥା ରହିଛି।

ଧାରା ୮.୧ ଅନୁସାରେ ୧୦ ଜଣ ସଦସ୍ୟଙ୍କ ମଧ୍ୟରେ ପାଞ୍ଚ ଜଣ ପୁରୁଷ ଓ ପାଞ୍ଚ ଜଣ ମହିଳା ରହିବା ଆବଶ୍ୟକ। ଧାରା ୮.୨ ଅନୁସାରେ, ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ଛଅ ଜଣ ଗତ ତିନୋଟି ଅଲିମ୍ପିକ୍ କ୍ରୀଡ଼ାର ଅନ୍ତତଃ ଗୋଟିଏ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଆବଶ୍ୟକ। ଏହି ଛଅ ଜଣଙ୍କ ମଧ୍ୟରେ ତିନି ଜଣ ପୁରୁଷ ଓ ତିନି ଜଣ ମହିଳା ରହିବେ।

ଅବଶିଷ୍ଟ ଚାରିଟି ଆସନ ପାଇଁ ଗତ ତିନୋଟି ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଚାମ୍ପିଅନସିପ୍/କପ୍ କିମ୍ବା ଜାତୀୟ କ୍ରୀଡ଼ାର ଅନ୍ତତଃ ଗୋଟିଏ ସଂସ୍କରଣରେ ପଦକ ଜିତିଥିବା ଖେଳାଳିଙ୍କୁ ବିଚାର କରାଯିବ। ଏହି ବର୍ଗରେ ଦୁଇ ଜଣ ପୁରୁଷ ଓ ଦୁଇ ଜଣ ମହିଳା ରହିବେ। ଏହା ସହ ଅଲିମ୍ପିକ୍ ଅଭିଜ୍ଞତା ଥିବା ସଦସ୍ୟଙ୍କ ମଧ୍ୟରେ ଯଥାସମ୍ଭବ ବ୍ୟକ୍ତିଗତ ଓ ଦଳଗତ କ୍ରୀଡ଼ାର ପ୍ରତିନିଧିତ୍ୱ ରଖିବାକୁ ନିୟମରେ କୁହାଯାଇଛି।

### ନଭେମ୍ବର ୩ରେ ନିର୍ବାଚନ

ଆଇଓଏର ୨୦୨୬ ନିର୍ବାଚନ ପ୍ରକ୍ରିୟା ଅନୁସାରେ ଆଥଲେଟ୍ସ କମିସନ ପାଇଁ ନଭେମ୍ବର ୩ରେ ଭୋଟ୍ ଗ୍ରହଣ, ଗଣତି ଓ ଫଳାଫଳ ଘୋଷଣା କରାଯିବାର କାର୍ଯ୍ୟସୂଚୀ ରହିଛି। ଏହି ପ୍ରକ୍ରିୟାର ତଦାରଖ ପାଇଁ ପୂର୍ବତନ ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ଶ୍ରୀବାସ୍ତବଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଆଇଓଏର କାର୍ଯ୍ୟନିର୍ବାହୀ ପରିଷଦ ନିର୍ବାଚନ ଡିସେମ୍ବର ୫ରେ ହେବାକୁ ଧାର୍ଯ୍ୟ ହୋଇଛି। ଆଥଲେଟ୍ସ କମିସନର ଚୂଡ଼ାନ୍ତ ଗଠନରେ ଖେଳାଳିଙ୍କ ଅଲିମ୍ପିକ୍ ଅଭିଜ୍ଞତା, ଅନ୍ତର୍ଜାତୀୟ ପଦକ ସଫଳତା ଓ କ୍ରୀଡ଼ାଭିତ୍ତିକ ପ୍ରତିନିଧିତ୍ୱ ଗୁରୁତ୍ୱ ପାଇବ। ନଅଟି କ୍ରୀଡ଼ାରୁ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବାର ସୁଯୋଗ ଥିବାରୁ ନିର୍ବାଚନର ଫଳାଫଳ ଭାରତୀୟ କ୍ରୀଡ଼ା ପ୍ରଶାସନରେ ଖେଳାଳିଙ୍କ ଭୂମିକା ଓ ସ୍ୱରକୁ ଆଗକୁ ନେବା ଦିଗରେ ଗୁରୁତ୍ୱ ବହନ କରିବ।

# ଶୁଭ୍ରାଂଶୁ, ରୋଶନୀ, ସୀମାଙ୍କ କ୍ରମାଗତ ବିଜୟ

ଭୁବନେଶ୍ୱର,୨୪।୧୦(ସବ୍ୟୁ): ବଲାଙ୍ଗୀରର ଆର୍ ଏନ୍ ସିଂହଦେଓ ସ୍ପୋର୍ଟସ୍ କଂପ୍ଲେକ୍ସସ୍ଥିତ 'ବୋଲିଂ ଗ୍ରୀନ୍ସ' କୋର୍ଟରେ ଚାଲିଥିବା ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଷଷ୍ଠ ଜାତୀୟ ୨୫ ବର୍ଷରୁ କମ୍ ଲନ୍ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶୁଭ୍ରାଂଶୁ ଡାଙ୍ଗ, ରୋଶନୀ ସାହୁ, ସୀମା ମୁଣ୍ଡା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ୨୫ ବର୍ଷରୁ କମ୍ ବର୍ଗ ବାଳକ ଏକକରେ ଶୁଭ୍ରାଂଶୁ ଡାଙ୍ଗ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୨ରେ ଏବଂ ଅଂଶୁମାନ ବାଗ ୨୩-୪ରେ ମେଘାଳୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ବାଳିକା ଏକକରେ ସୀମା ମୁଣ୍ଡା ୧୭-୧୨ରେ ବିହାର ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ ଦେଇଛନ୍ତି। ମିଶ୍ରିତ ଯୁଗଳରେ ଉମାଶଙ୍କର ପଟେଲ୍ ଓ ଝାନସୀରାଣୀ ସୁନା ୧୫-୧୧ରେ ମେଘାଳୟ ଯୋଡ଼ିଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ୧୮ ବର୍ଷରୁ କମ୍ ବାଳକ ଏକକରେ ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ ୨୧-୧୧ରେ ଝାଡ଼ଖଣ୍ଡ ଯୋଡ଼ିଙ୍କୁ ପରାସ୍ତ କରି ସମ୍ଭାବନା କାଏମ ରଖିଛନ୍ତି। ଏହି ବୟସ ବର୍ଗର ବାଳିକା ଏକକରେ ରୋଶନୀ ସାହୁ ତାଙ୍କ ପଞ୍ଜାବ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତରଫା ଭାବେ ୨୧-୦ରେ ପରାସ୍ତ କରିଥିଲେ।



**ଜାତୀୟ ଲନବଲ ଦ୍ୱିତୀୟ ଦିନ**

# ଯୁବ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିବେ ତନଭୀ

ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ସେନେଗାଲର ଡାକାରଠାରେ ଅକ୍ଟୋବର ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୦୨୬ ଯୁବ ଅଲିମ୍ପିକ୍ସ ପାଇଁ ଭାରତୀୟ ବ୍ୟାଡମିଣ୍ଟନ ଦଳ ଚୟନ କରାଯାଇଛି। ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ତନଭୀ ପାତ୍ରୀ ଓ ଦେବ ରୂପରେଲିଆ ଅଂଶଗ୍ରହଣ କରିବେ। ବ୍ୟାଡମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆର ଜୁନିୟର ଚୟନ କମିଟି ଉଭୟ ଖେଳାଳିଙ୍କୁ ମନୋନୀତ କରିଛି। ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ଭର୍ଚୁଆଲ୍ ଚୟନ କମିଟି ବୈଠକରେ ଖେଳାଳିଙ୍କ ବିଶ୍ୱ ଜୁନିୟର ମାନ୍ୟତା, ବୟସ ଯୋଗ୍ୟତା ଏବଂ ସାମ୍ପ୍ରତିକ ପ୍ରଦର୍ଶନକୁ ବିଚାରକୁ ନିଆଯାଇ ଏହି ଚୟନ କରାଯାଇଛି। ବିଶ୍ୱ ବ୍ୟାଡମିଣ୍ଟନ ମହାସଂଘର ଜୁନିୟର ମାନ୍ୟତା ତାଲିକାରେ ଦେବ ଚତୁର୍ଥ ଏବଂ ତନଭୀ ଅଷ୍ଟମ ସ୍ଥାନରେ ରହିଛନ୍ତି।



ଯୁବ ଅଲିମ୍ପିକ୍ସର ବ୍ୟାଡମିଣ୍ଟନ ପ୍ରତିଯୋଗିତା ନଭେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ପୁରୁଷ ଏକକ, ମହିଳା ଏକକ ଓ ମିଶ୍ରିତ ଯୁଗଳ—ଏହି ତିନିଟି ବର୍ଗରେ ପ୍ରତିଯୋଗିତା ହେବ। ଭାରତରୁ ଜଣେ ପୁରୁଷ ଓ ଜଣେ ମହିଳା ଖେଳାଳିଙ୍କୁ ମନୋନୀତ କରିବାର ବ୍ୟବସ୍ଥା ରହିଛି। ଦେବ ରୂପରେଲିଆ ପୁରୁଷ ଏକକ ଏବଂ ତନଭୀ ପାତ୍ରୀ ମହିଳା ଏକକ ବର୍ଗରେ ଖେଳିବେ। ଏହା ସହ ଉଭୟ ମିଶ୍ରିତ ଯୁଗଳ ବର୍ଗରେ ମଧ୍ୟ ଭାରତର ପ୍ରତିନିଧିତ୍ୱ କରିବେ। ଫଳରେ ଏହି ଦୁଇ ଖେଳାଳିଙ୍କ ଉପରେ ଭାରତର ପଦକ ଆଶା ରହିବ। ଡାକାର ଯୁବ ଅଲିମ୍ପିକ୍ସ ପାଇଁ ଭାରତ ମୋଟ ୧୭ ଜଣ ଖେଳାଳିଙ୍କୁ ପଠାଇବ। ଏଥିରେ ୧୧ ଜଣ ମହିଳା ଓ ୬ ଜଣ ପୁରୁଷ ଖେଳାଳି ରହିଛନ୍ତି। ବିଭିନ୍ନ କ୍ରୀଡ଼ାରେ ଏହି ଖେଳାଳିମାନେ ଦେଶର ପ୍ରତିନିଧିତ୍ୱ କରିବେ। ଭାରତୀୟ ଦଳରେ ତୀରନ୍ଦାଜୀରୁ ଗଥା ଆନନ୍ଦରାଓ, ମହିଳା ୧୦୦ ମିଟର ବାଧାଦୌଡ଼ରୁ ଶୌର୍ଯ୍ୟା ଅମ୍ବୁରେ, ବ୍ୟାଡମିଣ୍ଟନରୁ ତନଭୀ ପାତ୍ରୀ ଓ ଦେବ ରୂପରେଲିଆ ସ୍ଥାନ ପାଇଛନ୍ତି। ମୁଷ୍ଟିଯୁଦ୍ଧରେ ମହିଳା ୪୮ କିଲୋଗ୍ରାମ ବର୍ଗରୁ ଗୁଞ୍ଜନ ଏବଂ ପୁରୁଷ ୫୦ କିଲୋଗ୍ରାମ ବର୍ଗରୁ ଅମ୍ବେକର ଲାଇରେନଲକପାମ ଭାରତ ପାଇଁ ଖେଳିବେ। ଅଶ୍ୱଚାଳନାର ବ୍ୟକ୍ତିଗତ ଜମ୍ପିଂରେ ଶ୍ରେଷ୍ଠ ରାଜୁ ଏବଂ ଜୁଡୋର ମହିଳା ୬୩ କିଲୋଗ୍ରାମ ବର୍ଗରେ ଖୁସ୍ବୁ ଦର୍ଜାଦା ଅଂଶଗ୍ରହଣ କରିବେ। ଜଳକ୍ରୀଡ଼ାରେ ଧିନିଧି ଦେଶିଙ୍ଗୁ ମହିଳା ୧୦୦ ମିଟର ଫ୍ରିଷ୍ଟାଇଲ୍, ୨୦୦ ମିଟର ଫ୍ରିଷ୍ଟାଇଲ୍ ଓ ୨୦୦ ମିଟର ବ୍ୟକ୍ତିଗତ ମେଡଲିରେ ଭାଗ ନେବେ। ପୁରୁଷ ବିଭାଗରେ ତୀର୍ଥଙ୍କ ପେଗୁ ୧୦୦ ମିଟର ଓ ୨୦୦ ମିଟର ବଟରଫ୍ଲାଏରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଟେବୁଲ୍ ଟେନିସରେ ସିନ୍ଦ୍ରେଲା ଦାସ, ବିଚ୍ ରେସଲିଂରେ ଅନ୍ତ୍ରା, ତାନିୟା, ଅନୁଜ ଅନୁଜ ଓ ଦୀପାଂଶୁ ଖୋଖର ଭାରତର ପ୍ରତିନିଧିତ୍ୱ କରିବେ।

# ସୌରେନ୍ଦ୍ର ପ୍ରସାଦ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍: ଆରିଶ ବିଜେତା

ଭୁବନେଶ୍ୱର,୨୪।୧୦(ସବ୍ୟୁ): ଷଷ୍ଠ ସୌରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ ଚାମ୍ପିଅନସିପରେ ୟୁନିଟ୍-୮ ଡିଏଭି ସ୍କୁଲର ଛାତ୍ର ଆରିଶ ନନ୍ଦ ଗୌସ୍ୱାମୀ ଚାମ୍ପିଅନ ହୋଇଛନ୍ତି। ୪ ରାଉଣ୍ଡ ବିଶିଷ୍ଟ ମ୍ୟାଚରେ ଆରିସ ୩.୫ ପଏଣ୍ଟ ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟ, ଓମ୍ ଶତପଥୀ ତୃତୀୟ, ସତଭିକ ମହାନ୍ତି ଚତୁର୍ଥ ଏବଂ ଆହାନ ଅଭିଜ୍ଞାନ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୭,୯,୧୧,୧୩ ଏବଂ ବାଳିକା ବର୍ଗରେ ଦୁଇ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଶ ନନ୍ଦ ଗୋସ୍ୱାମୀ, ଅର୍ପିତ ପଟ୍ଟନାୟକ, ସ୍ୱୟମସିଦ୍ଧି ସାହୁ, ଆଶିଷ ଅମୃତ ପରିଡା, ଲୋକିତ ଲଭ୍ୟାଂଶ, ସୌଭିକ ମହାପାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ରୟାଲ ପବ୍ଲିକ ସ୍କୁଲର ଭାଇସ ପ୍ରିନ୍ସିପାଲ, ପ୍ରଜ୍ଞା ପରମିତା ସାହୁ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।







ସୂଚନା




ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୀଡ଼ାଙ୍କି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୪୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୪୩୩୧୭୪ରେ ଯୋଗାଯୋଗ କରନ୍ତୁ।





Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି